

# ବ୍ୟଙ୍ଗ ପ୍ରମାଦ

ବନ୍ୟା ଯାଇ ଅଛି ଛାଡ଼ି
ଚାଷୀର ଛାତି ଫାଟିଯାଏ
ଫସଲ ଯାଇଛି ସବୁ ଉଜୁଡ଼ି
ମୁଣ୍ଡ ଝାଳ ମାରି ଚାଷ କରିଥିଲା
ଏବେ କାନ୍ଦୁଛି ସେ ମୁଣ୍ଡ କୋଡ଼ି
ସରକାର କ୍ଷତି ପୂରଣ ନ ଦେଲେ
ଚାଷୀ ଋଣ ଭାରେ ଯିବ ବୁଡ଼ି
ବିରୋଧି କହିଲେ ରିଲିଫ ମିଳୁନି
ସରକାର ଗାଦି ଦିଅ ତୁମେ ଛାଡ଼ି ।


# ଜନବାର୍ତ୍ତା

ସାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

LIVE
THE JANABARTTA
ଜନବାର୍ତ୍ତା
• ସାଭିମାନୀ ଓଡ଼ିଆଙ୍କ ସ୍ୱର •
Follow Us : Our Digital News Channel
: Janabartta Live
www.janabartta.com
epaper.janabartta.com

09 AUGUST to 15 AUGUST 2026
୦୯ ଅଗଷ୍ଟ ଠାରୁ ୧୫ ଅଗଷ୍ଟ, ୨୦୨୬

VOL- 1 ● ISSUE- 25 ବର୍ଷ-୧ ● ସଂଖ୍ୟା- ୨୫ | PRGI NO- ORORI/26/A0341. ● WEEKLY EDITION | ପୃଷ୍ଠା-୮ ● ମୂଲ୍ୟ-୮/- PAGES - 8 ● PRICE- 8/-


# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଯେତେବେଳେ ମୁଖ୍ୟ ନ୍ୟାୟାଧୀଶ କେତେକ ବେରୋଜଗାର ଯୁବକଙ୍କୁ 'ଅସରପା' ବୋଲି ସମ୍ବୋଧନ କଲେ, ଅଭିଜିତ ଦୀପକେ ଏକ କାଳ୍ପନିକ ଦଳ ଗଠନ କଲେ ଯାହାକି ଆଜି ସମସ୍ତେ ଜାଣନ୍ତି । ଏହା ଏକ ବ୍ୟଙ୍ଗ ଥିଲା । କିନ୍ତୁ ଦୁଇ ଦିନ ମଧ୍ୟରେ ଦୁଇ କୋଟି ଲୋକ ଏହାର ସଭ୍ୟ ହୋଇଗଲେ । ଯେତେବେଳେ ସୋନାମ ୱାଙ୍ଗଚୁକ୍ ଯନ୍ତର ମନ୍ତରରେ ଅନଶନ ଆରମ୍ଭ କଲେ ଓ ପୋଲିସ ବଳ ପ୍ରୟୋଗ କରିବା ଆରମ୍ଭ କଲେ, ସେତେବେଳେ 'ଅସରପା'ମାନେ ହଜାର ହଜାର ସଂଖ୍ୟାରେ ବାହାରି ଆସିଲେ । ସମସ୍ତେ ଜାଣନ୍ତି ଯେ, ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବୀ କେବଳ ଏକ ନାରା ଥିଲା । ଜେନଜିର ଏଭଳି ଉଚ୍ଛ୍ୱସିତ ଆବେଗ ପଛରେ ଏକ କ୍ଷୋଭ ଥିଲା – ଏକେ ତ ସେମାନଙ୍କ ସମସ୍ୟା କେହି ସମାଧାନ କଲେ ନାହିଁ, ତା ଉପରେ ସେମାନଙ୍କୁ 'ଅସରପା' ବୋଲି ଡାକିଲେ । ଭବିଷ୍ୟତରେ ସେମାନଙ୍କର କ୍ଷୋଭ କେଉଁ ରୂପ ନେବ ତାହା କଳନା କରିବା କଷ୍ଟ । କିନ୍ତୁ ସବୁ କ୍ଷୋଭ ପଛରେ ଥାଏ ଅଫୁରନ୍ତ ଶକ୍ତି । ଏବଂ ସେହି ଶକ୍ତିକୁ ସଠିକ ଭାବରେ ବ୍ୟବହାର କଲେ ରାଷ୍ଟ୍ର ପାଇଁ ଅନେକ ଅସାଧ କାମ ସହଜ ହୋଇଯିବ, ଯେଭଳି ବନ୍ୟାର ଉଦ୍ଦାମତାକୁ ସଠିକ ଭାବରେ ବ୍ୟବହାର କଲେ ହଜାର ହଜାର ଏକର ଜମିକୁ ଜଳସେଚିତ କରାଯାଇପାରେ । ଏକ 'ନକାରାତ୍ମକ' ଶକ୍ତିକୁ ଦେଶ ଗଠନରେ ବ୍ୟବହାର କରାଯାଇପାରିବ । ଆମ ଦେଶର ଦୁଇ ତୃତୀୟାଂଶ ବ୍ୟକ୍ତିଙ୍କ ବୟସ ୩୫ ବର୍ଷରୁ କମ୍ । ଯଦି ଆମେ ଏହି ଯୁବଶକ୍ତିକୁ ସଠିକ ସମୟରେ ବ୍ୟବହାର କରି ନ ପାରିବା ତେବେ ସେମାନେ ଦିନେ ସମାଜ ଉପରେ ବୋଝ ହୋଇଯିବେ । ଆମକୁ ଆଜି ହିଁ କାମରେ ଲାଗିବାକୁ ହେବ । ଯୁବଶକ୍ତି ପାଇଁ ନିମ୍ନଲିଖିତ ଏକ କାର୍ଯ୍ୟ ଖସଡ଼ାର ଅବତାରଣା କରାଗଲା ।



ବିଜୟ କୁମାର ପଟ୍ଟନାୟକ
ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା

ସମାଜରେ ଅନେକ ପରିବାର ଅଛନ୍ତି ଯେଉଁମାନଙ୍କର କେହି ନିଜ ଲୋକ ନାହାନ୍ତି । କିଏ ବୃଦ୍ଧ, କିଏ ବିଧବା, କାହାର ପାରିଲା ପୁଅ ବିଦେଶରେ ଦାଦନ ଖଟିବାକୁ ଯାଇଛି । କିଏ ଝୁପୁଡ଼ିରେ ରହୁଛି, କାହାର ପଟ୍ଟା ନାହିଁ, କାର୍ଡ ନାହିଁ । କିଏ ଗୁରୁତର ରୋଗରେ ପଡ଼ିଛି । ପାଖରେ ଥିବା ଡାକ୍ତରଖାନା ତାହାର ଚିକିତ୍ସା କରିବାକୁ ମନା କରିଦେଇଛି । ଦୂର ଡାକ୍ତରଖାନା ଯିବାକୁ ସମ୍ବଳ ନାହିଁ । କାହାର ଝିଅ ଅସଦାଚରଣର ଶିକାର ହୋଇଛି । ଥାନାକୁ ଗଲେ ସେ ଆହୁରି ନିର୍ଯାତିତ ହେଉଛି । ଏଗୁଡ଼ିକ ସବୁ ଦିନର କାହାଣୀ । ସେ କାହାଣୀରେ ଦେବଦୂତ ହେବା ପାଇଁ ଅନେକ ଯୁବକଙ୍କ ମନରେ ଇଚ୍ଛା ରହିଛି । ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ସେମାନେ ସଦାବେଳେ ଆଗ୍ରହୀ । କିନ୍ତୁ ସେମାନଙ୍କ ପଛରେ କୌଣସି ଅନୁଷ୍ଠାନ ନାହିଁ । ଥାନା ବା ଡାକ୍ତରଖାନାକୁ ଧାଇଁ ଯିବାକୁ ତାହାର ତିଳେ ମାତ୍ର ଦ୍ୱିଧା ନାହିଁ । କିନ୍ତୁ ଯଦି ଥାନାରେ ସେ ଦୁର୍ବ୍ୟବହାରର ଶିକାର ହୁଏ, ଯଦି ସେ ଡାକ୍ତରଖାନାରେ ଡାକ୍ତରଙ୍କର ସାହାଜ୍ୟ ନ ପାଏ ତେବେ ତାହାର ଅସହାୟତା ପୁଣି ଥରେ କ୍ଷୋଭରେ ରୂପାନ୍ତରିତ ହୋଇଯାଏ । ଏକ ସକାରାତ୍ମକ କାର୍ଯ୍ୟ ହିଂସାରେ ଶେଷ ହୁଏ । ଯୁବପୀଢ଼ିକୁ ଯଦି ସକାରାତ୍ମକ କାର୍ଯ୍ୟରେ ନିୟୋଜିତ କରାଯିବ ତାହା ହେଲେ ସେଥିପାଇଁ ଏକ ଆନୁଷ୍ଠାନିକ ବ୍ୟବସ୍ଥା ହେବା ଉଚିତ୍ । ଲୋକଙ୍କୁ ତାଙ୍କର ଅଧିକାର ବିଷୟରେ ସଚେତନ କରିବାକୁ ଓ ସେମାନେ ସେ ଅଧିକାର ପାଇବାକୁ ଯୁବଶକ୍ତିକୁ ବ୍ୟବହାର କରାଯିବା ଉଚିତ୍ । ମନେ ରଖିବାକୁ ହେବ ଯେ, ଜଣେ ଯୁବକ ବା ଯୁବତୀ ହଜାରେ ପ୍ରାଚୀରପତ୍ର ବା ବିଜ୍ଞାପନ ଠାରୁ ଅଧିକ ଶକ୍ତିଶାଳୀ ।

ଓଡ଼ିଶା ଏକ ସମ୍ଭାବନାର ସଂଭାର । ଆମର ଖଣିଜ ସମ୍ପଦ ପଡ଼ୋଶୀ ଆନ୍ଧ୍ରଠାରୁ ଢେର ଅଧିକ । କେବଳ ସେତିକି ନୁହେଁ, ଏହା ଭାରତ ବର୍ଷରେ ବିରଳ । ବକ୍ସାଇଟ, କୋଇଲା, ଲୁହା ପଥର, କ୍ରୋମାଇଟ, ବିରଳ ମୃତ୍ତିକା– ଏ ସବୁଥିରେ ଓଡ଼ିଶା ଭରପୂର । କିନ୍ତୁ ଏହାର ଲାଭ କେତେକ ମୁଷ୍ଟିମେୟ ଶିଳ୍ପପତିଙ୍କ ନିକଟକୁ ଯାଉଛି । ସେଇ ଅଞ୍ଚଳର ଲୋକେ ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ରହିଛନ୍ତି । ତାମିଲନାଡୁରେ ଯେଉଁ କିଶୋରୀମାନେ ଗ୍ୟାସ ଲିକ ଯୋଗୁଁ ପ୍ରାଣ ହରାଇଛନ୍ତି ସେମାନେ ସମସ୍ତେ ରତ୍ନଗର୍ଭା କେନ୍ଦୁଝର ଜିଲ୍ଲାର । ଓଡ଼ିଶାରେ ଯେତେ ପରିମାଣର ଇସ୍ପାତ୍ ବା ଆଲୁମିନିଅମ ପ୍ରସ୍ତୁତ ହେଉଛି ସେ ସବୁ ଓଡ଼ିଶା ବାହାରର ରାଜ୍ୟକୁ ଚାଲିଯାଉଛି । ସେଗୁଡ଼ିକୁ ବ୍ୟବହାର କରି କ୍ଷୁଦ୍ରଶିଳ୍ପ ଗଢ଼ି ଉଠି ନାହିଁ । ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । କିନ୍ତୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଗଢ଼ିଉଠି ନାହିଁ । ଓଡ଼ିଶାରେ ବହୁ ପରିମାଣର କପା ଚାଷ ହୁଏ । କିନ୍ତୁ ଓଡ଼ିଶା ବାହାରେ ଥିବା ଶିଳ୍ପମାନଙ୍କରେ ତହିଁରୁ ସୂତା ପ୍ରସ୍ତୁତ କରାଯାଏ, ଓଡ଼ିଶାରେ ନୁହେଁ । ସେ ସୂତା ପୁଣି ଓଡ଼ିଶାକୁ ଆସେ ଶାଢୀ ଓ ଅନ୍ୟାନ୍ୟ ବସ୍ତ୍ର ପାଇଁ । ଓଡ଼ିଶାର ଶ୍ରମିକମାନେ ଯାଇ ସୂତା କଳ ବା କପଡ଼ା ମିଲ୍‌ରେ କାମ କରନ୍ତି । କିନ୍ତୁ ଓଡ଼ିଶାରେ କପା ଭିତ୍ତିକ ଶିଳ୍ପ ଗଢ଼ି ଉଠୁ ନାହିଁ । ଓଡ଼ିଶାର ପର୍ଯ୍ୟଟନ କହିଲେ ମହାପ୍ରଭୁଙ୍କର ଶ୍ରୀମନ୍ଦିର, ବିଶ୍ୱ ଐତିହ୍ୟ କେନ୍ଦ୍ର କୋଣାର୍କ, ଓ ଭୁବନେଶ୍ୱରକୁ ବୁଝାଏ । କିନ୍ତୁ ସ୍ୱର୍ଣ୍ଣତ୍ରିଭୁଜ ବ୍ୟତୀତ ଓଡ଼ିଶାରେ ୪୮୦ କିଲୋମିଟର ଦୀର୍ଘ ବେଳାଭୂମି ଅଛି । ସିମିଳିପାଳ, ଭିତରକନିକା, ଦେବ୍ରିଗଡ, ସାତକୋଶିଆ ଭଳି ଦର୍ଶନୀୟ ସ୍ଥାନ ରହିଛି । ଏ ସମସ୍ତ କ୍ଷେତ୍ରରେ ନିଯୁକ୍ତି ପାଇଁ ବିପୁଳ ସମ୍ଭାବନା ରହିଛି । ସେ ସବୁ ଚାହିଁ ବସିଛନ୍ତି ଓଡ଼ିଶାର ଯୁବ ଉଦ୍ୟୋଗୀମାନଙ୍କ ପାଇଁ । ଏ ସବୁଥିରେ ହଜାର ହଜାର ଯୁବ ଉଦ୍ୟୋଗୀ ନିୟୋଜିତ ହୋଇପାରିବେ । ସେମାନେ ଲକ୍ଷ ଲକ୍ଷ ବ୍ୟକ୍ତିଙ୍କ ପାଇଁ କର୍ମସଂସ୍ଥାନ କରିପାରିବେ । ସେତେବେଳେ ଓଡ଼ିଶାର ଲୋକେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯିବେ ନାହିଁ । ହୁଏତ ଅନ୍ୟ ରାଜ୍ୟର ଲୋକେ ଓଡ଼ିଶାକୁ ଆସିବେ କାମ ଅନ୍ୱେଷଣରେ ।

ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଯୁବକ ଯୁବତୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡ଼ିଶାର ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ସବୁଥିରେ ଅବକ୍ଷୟ ପରିଲକ୍ଷିତ ହେଉଛି । ସରକାରୀ ସ୍କୁଲମାନଙ୍କରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଅଧାରୁ ଅଧିକ ପିଲା ସାଧାରଣ ଗଣିତ ସୂତ୍ର ବୁଝି ପାରୁନାହାନ୍ତି ବା ତୃତୀୟ ଶ୍ରେଣୀର ସାହିତ୍ୟ ବହି ପଢ଼ି ପାରୁନାହାନ୍ତି । ବିଦ୍ୟାଳୟମାନଙ୍କରେ ସବୁ ଶ୍ରେଣୀ ପାଇଁ ଅଲଗା ଅଲଗା କୋଠରି ନାହିଁ, ନିର୍ଦ୍ଦିଷ୍ଟ ଶିକ୍ଷକ ନାହାନ୍ତି । ଜଣେ ଜଣେ ଶିକ୍ଷକ ତିନି ଚାରୋଟି ଶ୍ରେଣୀରେ ପିଲାଙ୍କୁ ଏକାଠି ବସାଇ ପଢ଼ାଉଛନ୍ତି । ଉଚ୍ଚ ଶିକ୍ଷା କ୍ଷେତ୍ରରେ ମହାବିଦ୍ୟାଳୟଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ କେଉଁଠି ହେଲେ ଆବଶ୍ୟକ ସଂଖ୍ୟକ ପ୍ରଫେସର ବା ଅନ୍ୟାନ୍ୟ ଶିକ୍ଷକ ନାହାନ୍ତି । ଅନେକ ମହାବିଦ୍ୟାଳୟରେ ଅତିଥି ଅଧ୍ୟାପକଙ୍କୁ ନେଇ କ୍ଲାସ କରାଯାଉଛି । ଜେନକେନପ୍ରକାରେଣ କୋର୍ସ ସାରି ପରୀକ୍ଷା କରିଦେବା ସବୁ ଶିକ୍ଷାନୁଷ୍ଠାନର ଏକ ମାତ୍ର ଲକ୍ଷ୍ୟ ହେବା ପରି ଜଣାଯାଏ । ଛାତ୍ରଛାତ୍ରୀମାନଙ୍କର ମଧ୍ୟ କୌଣସି ଉପାୟରେ ଡିଗ୍ରୀ ହାସଲ କରିବା ଏକମାତ୍ର ଲକ୍ଷ୍ୟ ଥିବା ପରି ଜଣାଯାଏ । ଏଭଳି ଏକ ବିଷର୍ଣ୍ଣ ବାତାବରଣ ମଧ୍ୟରେ ଶିକ୍ଷା ବ୍ୟବସ୍ଥା ଗତି କଲେ ଏହା କେତେଦୂର ଫଳପ୍ରଦ ହେବ ତାହା ସହଜେ ଅନୁମେୟ । ଏହା ହେଉଛି କାହିଁକି ? ଏହାର କାରଣ ହେଲା ଶିକ୍ଷା କ୍ଷେତ୍ରରେ କାହାରି ଉତ୍ତରଦାୟିତ୍ୱ ଥିବା ପରି ମନେ ହେଉ ନାହିଁ । ଜନସାଧାରଣ ଧରି ନେଇଛନ୍ତି ଯେ, ସରକାରୀ ସ୍କୁଲରେ ଭଲ ପାଠପଢ଼ା ହେବା ସରକାରଙ୍କର ଦାୟିତ୍ୱ । ଯଦି ସରକାରୀ ସ୍କୁଲରେ ପାଠ ପଢା ନ ହୁଏ ତେବେ ପିଲାଙ୍କୁ ବେସରକାରୀ ସ୍କୁଲକୁ ନେଇଯିବା ଉଚିତ୍ । ଫଳରେ କ୍ରମେ କ୍ରମେ ସରକାରୀ ସ୍କୁଲରୁ ପିଲା ବେସରକାରୀ ସ୍କୁଲକୁ ଚାଲିଯାଉଛନ୍ତି । ଜନସାଧାରଣ ଭୁଲି ଯାଉଛନ୍ତି ଯେ, ସରକାରୀ ସ୍କୁଲରେ ଥିବା ଶିକ୍ଷକମାନେ ଲୋକଙ୍କ ଟିକସରୁ ଦରମା ପାଉଛନ୍ତି । ଯଦି ସେମାନେ ତାଙ୍କର ଦାୟିତ୍ୱରେ ଅବହେଳା କରନ୍ତି ତାହା ହେଲେ ଅଭିଭାବକମାନେ ସେମାନଙ୍କୁ ପ୍ରଶ୍ନ କରିବା ଉଚିତ୍ । ଏହା ଯୁବପିଢ଼ିର ଏକ ମୁଖ୍ୟ ଦାୟିତ୍ୱ ହେବା ଉଚିତ୍ । ଯଦି ସରକାର ବା ଶିକ୍ଷକ ତାଙ୍କର ଦାୟିତ୍ୱ ସମ୍ପାଦନ ନ କରନ୍ତି ତେବେ ସେମାନଙ୍କୁ ପ୍ରଶ୍ନ କରିବାର ଅଧିକାର ଯୁବକ ମାନଙ୍କର ।

## ଓଡ଼ିଶାର ସମ୍ଭାବନା ଓ ଯୁବପିଢ଼ିର ଉତ୍ତର ଦାୟିତ୍ୱ

ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଅନୁରୂପ ଅବସ୍ଥା । ଡାକ୍ତରଖାନାମାନଙ୍କରେ ଡାକ୍ତର ନାହାନ୍ତି, ଆବଶ୍ୟକ ସଂଖ୍ୟକ ନର୍ସ ବା ସହାୟକ ନାହାନ୍ତି । ମେସିନ୍‌ଗୁଡ଼ିକ ଅଚଳ ହୋଇ ପଡ଼ିଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହାର ଏକ ବିଚିତ୍ର ସମାଧାନ ଉପାୟ ବାହାର କରିଛନ୍ତି । ରୋଗୀମାନଙ୍କୁ ବେସରକାରୀ ଚିକିତ୍ସାଳୟମାନଙ୍କରେ ମାଗଣାରେ ଚିକିତ୍ସିତ ହେବା ପାଇଁ ବ୍ୟବସ୍ଥା କରିଛନ୍ତି । ସେମାନଙ୍କର ଚିକିତ୍ସା ଖର୍ଚ୍ଚ ସରକାର ବହନ କରୁଛନ୍ତି । ଯେହେତୁ ସରକାରଙ୍କର ସମସ୍ତ ଅର୍ଥ ଜନସାଧାରଣ ଦିଅନ୍ତି, ଏହାର ଅର୍ଥ ହେଲା ଜନସାଧାରଣ ସରକାରୀ ଡାକ୍ତରଖାନା ପାଇଁ ଅର୍ଥ ବରାଦ ନ କରି ବେସରକାରୀ ଡାକ୍ତରଖାନାମାନଙ୍କୁ ଲାଭାନ୍ୱିତ କରୁଛନ୍ତି । ଜିଲାସ୍ତରରେ ଥିବା ସରକାରୀ ଡାକ୍ତରଖାନାମାନଙ୍କରେ ସାମାନ୍ୟ ଜଟିଳ ରୋଗ ପାଇଁ ରୋଗୀମାନଙ୍କୁ ବେସରକାରୀ ବା ବଡ଼ ଡାକ୍ତରଖାନାକୁ 'ରେଫର୍' କରିଦିଆଯାଉଛି । ଶିକ୍ଷା ପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଉତ୍ତରଦାୟିତ୍ୱର ଘୋର ଅଭାବ ଦେଖାଯାଉଛି । ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡ଼ିକ ସୂଚାରୁ ରୂପେ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ଯୁବକ ଯୁବତୀମାନେ ପ୍ରଶ୍ନ ଉଠାଇବା ଉଚିତ ।

ଥାନା ହେଉ ବା ତହସିଲ ଅଫିସ, ବିଜୁଳି ବିଭାଗ ହେଉ ବା ପାନୀୟ ଜଳ ବିଭାଗ, ସାଧାରଣ ବଣ୍ଟନ ବିଭାଗ ହେଉ ବା ମ୍ୟୁନିସିପାଲିଟି, ସବୁଠି ପ୍ରଶ୍ନ କରାଯିବା ଉଚିତ । ସୂଚନା ଅଧିକାର ହେଉ ବା ସେବା ଅଧିକାର, ମାନବାଧିକାର ହେଉ ବା ଆଇନଗତ ଅଧିକାର – ସବୁଠାରେ ଯୁବପିଢ଼ିର ଆବଶ୍ୟକତା ରହିଛି । କିନ୍ତୁ ମନେ ରଖିବାକୁ ହେବ ଯେ, ଯଦି ଏଇ ଅଧିକାର ଗୁଡ଼ିକ ଦାୟିତ୍ୱର ସହ ବ୍ୟବହାର କରା ନ ଯାଏ, ତେବେ ତାହାର ଅପବ୍ୟବହାର ହେବାର ଆଶଙ୍କା ରହିଛି । ଯୁବପୀଢ଼ିକୁ ସଠିକ ଭାବରେ ବ୍ୟବହାର କରିବା ପାଇଁ ଉତ୍ତରଦାୟୀ ଅନୁଷ୍ଠାନର ମଧ୍ୟ ଆବଶ୍ୟକତା ରହିଛି । ନ ହେଲେ ଅରାଜକତା ବ୍ୟାପିବାର ସମ୍ଭାବନା ରହିଛି ।

## 'ଜନ ଜାଗରଣ ଅଭିଯାନ' ଶୀର୍ଷକ ଆଲୋଚନା ଚକ୍ର

# ସ୍ୱାବଲମ୍ବୀ ଓ ନୂଆ ଓଡ଼ିଶା ଗଠନ ପାଇଁ ଭଲ ମଣିଷ ହିଁ ବିକଳ୍ପ

ଭୁବନେଶ୍ୱର, ୦୮/୦୮ (ଜେଏନ୍‌ଏସ୍) : ସମସ୍ତ ବ୍ୟକ୍ତିଙ୍କୁ ଅଧିକାର, ଦାଦନ ମୁକ୍ତ ଓଡ଼ିଶା, ଶିକ୍ଷାକୁ ଅଗ୍ରାଧିକାର, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବା, ଦୁର୍ନୀତି ବିରୋଧରେ ସଂଗ୍ରାମ, ପରିବେଶର ସୁରକ୍ଷା ପାଇଁ ଏକ ବାହିନୀ ସୃଷ୍ଟି କରିବା ଏବଂ ବିଭିନ୍ନ ଯୋଜନାରେ ଲାଭ ଲୋକଙ୍କ ନିକଟରେ ପହଂଚାଇବାକୁ ହେବ ବୋଲି ଜନ ଜାଗରଣ ଅଭିଯାନ ସମାବେଶରେ ବିଶିଷ୍ଟ ବ୍ୟକ୍ତିମାନେ ଆହ୍ୱାନ ଦେଇଛନ୍ତି ।




ଶନିବାର ଜୟଦେବ ଭବନରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । 'ଜନ ଜାଗରଣ ଅଭିଯାନ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅବସରପ୍ରାପ୍ତ ବିଶିଷ୍ଟ ପ୍ରଶାସକ ସଂଜୀବ ହୋତା କହିଛନ୍ତି ଯେ, "ନୂଆ ଓଡ଼ିଶା ଗଠନ ପାଇଁ ସବୁ ଭଲ ବ୍ୟକ୍ତିମାନେ ପଦାକୁ ବାହାରି ଆସିବା ଦରକାର ଓ ଆମେ ସଂଘବଦ୍ଧ ହୋଇ ଭଲ କାମ କଲେ ଏହା ସମ୍ଭବ ହେବ ।' ମୁଖ୍ୟ ବକ୍ତା ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ କହିଛନ୍ତି, "ବିରୋଧୀ ନୁହେଁ, ବିକଳ୍ପ ଆବଶ୍ୟକ ଓ ଦଳ ନୁହେଁ, ଗୋଟିଏ ଆଦର୍ଶ ଦରକାର ଓ ଏବେ ଭାରତ ବା ଓଡ଼ିଶାରେ ଆଦର୍ଶ ବା ସଠିକ ମାର୍ଗ ନାହିଁ । ଫଳରେ ଦେଶ ଆଗେଇ ପାରୁନାହିଁ ଓ ନେତା ଅଛନ୍ତି, ନେତୃତ୍ୱ ନାହିଁ । ମନ ଅଛି, ମାନସିକତା ନାହିଁ ଓ ଦୀର୍ଘ ୮୦ ବର୍ଷ ଧରି ଆମକୁ ଦ୍ୱନ୍ଦ ଭିତରକୁ ଠେଲି ଦିଆଯାଇଛି । ସେହିପରି ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ମହାନ୍ତି ରାଜନୀତିରେ ଆଉ ଭଲ ମଣିଷ ସାମିଲ ହେଉ ନାହାନ୍ତି ବୋଲି କହିଥିଲା ବେଳେ ଦାଦନ ଟିଏ ପେଟ ପାଟଣା ପାଇଁ ସ୍ୱପ୍ନ ନେଇ ଯାଉଛି ଶବ ହୋଇ ଫେରୁଛି । ପରିସଂଖ୍ୟାନ ନୁହେଁ ପରିବର୍ତ୍ତନର ଆଭିମୁଖ୍ୟ ରଖି ବ୍ୟବସ୍ଥାକୁ ସୁଦୃଢ଼ ଓ ଉତ୍ତରଦାୟୀ କରାଗଲେ ନୂଆ ଓଡ଼ିଶାର ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ହେବ । ବରିଷ୍ଠ ସାମ୍ବାଦିକ ସନ୍ଦୀପ ମିଶ୍ର ଦୁର୍ନୀତି ହଟାଇବା ପାଇଁ ଜେନ-ଜିମାନେ ଏକାଠି ହେବା ଦରକାର ବୋଲି ମତ ପ୍ରକାଶ କରିଛନ୍ତି । ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ କହିଛନ୍ତି ଯେ, 'ଛାତ୍ର ଯୁବକମାନେ ଅଭିଯାନକୁ ଆଗକୁ ନେଇ ଓଡ଼ିଶାକୁ ଦୁର୍ନୀତିମୁକ୍ତ କରିବେ । ଓଡ଼ିଶାର ଲକ୍ଷ ଲକ୍ଷ ଲୋକ ବାହାର ରାଜ୍ୟକୁ ଯାଇ ଦୟନୀୟ ଭାବେ କାମ କରୁଛନ୍ତି । ଓଡ଼ିଶା ମାଟିରେ ଓଡ଼ିଆ ଶ୍ରମିକଙ୍କୁ କାମ ଯୋଗାଇ ପାରିଲେ ଓଡ଼ିଶା ଦାଦନ ମୁକ୍ତ ହେବ । ଓଡ଼ିଶାରେ ବାଙ୍ଗାଲୋର ପ୍ରତିଷ୍ଠା କରିବେ । ସେହିମାନେ ଜଣେ ଜଣେ ଉଦ୍ୟୋଗୀ ହେବେ ଓ ଅଣୁ ତଥା କ୍ଷୁଦ୍ରଶିଳ୍ପ ମାଧ୍ୟମରେ ହଜାର, ହଜାର ନିଯୁକ୍ତି ସୃଷ୍ଟି କରିବେ । ସେଥିପାଇଁ ଆମକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଓଡ଼ିଶା ବାହାରର ଶିଳ୍ପପତିମାନଙ୍କ ପଛରେ ଗୋଡ଼ାଇବା ନାହିଁ । ଆମ ରାଜ୍ୟର ଶିକ୍ଷିତ ଯୁବକ, ଯୁବତୀ ନିଜର ଅଫୁରନ୍ତ ସୃଜନୀ ଶକ୍ତି ବଳରେ ଓଡ଼ିଶା ଯେଉଁଠି ସେମି କଣ୍ଡକ୍ଟରଠାରୁ ଆରମ୍ଭ କରି ଲୁହା କଣ୍ଟା ପର୍ଯ୍ୟନ୍ତ, କଳ-ତନ୍ତଠାରୁ ଠାରୁ ଆରମ୍ଭ କରି ଫଳ ରସ ପର୍ଯ୍ୟନ୍ତ ସବୁ ପଦାର୍ଥ ଏଇଠି ପ୍ରସ୍ତୁତ ହେବ । "ମେକ୍ ଇନ୍ ଓଡ଼ିଶା" ଓଡ଼ିଆମାନଙ୍କ ଦ୍ୱାରା ହେବ । ଏହାକୁ ସଫଳ କରିବାକୁ ହେଲେ ଆମକୁ କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ହେବ ।"

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଏ ସବୁ ପାଇଁ ଭଲ ମଣିଷଙ୍କର ଆବଶ୍ୟକତା ରହିଛି । ଗାଁ ଠାରୁ ପଂଚାୟତ ପର୍ଯ୍ୟନ୍ତ ପଂଚାୟତରୁ ଜିଲ୍ଲା ବ୍ୟବସାୟ -ପର୍ଯ୍ୟନ୍ତ, ଜିଲାରୁ ରାଜଧାନୀ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ । ଶିକ୍ଷା, ସାହିତ୍ୟ, କଳା, କ୍ରୀଡ଼ା, ବ୍ୟ ସବୁ କ୍ଷେତ୍ରରେ ସ୍ୱାଭିମାନୀ ଓଡ଼ିଆମାନେ ଆଗେଇ ଆସିବା ଉଚିତ । ଯେଉଁମାନେ ଏହି ଜନ ଆନ୍ଦୋଳନରେ ସାମିଲ ହେବାକୁ ଚାହାଁନ୍ତି ତାଙ୍କୁ ଖୋଜି ବାହାର କରିବାକୁ ହେବ । ସେ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରି ଏହି ବାର୍ତ୍ତା ପୁରପଲ୍ଲୀରେ ପହଞ୍ଚାନ୍ତୁ ପୃଷ୍ଠା-୭

### ଅଭିଯାନର ୭ଟି ପ୍ରମୁଖ ଲକ୍ଷ୍ୟ

- ଅଧିକାର ସଚେତନତା : ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କ ଅଧିକାର ବିଷୟରେ ଜାଗ୍ରତ କରିବା
- ଦାଦନମୁକ୍ତି : ହଜାର ହଜାର ସ୍ଥାନୀୟ ଉଦ୍ୟୋଗୀ ସୃଷ୍ଟି କରି ଦାଦନ ବ୍ୟବସ୍ଥାର ଅନ୍ତ ଘଟାଇବା
- ଗୁଣାତ୍ମକ ଶିକ୍ଷା : ଶିକ୍ଷା କ୍ଷେତ୍ରକୁ ସର୍ବୋଚ୍ଚ ଅଗ୍ରାଧିକାର ଦେବା
- ସ୍ୱାସ୍ଥ୍ୟ ସେବା : ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା
- ଦୁର୍ନୀତି ବିରୋଧୀ ସଂଗ୍ରାମ : ଶାସନ ଓ ପ୍ରଶାସନକୁ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ କରିବା
- ପରିବେଶ ସୁରକ୍ଷା : ପରିବେଶ ରକ୍ଷା ପାଇଁ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ବାହିନୀ ଗଠନ
- ଯୋଜନାର ରୂପାୟନ : ସରକାରୀ ଯୋଜନାର ସୁଫଳ ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚାଇବା

# ୨୦ ହଜାର ଫୁଟ ଉଚ୍ଚ ମାଉଣ୍ଟ ୟୁନମ୍ ଜୟ କରିବାକୁ ବାହାରିଲେ ଓଡ଼ିଆ ଝିଅ




### ମହିଳା ସଶକ୍ତିକରଣର ନୂଆ ଅଧ୍ୟାୟ

ଭୁବନେଶ୍ୱର,୮/୮ (ଜେଏନ୍‌ଏସ୍): ଓଡ଼ିଶାର କ୍ରୀଡ଼ା ଓ ସାହସିକ ଯାତ୍ରା ଇତିହାସରେ ଏକ ନୂଆ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବାକୁ ଯାଉଛି । ରାଜ୍ୟର ପ୍ରଥମ ସମ୍ପୂର୍ଣ୍ଣ ମହିଳା ପର୍ବତାରୋହୀ ଦଳ ହିମାଚଳ ପ୍ରଦେଶରେ ଅବସ୍ଥିତ ୨୦,୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ମାଉଣ୍ଟ ୟୁନାମ ଶିଖର ଆରୋହଣ ଅଭିଯାନରେ ବାହାରିଛନ୍ତି । ଚଳିତ ଭାରତର ୮୦ତମ ସ୍ୱାଧୀନତା ଦିବସ (୧୫ ଅଗଷ୍ଟ) ଅବସରରେ ମାଉଣ୍ଟ ୟୁନାମ ଶିଖର ଉପରେ ଏକ ୮୦ ମିଟର ଲମ୍ବର ବିଶାଳ ଜାତୀୟ ପତାକା ଉଡ଼ାଇବା ଏହି ଦଳର ମୁଖ୍ୟ ସଙ୍କଳ୍ପ ଅଟେ । ଏହି ଯାତ୍ରା ମାଧ୍ୟମରେ ଦେଶପ୍ରେମ, ଏକତା ଏବଂ ବିଶେଷ କରି ମହିଳା ସଶକ୍ତିକରଣର ବାର୍ତ୍ତା ଦିଆଯାଉଛି । ଏହି ଦଳରେ ମୋଟ ୧୧ ଜଣ ନିର୍ଭୀକ ମହିଳା ପର୍ବତାରୋହୀ ସାମିଲ ଅଛନ୍ତି, ଯାହାଙ୍କ ନେତୃତ୍ୱ ଅଭିଜ୍ଞ ପର୍ବତାରୋହୀ ଅନିତା ସ୍ୱାଇଁ ନେଉଛନ୍ତି । ଯେଉଁମାନେ ପୂର୍ବରୁ ଅନେକ ଉଚ୍ଚ ଶିଖର ଚଢ଼ିଛନ୍ତି । ଯେଉଁମାନେ ପ୍ରଥମ ଥର ପାଇଁ ଏତେ ଉଚ୍ଚ ହିମାଳୟ ଶିଖରକୁ ଯାଉଛନ୍ତି । ଦଳର ପୃଷ୍ଠା-୭

# ମୋହନ ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ରଣନୀତି

ଭୁବନେଶ୍ୱର,୮/୮ (ଜେଏନ୍‌ଏସ୍): ଓଡ଼ିଶା ବିଧାନସଭାର ଆଗାମୀ ମୌସୁମୀ ଅଧିବେଶନକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଡାକିବା ପାଇଁ କଂଗ୍ରେସ ବିଧାୟକ ଦଳ ପକ୍ଷରୁ ଜୋରଦାର ଦାବି କରାଯାଇଛି. ରାଜ୍ୟର ବିଭିନ୍ନ ଜନସମସ୍ୟା ଉପରେ ତୁରନ୍ତ ଆଲୋଚନାର ଆବଶ୍ୟକତା ଥିବା ଦର୍ଶାଇ କଂଗ୍ରେସ ବିଧାୟକ ଦଳ (ଉଖଚ) ନେତା ରାମଚନ୍ଦ୍ର କଦମ ଏ ସମ୍ପର୍କରେ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । କଂଗ୍ରେସ ନେତା ରାମଚନ୍ଦ୍ର କଦମଙ୍କ କହିବା ଅନୁଯାୟୀ, ରାଜ୍ୟ ବର୍ତ୍ତମାନ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଜନସମସ୍ୟା ଦେଇ ଗତି କରୁଛି, ଯାହା ଉପରେ ଗୃହରେ ଜନପ୍ରତିନିଧିମାନଙ୍କ ଦ୍ୱାରା ତୁରନ୍ତ ଆଲୋଚନା ହେବା ଜରୁରୀ ।

### ତୁରନ୍ତ ବିଧାନସଭା ଅଧିବେଶନ ପାଇଁ ରାଜ୍ୟପାଳଙ୍କ ଦ୍ୱାରସ୍ଥ ହେଲା କଂଗ୍ରେସ

ସେ ଚିଠିରେ ଦର୍ଶାଇଥିବା ପ୍ରମୁଖ ପ୍ରସଙ୍ଗଗୁଡ଼ିକ ହେଲା, କୃଷି ଓ ମରୁଡ଼ି/ବନ୍ୟା ସ୍ଥିତି: ବିଭିନ୍ନ ଜିଲ୍ଲାରେ ଚାଷୀମାନଙ୍କ ସମସ୍ୟା, ସାର ଅଭାବ ଏବଂ ନିକଟରେ ହୋଇଥିବା ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା, ବେକାରୀ ଓ ଦରଦାମ ବୃଦ୍ଧି, ରାଜ୍ୟରେ ବଢୁଥିବା ନିଯୁକ୍ତି ସମସ୍ୟା ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି, ଆଇନ ଶୃଙ୍ଖଳା ଓ ମହିଳା ସୁରକ୍ଷା, ଓଡ଼ିଶାରେ ସାମ୍ପ୍ରତିକ ସମୟରେ ଘଟିଥିବା କେତେକ ସମ୍ବେଦନଶୀଳ ଅପରାଧ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି, ମୌଳିକ ସେବା: ଗ୍ରାମାଞ୍ଚଳ ଭିତ୍ତିଭୂମି, ପାନୀୟ ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଜନଜାତି କଲ୍ୟାଣ ଯୋଜନାର ସଠିକ୍ ପୃଷ୍ଠା-୭

# ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି କ୍ଷୟକ୍ଷତି ଆକଳନ

- ଡିବିଟି ମାଧ୍ୟମରେ ମିଳିବ ବନ୍ୟା ସହାୟତା
- ୨୨ ଜିଲ୍ଲାରେ ୮.୬ ଲକ୍ଷରୁ ଅଧିକ ପ୍ରଭାବିତ

ଭୁବନେଶ୍ୱର,୮/୮ (ଜେଏନ୍‌ଏସ୍): ଓଡ଼ିଶାର ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ହ୍ରାସ ପାଇବା ସହ ରାଜ୍ୟର ବନ୍ୟା ସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଛି. ମହାନଦୀ, ବୁଢ଼ାବଳଙ୍ଗ ଓ ଜଳକା ପରି ମୁଖ୍ୟ ନଦୀଗୁଡ଼ିକର ଜଳସ୍ତର କମିଥିଲେ ମଧ୍ୟ ବିପନ୍ନ ଅଞ୍ଚଳରେ ଲୋକଙ୍କ ଦୁର୍ଦ୍ଦଶା ଏବେ ବି ଜାରି ରହିଛି. ଅନ୍ୟପଟେ କେତେକ ସ୍ଥାନରେ ସାମ୍ପ୍ରତିକ ଲଗାତାର ବର୍ଷା ଯୋଗୁଁ ବୈତରଣୀ ଓ ସାଳନ୍ଦୀ ନଦୀର ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଛି, ଯାହା ପ୍ରଶାସନ ପାଇଁ ଚିନ୍ତାର କାରଣ ସାଜିଛି । ରାଜ୍ୟର ୨୨ଟି ଜିଲ୍ଲାର ପ୍ରାୟ ୮.୬ ଲକ୍ଷରୁ ଅଧିକ ଲୋକ ଏହି ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ପ୍ରଶାସନ ପକ୍ଷରୁ ପ୍ରାୟ ୨.୬୭ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ବିଶେଷ କରି ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର କେତେକ ତଳିଆ ଅଞ୍ଚଳ ଏବେ ବି ଜଳବନ୍ଦୀ ଅଛନ୍ତି. ପାନୀୟ ଜଳର ଅଭାବ, ଘରଦ୍ୱାର ଭାଙ୍ଗିଯିବା ଏବଂ ବନ୍ୟାଞ୍ଚଳରେ ସାପ କାମୁଡ଼ା ଭୟ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି । ଜଳ ସଂରକ୍ଷଣ ହ୍ରାସ ପାଇବା ପରେ ହୀରାକୁଦ ଡ୍ୟାମର ଗେଟ୍ ସଂଖ୍ୟା କମାଯାଇ ବର୍ତ୍ତମାନ ମାତ୍ର ୧୩ଟି ସ୍ଲୁଇସ୍ ଗେଟ୍ ଦ୍ୱାରା ଜଳ ନିଷ୍କାସନ ନିୟନ୍ତ୍ରିତ କରାଯାଉଛି, ଯାହା ତଳମୁଣ୍ଡରେ ବନ୍ୟା ଆଶଙ୍କା କମାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରଭାବିତ ଅଞ୍ଚଳରେ ଯୁଦ୍ଧକାଳୀନ ଭିତ୍ତିରେ କ୍ଷୟକ୍ଷତି ଆକଳନ କରାଯାଉଛି । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାଲେଶ୍ୱରର ରେମୁଣା, ସଦର ପୃଷ୍ଠା-୭





ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣା

# ଚାର୍ଜସିଟ ଦାଖଲ କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୦୮/୦୮ : ବାଲିଅନ୍ତା ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ଭିଡ଼ ଭିତରେ ହତ୍ୟା ଘଟଣାରେ ବୁଧବାର ଅଭିଯୁକ୍ତଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଚାର୍ଜସିଟ ଦାଖଲ କରିଛି। ୧୧ଜଣଙ୍କ ବିରୋଧରେ ୭୬୭ ପୃଷ୍ଠାର ଚାର୍ଜସିଟ ଦାଖଲ କରିଛି କ୍ରାଇମବ୍ରାଞ୍ଚ। ପୂର୍ବରୁ ବାଲିଅନ୍ତା ଥାନା ପୁଲିସ ଗିରଫ କରିଥିବା ୯ ଜଣଙ୍କ ବିରୋଧରେ ପ୍ରମାଣ ମିଳି ନଥିବାରୁ ଚାର୍ଜସିଟ ଦାଖଲ ହୋଇନାହିଁ। ଗିରଫ ୨୦ ଜଣଙ୍କ ମଧ୍ୟରୁ ୧୧ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇଛି। ଭୁବନେଶ୍ୱର ଏସଡିଜେଏମ କୋର୍ଟରେ ୭୬୭ ପୃଷ୍ଠାର ଚାର୍ଜସିଟ୍ ଦାଖଲ ହୋଇଛି।

# ବନ୍ୟାପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ବିଜେଡି ପ୍ରତିନିଧି ମଣ୍ଡଳୀ

ହରଭଙ୍ଗା, ୦୮/୦୮ : ବୌଦ୍ଧ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ହରଭଙ୍ଗା ବ୍ଲକର ବନ୍ୟାପ୍ରଭାବିତ କୁଶଙ୍ଗ, ହରଭଙ୍ଗା, ସଂକୁଳେଇ ପଞ୍ଚାୟତର କୁମାରୀ, ଅତଲସରା, କୋଡାଶିଙ୍ଗା, ପାଣିଘରା ଆଦିଗ୍ରାମ ପରିଦର୍ଶନ କରିଥିବା ଜଣାପଡ଼ିଛି। ଲୋକଙ୍କ ଅସୁବିଧା ସୁବିଧା ପଚାରି ବୁଝିବା ସହିତ ଶୁଖିଲା ଖାଦ୍ୟ ପ୍ରଦାନ କରିଥିବା ଜଣାପଡ଼ିଛି। ଏହି ପରିଦର୍ଶନ ସମୟରେ ପୂର୍ବତନ ମନ୍ତ୍ରୀଙ୍କ ସହିତ ବୌଦ୍ଧ ଜିଲ୍ଲାପରିଷଦ ଅଧ୍ୟକ୍ଷ ପ୍ରବାସିନୀ ଦାସ, ବୌଦ୍ଧ ଏନ. ଏ. ସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ୭ ନମ୍ବର ଜିଲ୍ଲାପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ସୁବୋଧ କୁମାର ପ୍ରଧାନ, ଧୀରେନ ଦେହୁରୀ ଅବକାଶ ସାହୁ, ସଞ୍ଜୀବ କୁମାର ଦେହୁରୀ, ତ୍ରିବିକ୍ରମ ମହାକୁଡ଼, ପ୍ରଦୀପ କୁମାର ସାହୁ, ଧରଣୀଧର ଦେହୁରୀ, ବସନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଘରୋଇ କଳିର କରୁଣ ପରିଣତି

# ବାପର କାଠ ଫାଳିଆ ମାଡ଼ରେ ପୁଅର ମୃତ୍ୟୁ

ଭବାନୀପାଟଣା, ୬/୮ (ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା କଳମପୁର ଥାନା ନୂଆଗୁଡ଼ାରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ବାପର କାଠ ଫାଳିଆ ମାଡରେ ଭେଣ୍ଡିଆ ପୁଅର ମୃତ୍ୟୁ ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ନୂଆଗୁଡା ଗାଁ ର ମାନସିଂହ ଗହୀର ଘରୋଇ ଅଶାନ୍ତିକୁ ନେଇ ପୁଅ ଆଲୋକ ରଞ୍ଜନ ସହ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ବାପା ମାନସିଂହ ଉତକ୍ଷିପ୍ତ ହେଇ ପୁଅ ଆଲୋକର ମୁଣ୍ଡରେ ଏକ କାଠ ଫାଳିଆ ଦ୍ୱାରା ଆକ୍ରମଣ କରିଥିଲେ। ଫଳରେ ଆଲୋକ ରକ୍ତାକ୍ତ ଅବସ୍ଥାରେ ଘର ସମ୍ମୁଖରେ ପଡିଯାଇଥିଲା। ପରିବାର ଲୋକ ଗୁରୁତର ଅବସ୍ଥାରେ ଆଲୋକକୁ ଉଦ୍ଧାର କରି ଚିକିତ୍ସା ପାଇଁ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଅନ୍ୟପକ୍ଷରେ ପୋଲିସ ଆକ୍ରମଣକାରୀ ବାପ ମାନସିଂହକୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି ।

# ମା'ଙ୍କ ପାଇଁ ଔଷଧ ଆଣିବାକୁ ଯାଇ ବନ୍ୟା ସ୍ରୋତରେ ଭାସିଗଲେ ଯୁବକ



ଆଳି, ୦୮/୦୮ (ଜେଏନ୍‌ଏସ୍) : ମା'ଙ୍କ ଔଷଧ ପାଇଁ ସିଂହପୁର ଯିବା ସମୟରେ ମାନପୁର ଘୋଷରାରେ ପ୍ରବାହିତ ବନ୍ୟା ସ୍ରୋତରେ ଜଣେ ଯୁବକ ମଙ୍ଗଳବାର ସନ୍ଧ୍ୟାରେ ଭାସି ଯାଇଥିଲେ। ବୁଧବାର ଅପରାହ୍ନରେ ତାଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଆଳି ଥାନା ଅନ୍ତର୍ଗତ ଠାକୁରପାଟଣା ଗ୍ରାମର ପ୍ରବୀର କୁମାର ଦାସ (୩୨)। ମଙ୍ଗଳବାର ଅପରାହ୍ନରେ ତାଙ୍କ ମା'ଙ୍କର ଔଷଧ ଆଣିବା ପାଇଁ ପ୍ରବୀର ସିଂହପୁର ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ଘରଲୋକ ମାନପୁର ଘୋଷରା ନିକଟକୁ ଯାଇ ପ୍ରବୀରଙ୍କ ବାଇକ୍ ମାନପୁର -ଡ଼ିମିରିପାଳ ରାସ୍ତାର ମାନପୁର ଘୋଷରା ପୋଲ ନିକଟରେ ପଡ଼ିଥିବା ବେଳେ ତାଙ୍କୁ ପାଇ ନ ଥିଲେ। ପ୍ରବୀର ବନ୍ୟାସ୍ରୋତରେ ଭାସି ଯାଇଥିବା ସନ୍ଦେହକରି ପରିବାର ଲୋକ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ସେଠାରେ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରି ଫେରି ଆସିଥିଲେ। ବୁଧବାର ସକାଳୁ ପୁଣି ଖୋଜାଖୋଜି ଜାରି ରଖିଥିବା ବେଳେ ତାଙ୍କ ମୃତଦେହ ଜବତ ହୋଇଥିଲା। ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ହାଟ ଯୋଗୁଁ ଟ୍ରାଫିକ ସମସ୍ୟା ଉତ୍କଟ

କୋରାପୁଟ ୯ ।୮ (ଶରତ ନାୟକଙ୍କ ରିପୋର୍ଟ): କେବେ ପନିପରିବା କିଣା ବିକା ନୁହେଁ ଦିନ ଥିଲା କୋରାପୁଟ ଜିଲ୍ଲାରେ ସମ୍ପର୍କ ଓ ଭାବ ଆଦାନ ପ୍ରଦାନ ସହିତ ଯୋଗାଯୋଗର ମାଧ୍ୟମ ସାଜିଥିଲା ସାପ୍ତାହିକ ହାଟ। ଲୋକେ ସପ୍ତାହକ ପାଇଁ ତେଲ, ଲୁଣ ମରିଚ ଠାରୁ ଆରମ୍ଭ କରି ସୁଖିଆ, ଏପରିକି ଲୁଗା ପଟା ଓ କୁଲା ବାଇଁଶା କଣି ନିଅନ୍ତି। ଏପରିକି ହାଟକୁ ଆସୁଥିବା ଦୁର୍ଗମ ଅଞ୍ଚଳର ହୁଅନ୍ତୁ ଅବା ଦୂର ଗାଁ ର ଲୋକ ମାନେ ଏଠାରେ ଭେଟାଭେଟି ହୋଇଥାଆନ୍ତି। ଖାଲି ସେତିକି ନୁହେଁ ଅନ୍ୟ ଏକ ଗାଁର ବିଭିନ୍ନ ଭଲମନ୍ଦ ଖବର ଏଠାରେ ଆଦାନ ପ୍ରଦାନ ସହିତ ଚିଠି ପତ୍ର ମଧ୍ୟ ଦେଇ ସୂଚନା ପ୍ରଦାନ କରୁଥିଲେ। ତେବେ ବର୍ତ୍ତମାନ ଯୁଗ ବଦଳି ଯାଇଛି। କେତେକ ଗାଁ କୁ ମୋବାଇଲ୍ ଟାଓ୍ୱାର ନଥିବା ବେଳେ ଅନେକରେ ଉପଲବ୍ଧ ହେଲାଣି। ଯାହା ଫଳରେ ଆଗପରି ଆଉ ହାଟ ସମ୍ପର୍କର ମାଧ୍ୟମ ହୋଇ ରହିନାହିଁ। କେବଳ ବୟସ୍କ ଲୋକ କିଛି ଭେଟ ଘାଟ ହୋଇ ଭାବ ଆଦାନ ପ୍ରଦାନ କରୁଛନ୍ତି। ତେବେ କୋରାପୁଟ ଜିଲ୍ଲାରେ ଥିବା ଅନେକ ସାପ୍ତାହିକ ହାଟ ବିଭିନ୍ନ ସମସ୍ୟାର ଥିବାବେଳେ ହାଟ ପାଇଁ ମଧ୍ୟ ଲୋକମାନେ ସମସ୍ୟା ଭୋଗ କରିବାକୁ ପଡୁଛି। କୋରାପୁଟ ଜିଲ୍ଲାରେ ସପ୍ତାହକୁ ଥରେ ହାଟ ସବୁ ବସୁଛି। ତେବେ କେତେକ ହାଟକୁ ବାଟ ନଥିବା କାରଣରୁ ଲୋକ ମାନେ ଯାତାୟତ କରିଥିବା କୁ ଅସୁଥିବା ସୃଷ୍ଟି ହେଉଛି, ଯେପରି ଲକ୍ଷ୍ମୀପୁର ବ୍ଲକ ସଦରରେ ବସୁଥିବା ହାଟକୁ ବ୍ଲକର ବିଭିନ୍ନ ଗାଁରୁ ଆଦିବାସୀ ଚାଷୀ ମାନେ ପନିପରିବା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ ଆଣି ବିକ୍ରି କରିବା ସହିତ କୋରାପୁଟ, ସେମିଳିଗୁଡା ଆଦି ବିଭିନ୍ନ ଅଞ୍ଚଳରୁ ଗାଡ଼ି ମୋଟର ରେ ବ୍ୟବସାୟୀ ମାନେ ଆସି ବେପାର କରିଥାନ୍ତି। କିନ୍ତୁ ଏଠାରେ ହାଟକୁ ଯିବାପାଇଁ ଭଲ ରାସ୍ତା ଟିଏ ନାହିଁ। ହାଟ ଚତୁପାର୍ଶ୍ୱରେ ସାଧାରଣ ଲୋକଙ୍କ ଜାଗା ରହିଛି ଯେଉଁଥିପାଇଁ ସ୍ଥାୟୀ ରାସ୍ତାଟିଏ ନାହିଁ। ଯେଉଁଥିପାଇଁ ଲୋକ ମାନଙ୍କ ଠାରୁ ଆରମ୍ଭ କରି ଗାଡ଼ି ମଟର ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ବିଶେଷକରି ବର୍ଷା ଦିନେ କାଦୁଅ ପଚପଚ ଯୋଗୁଁ ଚାଲିକରି ଯିବାକୁ ମଧ୍ୟ ଅସୁବିଧା ସୃଷ୍ଟି ହେଉଛି। ଏପରିକି ହାଟ ସରିବା ପରେ ବିଭିନ୍ନ ଆବର୍ଜନା ସବୁ ପଡିରହି ଦୁର୍ଗନ୍ଧ ମୟ ପରିବେଶ ସୃଷ୍ଟି କରୁଥିଲେ ମଧ୍ୟ ସେଗୁଡ଼ିକ ସଫା କରା ଯାଉନାହିଁ। ଏହି ଭଳି ସମସ୍ୟା ଜିଲ୍ଲାର ଅନ୍ୟ କେତେକ ହାଟରେ ସୃଷ୍ଟି ହେଉଛି। ସେହିପରି କାକିରିଗୁମ୍ମା, କୋରାପୁଟ, ପୋଡ଼ାଗଡ଼, କୁନ୍ଦୁଳି ଭଳି ଅନ୍ୟ କେତେକ ସାପ୍ତାହିକ ହାଟ ଜାତୀୟ ରାଜପଥ ଉପରେ ବସୁଥିବା କାରଣରୁ ଏଥିଯୋଗୁଁ ପ୍ରାୟତଃ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଅନେ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ତେବେ ଏହି ସବୁ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ସେହିପରି ରେଗୁଲେଟ ମାର୍କେଟ୍ କମିଟି କେବଳ ମହାସୁଲ ଆଦାୟ କରୁଥିବା ବେଳେ ଲାଗି ରହିଥିବା ସମସ୍ୟା ଗୁଡ଼ିକର ସମାଧାନ କରୁନାହିଁ। ଯାହା ଫଳରେ ହାଟ ସଉଦା ପାଇଁ ଆସୁଥିବା ଲୋକମାନେ, ବ୍ୟବସାୟୀ ଓ ରାଜପଥର ଯାତାୟାତ କରୁଥିବା ଯାନବାହନ ପାଇଁ ଅସୁବିଧା ସୃଷ୍ଟି ହେଉଛି।

# ମହାନଦୀର ଉଚ୍ଛୁଳା ପାଣିରେ ଟିକରପଡ଼ା ଜଳବନ୍ଦୀ

ଅନୁଗୁଳ, ୦୮/୦୮ : ବିସ୍ଥାପନ ନ ହେଲେ ଜଳବନ୍ଦୀ ଭୋଗିବାକୁ ପଡ଼ିବ। ଭିଟାମାଟି ଛାଡ଼ିବାକୁ ଅଞ୍ଚଳବାସୀଙ୍କ ଉପରେ ପ୍ରଶାସନର ଚାପ ପକାଯାଉଥିବା ଅଭିଯୋଗ କରାଯାଇଛି। ବନ୍ୟା ସମସ୍ୟାରୁ ମୁକ୍ତି ଯୋଜନା ଅର୍ଥରେ ପ୍ରଶାସନର ରୋକ ଲଗାଇବା ଘଟଣା ଚର୍ଚ୍ଚାର ବିଷୟ ଅଟେ। ଅନ୍ୟ ପକ୍ଷରେ ମହିଳାଙ୍କୁ ବିପଦପୂର୍ଣ୍ଣ ଅବସ୍ଥାରେ ଲୋକେ ପନ୍ଦରଫୁଟ ପାଣିରେ କୁମ୍ଭିର ଭୟ ଥିବା ସତ୍ୱେ ବୋହିବାକୁ ବାଧ୍ୟ ହୋଇଥିଲେ । ଜିଲ୍ଲା ପ୍ରଶାସନ ଏ ଦିଗରେ ନୀରବ ଦ୍ରଷ୍ଟା ହୋଇ ରହିଗଲା। ବନ ବିଭାଗର ମାନବିକତା ମଧ୍ୟ ହଜିଗଲା। ବନ ବିଭାଗ ଚାହିଁ ଥିଲେ ଟିକରପଡ଼ାରେ ବିଭାଗର ଥିବା ଅଧ ଡଜନର

## ବନ ବିଭାଗର ମଣିଷ ପଣିଆ ହଜିଗଲା

ଜଳବନ୍ଦୀ ଦୁର୍ଦ୍ଦଶାରେ ପ୍ରପିଡ଼ିତଙ୍କ ଉପରେ ବନ ବିଭାଗର ଅତ୍ୟାଚାର ବ୍ରିଟିଶ ସରକାରଙ୍କ ଅତ୍ୟାଚାର ଠାରୁ ବଳିଗଲା ବୋଲି ଲୋକେ କୁହା କୁହି ହେଉଛନ୍ତି। ଜୁଲାଇ ମାସର ଶେଷ ସପ୍ତାହରେ ମହାନଦୀର ବନ୍ୟାଜଳରେ ଉବୁଟୁବୁ ହେଉଥିଲା ଅନୁଗୁଳ ବ୍ଲକ ଟିକରପଡ଼ା ପଂଚାୟତ ବାସୀ। ରାମିଗୁଡ଼ାରୁ ଗଇଁଦି ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତା ଉପରେ ଏହି ଉଚ୍ଛୁଳା ଜଳ ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ଚାଲିଥିଲା। ଫଳରେ ଟିକରପଡ଼ା ପଞ୍ଚାୟତର ଚାରିଟି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଯାଇଥିଲା। ଚାରିପଟରେ ସାତକୋଶିଆର ଘଞ୍ଚ ଜଙ୍ଗଲ ଓ ପାହାଡ଼ ଘେରା ଭିତରେ ରହି ଯାଇଥିଲେ ପ୍ରାୟ ଦୁଇ ହଜାର ପରିବାର। ଗଇଁଦି, ବେହେରା ସାହି, ମଝିପଡ଼ା ଓ ଅଣାଖଳିର ଅଧିବାସୀଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଲା। ଏମିତି କି ପ୍ରସବ ଯନ୍ତ୍ରଣାରେ ଛଟ ପଟ ହେଉଥିବା ମୋଟର ଚାଳିତ ଡଙ୍ଗା ଲୋକ ମାନଙ୍କ ଦୁର୍ଦ୍ଦଶା ସମୟରେ ସହାୟତାରେ ଆସି ପାରିଥାଆନ୍ତା। ଯାହାକି ବିଗତ ବର୍ଷମାନଙ୍କରେ ବନ ବିଭାଗର ଅଧିକାରୀମାନେ ମାନବିକ ମଲ୍ୟବୋଧ ପାଇଁ ଲୋକମାନଙ୍କ ଯିବା ଆସିବା ନିମନ୍ତେ ପାଣି ଘେର ଅଞ୍ଚଳରେ ଗୋଟିଏ କିମ୍ବା ଦୁଇଟି ମୋଟର ଚାଳିତ ଡଙ୍ଗା ଦେବାର ନଜିର ରହିଛି। କିନ୍ତୁ ସେମିତି କିଛି ହେଲା ନାହିଁ। ଓଲଟା ଲୋକ ମାନଙ୍କ ଦ୍ୱାରା ବ୍ୟବହୃତ କାଠ ଡଙ୍ଗାରେ ବନ କର୍ମଚାରୀ ମାନେ ନିତି ଦିନ ସେମାନଙ୍କ କାର୍ଯ୍ୟରେ ଯିବା ଆସିବା କରୁଥିଲେ। ଅପର ପକ୍ଷରେ ଜଳ ବୁଡି ଅଂଚଳରେ ଜମି ରହିଥିବା ବଢିପାଣିରେ ନିଜର ପେଟ ପାଇଁ ମଶାରୀରେ ମାଛ ମାରୁଥିବା ଅଂଚଳବାସୀଙ୍କ ଉପରେ ବନ ବିଭାଗ କର୍ମଚାରୀଙ୍କ ଦମନ ଲିଳା ଚର୍ଚ୍ଚାର ବିଷୟ ଅଟେ । ଘଟଣାକୁ କେନ୍ଦ୍ର କରି



ଟିକରପଡା ବନାଂଚଳ ଅଫିସରେ ସ୍ଥାନୀୟ ଜନତା ଙ୍କ ଉତେଜନା ଦେଖିବାକୁ ମିଳିଥିଲା। ଘଟଣାରେ ପୁରୁଣାକୋଟ ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହି ଚାରୋଟି ଗାଁର ଲୋକେ ନିଜର ପୁର୍ବ ପୁରୁଷ ଅମଳରୁ ଶହ ଶହ ବର୍ଷ ତଳୁ ବସ ବାସ କରୁଛନ୍ତି। ସେମାନଙ୍କ ପୁର୍ବ ପୁରୁଷ ମାନଙ୍କ ଅବଦାନରେ ବଂଚି ଥିବା ଜଙ୍ଗଲ ଏବେ ବନ ବିଭାଗ ଅଧିନକୁ ଯାଇଛି। କିନ୍ତୁ ଯେଉଁ ଜଙ୍ଗଲ ପାଇଁ ସେମାନେ ଏଠାରେ ଲୋକଙ୍କ ଟିକସ ପଇସାରେ ପରିବାର ଚଳାଉଛନ୍ତି ସେମାନଙ୍କ ଦୁର୍ଦ୍ଦଶା ସମୟରେ ସାମାନ୍ୟ ମଣିଷ ପଣିଆ ଦେଖାଇଲେ ନାହିଁ। ବନ ବିଭାଗର ଡଙ୍ଗା ଲୋକ ମାନଙ୍କ ଯାତାୟାତରେ ବ୍ୟବହାର କରା ନ ଯିବା ଘଟଣାକୁ ବହୁ ବୁଦ୍ଧିଜିବୀ ମାନେ ନିନ୍ଦା କରିଛନ୍ତି। ବନ ବିଭାଗର ଏପ୍ରକାର ଆଚରଣ ପାଇଁ ସ୍ଥାନୀୟ ଅଂଚଳ ବାସୀ ଅନେକ ସମୟରେ ସେମାନଙ୍କୁ ବିରୋଧ କରୁଥିବା ଘଟଣା ଅଂଚଳ ବାସୀଙ୍କ ସୁତ୍ରରୁ ପ୍ରକାଶ। ମହାନଦୀରେ ବଢି ପାଣି ଆସିଲେ ପ୍ରତି ବର୍ଷ ଏହି ରାସ୍ତାରେ ବନ୍ୟା ଜଳ ପ୍ରବାହିତ ହୋଇ ସମସ୍ୟା ଉପୁଜିବା ନିତ୍ୟ ନିୟମୀତ ଘଟଣା। ଏହି ସମସ୍ୟାରୁ ଅଂଚଳବାସୀଙ୍କୁ ମୁକ୍ତ କରିବାକୁ ଗତ ସରକାର ସମୟରେ ଏକ ସ୍ଥାୟୀ ଯୋଜନା ପ୍ରସ୍ତୁତ ହୋଇଥିଲା। ଟିକରପଡା ସମେତ ଏଠାରେ ଏକ ଉଚ୍ଚ ରାସ୍ତା ତିଆରି କରି ପୋଲ ସାହାଯ୍ୟରେ ବଢି ପାଣିକୁ ରୋକିବା ପାଇଁ ଅଣତିରିଶ କୋଟି ଟଙ୍କା ମଂଜୁର କରାଯାଇଥିଲା। ଇତି ମଧ୍ୟରେ ଟିକରପଡା ରେ ଉଚ୍ଚ ରାସ୍ତା ନିର୍ମାଣ ସରିଯାଇଛି। କିନ୍ତୁ ରାମି ମୁଣ୍ଡା ରୁ ଗଇଁଦି ରାସ୍ତା କାମ ଉପରେ ପ୍ରଶାସନ ରୋକ ଲଗାଇଥିବା ଅଭିଯୋଗ ହେଉଛି। ଅଂଚଳ ବାସୀଙ୍କୁ ବିସ୍ଥାପନର ବୋଝ ଲଦି ଦେବାକୁ ମାନସିକ ଭାବରେ ଚାପ ସୃଷ୍ଟି କରିବା ଲକ୍ଷ୍ୟରେ ଏପରି କରାଯିବା ଘଟଣା ବିଷୟରେ ଚର୍ଚ୍ଚା ହେଉଛି। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ପାଇଁ ବିସ୍ଥାପନ କୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ପ୍ରଶାସନର ଜିଦ ପାଇଁ ଲୋକ ମାନଙ୍କ ମୌଳିକ ଅଧିକାର ରୁ ବଂଚିତ ହେବା ଘଟଣାକୁ ବିଭିନ୍ନ ସ୍ତରରେ ତୀବ୍ର ନିନ୍ଦା କରାଯାଇଛି। ବିଗତ ଦିନରେ ସାତକୋଶିଆର ତ୍ରୁଟିପୂର୍ଣ୍ଣ ସ୍ୱେଚ୍ଛାକୃତ ବିସ୍ଥାପନ ନୀତି ପାଇଁ ରାଜ୍ୟର ଏକାଧିକ କୋର୍ଟରେ ପ୍ରାୟ ପଚିଶ ଗୋଟି ଅଭିଯୋଗର ବିଚାର ଚାଲୁଛି। ଅନ୍ୟ ପକ୍ଷରେ କିଛି ଦୁର୍ବଳ ଶ୍ରେଣୀର ଜମି ବାଡି ନଥିବା ବ୍ୟକ୍ତି ଏ ଅଂଚଳରେ ବିସ୍ଥାପନ ପ୍ୟାକେଜ ଲୋଭରେ ପଡି ଯାଇଥିବା ବେଳେ ଅନ୍ୟ ମାନେ ସେଥିରେ ସହମତ ନାହାଁନ୍ତି । ତେଣୁ ସାତକୋଶିଆରେ ସ୍ୱେଚ୍ଛାକୃତ ବିସ୍ଥାପନ ଏବେ ଦୋ-ଛକିରେ ଛିଡା ହୋଇଛି। କୋର୍ଟ କଚେରୀ ମାମଲାରେ ଛନ୍ଦି ହେବାକୁ ପ୍ରଶାସନିକ ଅଧିକାରୀମାନେ ଚାହୁଁ ନାହାନ୍ତି। ଫଳରେ ସାତକୋଶିଆ ବିସ୍ଥାପନ କାର୍ଯ୍ୟ ବର୍ଷକ ପରେ ପାଦେ ହେଲେ ଆଗକୁ ବଢି ପାରୁ ନାହିଁ। ବିସ୍ଥାପନର ଦ୍ୱାହୀ ରେ ସ୍ଥାନୀୟ ଜନତାଙ୍କୁ ସେମାନଙ୍କ ମୌଳିକ ସୁବିଧାରୁ ବଂଚିତ କରିବା ଘଟଣାକୁ ବିଭିନ୍ନ ମହଲରେ ନା ପସନ୍ଦ କରା ଯାଇଛି।

# ବିଡ଼ିଏ ଜବରଦଖଲ ଉଚ୍ଛେଦ କଲା କାହା ସାହସରେ ଜବରଦଖଲକାରୀ ରାସ୍ତା ଉପରେ ପାଚେରି ନିର୍ମାଣ କଲା

ଭୁବନେଶ୍ୱର, ୦୮/୦୮ : ଶଙ୍କରପୁର ମୌଜାର କଳିଙ୍ଗନଗର ଅଞ୍ଚଳରେ ଜଣେ ଜବରଦଖଲକାରୀକୁ ବିଡ଼ିଏ ଉଚ୍ଛେଦ କରି ରାସ୍ତା ଅବରୋଧ ହଟାଇଥିବାର ଦେଖିବାକୁ ମିଳିଥିଲା। ଯେଉଁ ପୋଲିସ ପ୍ରଶାସନ ଉଚ୍ଛେଦ ସମୟରେ ଉପସ୍ଥିତି ଥିଲେ ପରଦିନ ପୋଲିସର ଆଭିମୁଖ୍ୟ ବଦଳି ଯାଇଥିବା ଦେଖିବାକୁ ମିଳିଥିଲା। ତାରିକ ମହାନ୍ତି ଓ ପ୍ରିୟ ପଟ୍ଟନାୟକ ନାମକ ଜବର ଦାଖଲକରୀ କିଛି ଅସାମାଜିକ ବ୍ୟକ୍ତିଙ୍କୁ ଏକଜୁଟ କରି ଅବରୋଧ ହଟିଥିବା ସ୍ଥାନରେ ପାଚେରୀ ନିର୍ମାଣ କରୁଥିବାର ଦେଖିବାକୁ ମିଳିଥିଲା। ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକେ ପୋଲିସର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଜବର ଦଖଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଇ ଅଭିଯୋଗକାରୀଙ୍କୁ ଗିରଫର ଧମପୂର୍ଣ୍ଣ ଦେଇଥିବା ଅଭିଯୋଗ ଆସିଛି। ଉକ୍ତ ଜାଗା ଅନାବାଦୀ କିସମରେ ଯାଉଥିଲେ ମଧ୍ୟ ଦୀର୍ଘ କୋଡ଼ିଏ ବର୍ଷ ଧରି ସେ ବାଟରେ ସାଧାରଣ ଲୋକଙ୍କ ଚଳପ୍ରଚଳ ରହିଥିଲା। ଏହି ରାସ୍ତାକୁ ଆଧାର କରି ଉକ୍ତ ଅଞ୍ଚଳରେ ଘର ଖଣ୍ଡିଏ ନିର୍ମାଣ ପାଇଁ ଶତାଧିକ ଲୋକେ ଜମି କ୍ରୟ କରିଛନ୍ତି,ସେମାନଙ୍କ ଠାରୁ ଧମକ ଦେଇ ଧନ ଆଦାୟ କରିବାର ଜବରଦଖଲକରୀର ଆଭିମୁଖ୍ୟ ରହିଥିବା ଜାଣିବାକୁ ମିଳିଛି। ପାଚେରୀ ହଟିଲେ ପଇସା ଦେବାକୁ ପଡ଼ିବ ବୋଲି କୁହାଯାଉଛି।ଜବରଦଖଲକାରୀର ହାତ ଲମ୍ବା ବୋଲି କହୁଥିବା ବେଳେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଗତ ତା ୦୧-୦୭-୨୦୨୬ ରେ ଅର୍ଡର ନମ୍ବର - ୧୪୨୩୩ର ଶଙ୍କର ମୌଜାର ଖାତା



ନମ୍ବର ୨୦୭୭ ପ୍ଲଟ ନମ୍ବର ୧୬୦୧ ରେ ଥିବା ୦।୮୦ ଡିସିମିଲ ଜମିର ଜବରଦଖଲ ଉଚ୍ଛେଦ ନିମନ୍ତେ ନୋଟିସ ଜାରି କରାଯାଇଥିଲା। ଏହା ସହିତ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡାଏରୀ ନମ୍ବର ୩୬୯ ତା ୦୧-୦୮-୨୦୨୬ ରେ ବିଡ଼ିଏର ଉଚ୍ଚଅଧିକାରୀଙ୍କୁ ଉପଯୁକ୍ତ ପଦକ୍ଷେପ ପାଇଁ ଚିଠି କରାଯାଇଥିବା ବେଳେ ଆର ଆଇ ଘାଟିକିଆ ପତ୍ର ସଂଖ୍ୟା ୫୨୧ ତା ୦୮-୦୬-୨୬ ରେ ଏହା ଜବରଦଖଲରେ ଅଛି ବୋଲି ଭୁବନେଶ୍ୱର ତହସିଲଦାରଙ୍କୁ ରିପୋର୍ଟ କରିଥିବା ତଥ୍ୟ ରହିଛି। ଜବରଦଖଲକାରୀ ରାସ୍ତା ଉପରେ ପାଚେରି ନିର୍ମାଣ ପୁନଃର୍ବାର କରିବାରୁ ତାଙ୍କ ନାମରେ ବିଡ଼ିଏ ଏତଲା ଦେଇଛି। ଅନ୍ୟପକ୍ଷେ ପ୍ରିୟ ପଟ୍ଟନାୟକ ଲିଜ୍ ଜମିକୁ ବେଆଇନ୍‌ଭାବେ ପଟ୍ଟା କରିଥିଲେ । ଯେଉଁ ତହସିଲଦାର ଏହି ଭୁଲ କାମ କରି ବେଆଇନ୍ ଭାବେ ପଟ୍ଟା ପ୍ରଦାନ କରିଥିଲେ ସେ ଏବେ ନିଲମ୍ବିତ ହେବା ସହିତ ଜେଲରେ ଅଛନ୍ତି। ଉକ୍ତ ପଟ୍ଟାଟି ମଧ୍ୟ ସେଟେଲମେଣ୍ଟ ଖାରଜ କରିଥିବା ବେଳେ ଉକ୍ତ ଜମିଟି ସରକାରୀ ଖାତାକୁ ଯାଇଛି। ପ୍ରିୟ ପଟ୍ଟନାୟକ ଉକ୍ତ ବେଆଇନ୍ ଜମିକୁ ଜଣକ ସହ କୋର୍ଟ ଏଗ୍ରିମେଣ୍ଟ କରି ୨୪ ଲକ୍ଷ ଟଙ୍କା ନେଇଛନ୍ତି। ଯାହାକି ବେଆଇନ୍ ଅଟେ । ବେଆଇନ୍‌ଭାବେ ଏହି ଜମିକୁ ବିକ୍ରି କରିଥିବାରୁ ଅର୍ଥ ଦେଇ ଚୁକ୍ତି କରିଥିବା ବ୍ୟକ୍ତି ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି। ପ୍ରିୟ ପଟ୍ଟନାୟକ ନିଜର ଦୋଷ ଲୁଚାଇବା ପାଇଁ ଏହି ମାମଲାକୁ ଏଡ଼ାଇବା ପାଇଁ ହାଇକୋର୍ଟର ଦ୍ୱାରସ୍ତ ହୋଇଛନ୍ତି। ବିଡ଼ିଏ ପଦାଧିକାରୀ କହିବା ଅନୁଯାଇ ଉକ୍ତ ଜମିଟି ଅନାବାଦି ହୋଇଥିବାରୁ ଅନାଧିକାର ଭାବେ ତାକୁ କେହି ଦଖଲ କରିପାରିବେ ନାହିଁ ତାହା ଜନସାଧାରଣଙ୍କ ଜାତାୟତ ପାଇଁ ଉଦ୍ଦିଷ୍ଟ। ସମସ୍ତ ଘଟଣା ବାବଦରେ ବିଡ଼ିଏ ବିଏମସି ସାଧାରଣ ପ୍ରଶାସନ ବିଭାଗ ଅବଗତ ଥାଇ କମିଶନରେଟ ପୋଲିସର ସହଯୋଗରେ ଜବର ଦଖଲ ଉଚ୍ଛେଦ ହୋଇଥିବା ବେଳେ, କାହାର ପୃଷ୍ଠପୋଷକତା ଓ ପ୍ରୋତ୍ସାହନରେ ବେଆଇନ ନିର୍ମାଣ ପାଇଁ ସାହସ ଆସିଲା ତାହାକୁ ନେଇ ଉଠିଛି ପ୍ରଶ୍ନ ?

# ବିଜେପି ନେତାଙ୍କୁ ଗୋଡ଼ାଇ ଗୋଡ଼ାଇ ଛୁରୀ ଭୁଷି ହତ୍ୟା



କଳାହାଣ୍ଡି, ୦୮/୦୮ (ଜେଏନ୍‌ଏସ୍) : କଳାହାଣ୍ଡି ମଦନପୁର ରାମପୁର ଥାନା ଅଞ୍ଚଳରେ ଅଭାବନୀୟ ଘଟଣା ଘଟିଛି। ଏଠାକାର ଜଣେ ବିଜେପି ନେତାଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଛି। ଏହି ହତ୍ୟାକାଣ୍ଡରେ ପୁଲିସ ୨ ଜଣଙ୍କୁ ଅଟକ ରଖିଥିଲେ ହେଁ ହତ୍ୟାର କାରଣ ଏଯାଏ ସ୍ପଷ୍ଟ ହୋଇନି। ବର୍ତ୍ତମାନ ତଦନ୍ତ ଚାଲିଛି ଓ ତଦନ୍ତ ଶେଷ ହେବା ପରେ ଘଟଣା ସମ୍ପର୍କରେ ବିସ୍ତୃତ ତଥ୍ୟ ଦିଆଯିବ ବୋଲି ପୁଲିସ୍ କହିଛି।

ପୁଲିସ୍ ବିସ୍ତୃତ ତଥ୍ୟ ଦେବାକୁ ମନା କରିଥିଲେ ହେଁ ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରିଛି। ତଥାପି ହତ୍ୟା ପଛରେ ରାଜନୀତିକ ବିବାଦ ରହିଛି କି ନାହିଁ, ତା' ମଧ୍ୟ ଖୋଳତାଡ଼ ଚାଲିଛି। ଗତକାଲି ରାତିରେ ମଦନପୁର ରାମପୁର ଥାନା ଡମ୍ କର୍ଲାଖୁଣ୍ଟା ଗାଁର ବିଜେପି ନେତା ଫକୀର ରଣାଙ୍କୁ ଛୁରୀ ଭୁସି ହତ୍ୟା କରିଥିଲେ ଦୁର୍ବୃତ୍ତ। ଫକୀର ସ୍ଥାନୀୟ ସରପଞ୍ଚ ତଥା ବିଜେପି କର୍ମୀ ସ୍ନିଗ୍ଧା ରଣାଙ୍କ ସ୍ୱାମୀ।

ଘଟଣା ଦିନ ଫକୀର ପଞ୍ଚାୟତ ଅଫିସ କାର୍ଯ୍ୟାଳୟ ଆଗରେ ଛିଡ଼ା ହୋଇଥିଲେ। ଏହି ସମୟରେ କିଛି ଅଜଣା ଦୁର୍ବୃତ୍ତ ତାଙ୍କ ପାଖରେ ପହଞ୍ଚିଥିଲେ। କେହି କିଛି ବୁଝିବା ଆଗରୁ ସେମାନେ ଫକୀରଙ୍କୁ ଆକ୍ରମଣ କରି ଦେଇଥିଲେ। ଜୀବନ ବିକଳରେ ଆତ୍ମରକ୍ଷା ପାଇଁ ଧାଇଁଥିଲେ ଫକୀର। କିନ୍ତୁ ଦୁର୍ବୃତ୍ତଙ୍କ ହାତରୁ ନିସ୍ତାର ମିଳି ନଥିଲା। ପ୍ରାୟ ୧୦୦ ମିଟର ଯାଏ ଗୋଡ଼ାଇ ଗୋଡ଼ାଇ ତାଙ୍କୁ ଛୁରାମାଡ଼ କରିଥିଲେ ଦୁର୍ବୃତ୍ତ। ବିଟ୍ ରାସ୍ତାରେ ସଂଘବଦ୍ଧ ଭାବେ ନିର୍ଦ୍ଦୟ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

ରକ୍ତାକ୍ତ ଅବସ୍ଥାରେ ଫକୀରଙ୍କୁ ଆଶୁ ଚିକିତ୍ସା ପାଇଁ ମଦନପୁର ରାମପୁର ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ସେତେବେଳକୁ ସବୁ ଶେଷ ହୋଇ ସାରିଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ନୃଶଂସ କାଣ୍ଡ ପଛରେ ପୂର୍ବ ଶତ୍ରୁତା ରହିଥିବା ନେଇ ସରପଞ୍ଚ ପତ୍ନୀ ସ୍ନିଗ୍ଧା ରଣା ମଦନପୁର ରାମପୁର ଥାନାରେ ୩ ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିବା ବେଳେ ପୁଲିସ୍ ତୁରନ୍ତ ଆକ୍ସନ ମୋଡକୁ ଆସିଥିଲା। ପୁଲିସ୍ ହତ୍ୟା ମାମଲା ରୁଜୁ କରି ଘଟଣାର ଖୋଳତାଡ଼ ଆରମ୍ଭ କରିବା ସହ ୨ ଜଣଙ୍କୁ ଉଠାଇ ନେଇ ଜେରା କରୁଛି। ବାସ୍ତବରେ ହତ୍ୟା ପଛରେ ଅଟକ ଥିବା ଦୁଇ ବ୍ୟକ୍ତି ଭୂମିକା ରହିଛି କି ନାହିଁ, ତା'ର ଛାନଭିନ ପୁଲିସ୍ କରୁଛି। ସେହିପରି ଫରେନ୍ସିକ ଟିମ ମଧ୍ୟ ଘଟଣା ସ୍ଥଳରେ ସରଜମିନ ତଦନ୍ତ କରୁଥିବା ଜଣାପଡ଼ିଛି।

# ବନ୍ୟା ମୁକାବିଲା ନେଇ ଭାଜପାର ସାମ୍ବାଦିକ ସମ୍ମିଳନୀ

ଭଦ୍ରକ, ୪।୮ (ଓଡିଆ ପୁଅ / ସ୍ନିଗ୍ଧା ରାୟ) – ଭଦ୍ରକ ଜିଲ୍ଲା ତିହିଡି ବିଜେପି ପକ୍ଷରୁ ମନ୍ଦୋଦରୀ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ସନ୍ଧ୍ୟାରେ ବନ୍ୟା ମୁକାବିଲା ନେଇ ଏକ ସାମ୍ବାଦିକ ସମ୍ମିଳନୀ ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତହୋଇଯାଇଛି । ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ର ଯୋଗ ଦେଇ କହିଥିଲେ ଯେ , ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ନିଜ ଜୀବନକୁ ବିପନ୍ନ କରି ସମର୍ପଣ ଭାବରେ ବିପନ୍ନଙ୍କ ନିକଟରେ ପହଞ୍ଚି ସେମାନଙ୍କର ଦୁଃଖ ବୁଝିଛନ୍ତି। ବିଗତ ବିଜେଡି ସରକାର ସମୟରେ କୌଣସି ମନ୍ତ୍ରୀ ଏପରି ସେବା ମନୋବୃତ୍ତି ନେଇ କାର୍ଯ୍ୟକରିନଥିଲେ।ବନ୍ୟା ମୁକାବିଲାରେ ସରକାର ସଫଳ ହୋଇଛନ୍ତି କ୍ଷ ବିଶେଷ ବିଡ଼ିଓ ନିରଞ୍ଜନ ବାରିକଙ୍କ ନେତୃତ୍ୱରେ ବ୍ଲକ ପ୍ରଶାସନ ବନ୍ୟା ପରିସ୍ଥିତିକୁ ସାମ୍ନାକରି ବିପନ୍ନଙ୍କୁ ରନ୍ଧା ଓ ଶୁଖିଲାଖାଦ୍ୟ, ପାଣି ବୋଟଲ , ପଲିଥିନ ଯୋଗାଇଦେବାରେ ସଫଳ ହୋଇଛି।ମନ୍ତ୍ରୀ ଶ୍ରୀ ସୁରଜ ୩ଦିନ ଧରି ବନ୍ୟା ପ୍ଲାବିତ ବିଭିନ୍ନ ଅଞ୍ଚଳକୁ ଯାଇ ରନ୍ଧା ଖାଦ୍ୟର ମନ ଯାଞ୍ଚ କରିବା ସହ ଜଣେ କେହି ବିପନ୍ନ ଯେପରି ଭୋକରେ ନରହନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ ସୂରଜ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀ ସୂରଜ ଯେପରି ବନ୍ୟାପ୍ଲାବିତ ବହୁ ଅପହଞ୍ଚ



ଗାଁକୁ ଯାଇ ସାହସର ସହିତ ବନ୍ୟାର ମୁକାବିଲା କରିଛନ୍ତି ସେଥିପାଇଁ ତାଙ୍କ କାର୍ଯ୍ୟ ପ୍ରଶଂସନୀୟ ବୋଲି କହିଥିଲେ। ଦଳର ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ବନ୍ୟାଞ୍ଚଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଥମେ ଜିଲ୍ଲାପାଳ ଡ଼. ଦିଲ୍ଲୀପ ରାଉତରାଏ ଓ ପରେ ଜିଲାପାଳ ସୋମେଶ ଉପାଧ୍ୟାୟଙ୍କ ସହ ଆଲୋଚନା କରି ବିପନ୍ନମାନେ ଯେପରି କୌଣସି ସମସ୍ୟାରେ ନପଡ଼ନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ବରିଷ୍ଠ ନେତା ମୁକ୍ତିକାନ୍ତ ନାୟକ, ମଣ୍ଡଳ ସଭାପତି ସରୋଜ କୁମାର

> ✦ ଜୀବନକୁ ବିପନ୍ନକରି ବିପନ୍ନ ପାଖରେ ପହଞ୍ଚିଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ
>
> ✦ ବନ୍ୟା ମୁକାବିଲାରେ ପ୍ରଶାସନ ସଫଳ

ନାୟକ, ସାଇଶରଣ ବେହେରା ଓ ଅଜୟ କୁମାର ମହାନ୍ତି, ଭାଜପା ପ୍ରଭାରୀ ପ୍ରମୋଦ ଦାସ ଓ ତପନ ପାଢ଼ୀ, ସରପଞ୍ଚ ପ୍ରଦୀପ ବଳ, ସମିତିସଭ୍ୟ ଚିନ୍ତାମଣି ଦାସ ପ୍ରମୁଖ ଯୋଗଦେଇ ବନ୍ୟା ବିପନ୍ନଙ୍କୁ ପ୍ରଥମ ଥର ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଥିଲା । ପ୍ରଳୟଙ୍କାରୀ ବନ୍ୟା ହୋଇଥିଲେ ବି ପ୍ରଶାସନ ସଫଳତାର ସହିତ ଏହାର ମୁକାବିଲା କରିଛି ବୋଲି କହିବା ସହ ବିରୋଧୀ ବିଜେଡ଼ିର ନକରାତ୍ମକ ମନ୍ତବ୍ୟକୁ ତୀବ୍ର ସମାଲୋଚନା କରିଥିଲେ । ମନ୍ତ୍ରୀ ସୂରଜ ଉପସ୍ଥିତ ରହି ବନ୍ୟା ପରିସ୍ଥିତି ଉପରେ ତୀକ୍ଷଣ ଦୃଷ୍ଟି ରଖିଥିଲେ। ପରେ ଦଳ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ବିପନ୍ନଙ୍କୁ ଦିଆଯାଇଥିବା ସହାୟତା ଏବଂ ବଣ୍ଟନ ହୋଇଥିବା ଗୋଖାଦ୍ୟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶକ୍ତିପ୍ରମୁଖ ମନୋଜ ଦାସ,ପ୍ରଭାରୀ ଆଲୋକ ପ୍ରିୟଦର୍ଶୀ ଉପସ୍ଥିତଥିଲେ। ଶେଷରେ ସାହାଡ଼ାଶୁଣି ମଣ୍ଡଳ ସଭାପତି କେଶବ ବେହେରା ଧନ୍ୟବାଦ ଦେଇଥିଲେ ।

## ମହୁ ମାଛି ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

କୋରାପୁଟ , ୯ । ୮ (ଜେଏନଏସ ) : ଗାଇ ଚରାଉ ଥିବା ବେଳେ ମହୁ ମାଛି ଆକ୍ରମଣର ଶିକାର ହୋଇ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଲକ୍ଷ୍ମୀପୁର ଥାନା ଅଧିନ ବୁର୍ଜା ପଞ୍ଚାୟତ ର ବନ୍ଦିକାର ଗ୍ରାମର ପିଲ୍କୁ ମିଣିଆକା (୬୮)। ପିଲ୍କୁ ପ୍ରତି ଦିନ ପରି ଗାଁ ଠାରୁ ଗାଇ ପ୍ରାୟ ଦୁଇ କିଲୋମିଟର ଦୂର ଜଙ୍ଗଲ ଭିତରକୁ ଗାଇ ଚରେଇବାକୁ ଯାଆନ୍ତି ।ତେବେ ଗାଈ ଚରେଇବା ବେଳେ ଜଙ୍ଗଲ ଭିତରେ ବହୁ ସଂଖ୍ୟକ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲେ।ତାଙ୍କ ଚିତ୍କାର ଶୁଣି ଅନ୍ୟ ଗାଈ ଚରାଳି ମାନେ ତାଙ୍କୁ ସେଠାରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଗାଁ କୁ ଆଣି ସେଠାରୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରୁଥିବା ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ କୁ ସ୍ଥାନାନ୍ତର କରିଥିଲେ। କୋରାପୁଟ ରେ ପ୍ରାୟ ରାତି ଏଗାରଟା ରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଲକ୍ଷ୍ମୀପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।





ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## ବାଚସ୍ପତି କହିଲେ, ମୁଁ ଏହି ପଦବୀ ପାଇଁ ଯୋଗ୍ୟ ନୁହେଁ




ଲକ୍ଷ୍ନୌ,୫।୮: ଉତ୍ତରପ୍ରଦେଶ ବିଧାନସଭାର ମୌସୁମୀ ଅଧିବେଶନ ସମୟରେ ବାଚସ୍ପତି ସତୀଶ ମହାନା ବିଧାୟକମାନଙ୍କୁ ସମ୍ବୋଧିତ କରିବା ସମୟରେ ଭାବପ୍ରବଣ ହୋଇ ପଡ଼ିଥିଲେ। ଅଧିବେଶନର ଦ୍ୱିତୀୟ ଦିନ ଅଗଷ୍ଟ ୪ରେ ହୋଇଥିବା ହଙ୍ଗାମା ବିଷୟରେ ଉଲ୍ଲେଖ କରି ବାଚସ୍ପତି କହିଥିଲେ, ମୁଁ ଏହି ପଦବୀ ପାଇଁ ଯୋଗ୍ୟ କି ନାହିଁ ସେ ବିଷୟରେ ଆତ୍ମସମୀକ୍ଷା କରିବି। ମୁଁ ଏହି ଚୌକି ପାଇଁ ଯୋଗ୍ୟ କି ନାହିଁ ଏବଂ ଗତ ସାଢ଼େ ଚାରି ବର୍ଷ ଧରି ମୁଁ ଯାହା କରିଛି ତାହା ଉପଯୁକ୍ତ କି ନାହିଁ ତାହା ମୋତେ ବିଚାର କରିବାକୁ ପଡିବ। ବାଚସ୍ପତି ମନ୍ତବ୍ୟ ଦେଇଥିଲେ, ମୋର ଏକ ଲମ୍ବା ରାଜନୈତିକ କ୍ୟାରିଅର ଅଛି, ଯାହା ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ଅଛି। ମୋର ପ୍ରୟାସ ହେଉଛି, ଏହି ବିଧାନସଭା ମୋତେ ଯାହା ଦେଇଛି, ତାହା କିଛି ପରିମାଣରେ ପରିଶୋଧ କରିବି। ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ଦଳୀୟ ସୀମାରୁ ଉପରକୁ ଉଠି ଆମେ କିପରି ଭଲ କରିପାରିବୁ ତାହା ବିଚାର କରିବାକୁ ଅନୁରୋଧ କରୁଛି।

ବାଚସ୍ପତି ମନେ ପକାଇ କହିଥିଲେ,ଯେତେବେଳେ ଅଖିଳେଶ ଯାଦବ ମୁଖ୍ୟମନ୍ତ୍ରୀ ଥିଲେ, ଏହି ବିଧାନସଭାରେ ଦୁଇଜଣ ବିଧାୟକ ସେମାନଙ୍କର ଶର୍ଟ ଖୋଲି ଦେଇଥିଲେ। ସେତେବେଳେ, ମୁଁ କହିଥିଲି ଯେ କେବଳ ସେହି ଦୁଇ ବିଧାୟକ ସେମାନଙ୍କର ପୋଷାକ ଖୋଲି ନ ଥିଲେ; ବରଂ ସମସ୍ତ ୪୦୩ ବିଧାୟକଙ୍କ ମର୍ଯ୍ୟାଦା ହରଣ କରିଥିଲେ।

ବାଚସ୍ପତି କହିଥିଲେ, ଯଦିଓ ବିତର୍କ, ସହମତି ଏବଂ ମତଭେଦ ଗଣତନ୍ତ୍ରର ଅବିଚ୍ଛେଦ୍ୟ ଅଂଶ, ଭାଷାର ସୌନ୍ଦର୍ଯ୍ୟ ବଜାୟ ରହିବା ଆବଶ୍ୟକ। ଗତକାଲି ଗୃହରେ ଯାହା ଘଟିଲା ତାହା ଦେଖି ମୁଁ ଦୁଃଖିତ ଏବଂ ନିରାଶ। ପ୍ରଥମ ଥର ପାଇଁ, ମୁଁ ଅନୁଭବ କଲି ଯେ ଆମର ପ୍ରୟାସରେ କୌଣସି ତ୍ରୁଟି ଥିଲା, କିମ୍ବା ବାବାସାହେବ ଭୀମରାଓ ଆମ୍ବେଦକର ଠିକ ଥିଲେ: ତ୍ରୁଟି ସମ୍ବିଧାନରେ ନୁହେଁ, ବରଂ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଛି।

## ମହାକାଶରେ ହୋଇପାରେ ଜୋରଦାର ବିସ୍ଫୋରଣ



**ଭାରତର ୨୦ରୁ ୨୨ ସାଟେଲାଇଟ୍ ଉପରେ ବିପଦ**

ନୂଆଦିଲ୍ଲୀ, ୦୮/୦୮: ଲୋକ ସଭାରେ ସରକାର ଜଣାଇଛନ୍ତି ଯେ ଭାରତର ଲୋ ଅର୍ଥ ଅରବିଟ୍‌ରେ କାର୍ଯ୍ୟରତ ୨୨ଟି ସକ୍ରିୟ ସାଟେଲାଇଟ୍ (ଉପଗ୍ରହ) ମଧ୍ୟରୁ ୨୦ଟି ଉପରେ ଧକ୍କା ହେବାର ବିପଦ ରହିଛି। ଏହି ସୂଚନା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏକ ଲିଖିତ ଉତ୍ତରରେ ଦେଇଛନ୍ତି। ସେ କହିଛନ୍ତି ଯେ ମହାକାଶରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ସାଟେଲାଇଟ୍ ଏବଂ ସ୍ପେସ୍ ଆବର୍ଜନା (ମହାକାଶ ଆବର୍ଜନା) କାରଣରୁ ଏହି ବିପଦ ପୂର୍ବ ଅପେକ୍ଷା ଆହୁରି ବଢ଼ିଯାଇଛି। ଏପରି ପରିସ୍ଥିତିରେ ପ୍ରତ୍ୟେକ ସାଟେଲାଇଟ୍ ଉପରେ କ୍ରମାଗତ ନଜର ରଖାଯାଉଛି ଯେପରି ସମୟ ଥାଉ ଥାଉ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇପାରିବ ଏବଂ କୌଣସି ବଡ଼ କ୍ଷତିରୁ ରକ୍ଷା ମିଳିପାରିବ।

ଲୋ ଅର୍ଥ ଅରବିଟ୍ ଅର୍ଥାତ୍ ପୃଥିବୀରୁ ପ୍ରାୟ ୨,୦୦୦ କିଲୋମିଟର ପର୍ଯ୍ୟନ୍ତ ଉଚ୍ଚତା ବିଶିଷ୍ଟ ଅଞ୍ଚଳକୁ ସବୁଠାରୁ ଅଧିକ ବ୍ୟସ୍ତବହୁଳ ବୋଲି ମାନାଯାଏ। ଏହି ଅଞ୍ଚଳରେ ଅନେକ ଦେଶର ସାଟେଲାଇଟ୍ ଏବଂ ପୁରୁଣା ରକେଟର ଅଂଶବିଶେଷ ମହଜୁଦ ଅଛି। ଏହା ବ୍ୟତୀତ ଭଙ୍ଗାରୁଜା ଛୋଟ ଛୋଟ ସ୍ପେସ୍ ଆବର୍ଜନା ମଧ୍ୟ ତୀବ୍ର ଗତିରେ ଘୁରି ବୁଲୁଛି। ଯଦି ଏଥିମଧ୍ୟରୁ କୌଣସି ଜିନିଷ କୌଣସି ସାଟେଲାଇଟ୍ ସହ ଧକ୍କା ହୁଏ, ତେବେ ବଡ଼ ଧରଣର କ୍ଷତି ହୋଇପାରେ। ଏହି କାରଣରୁ ଏହି ଉଚ୍ଚତାରେ କାର୍ଯ୍ୟ କରୁଥିବା ସାଟେଲାଇଟଗୁଡ଼ିକ ଉପରେ ସବୁଠାରୁ ଅଧିକ ନଜର ରଖାଯାଏ।

ସରକାରଙ୍କ ଅନୁସାରେ, ବର୍ଷ ୨୦୨୬ରେ ଏପର୍ଯ୍ୟନ୍ତ ଇସ୍ରୋ ୯ ଥର ନିଜ ସାଟେଲାଇଟଗୁଡ଼ିକର ରାସ୍ତା ବଦଳାଇ ସାରିଛି ଯେପରି କୌଣସି ସମ୍ଭାବ୍ୟ ଧକ୍କାରୁ ରକ୍ଷା ମିଳିପାରିବ। ବର୍ଷ ୨୦୨୫ରେ ଏପରି ୨୦ଟି ସୁଯୋଗ ଆସିଥିଲା, ଯେତେବେଳେ ସାଟେଲାଇଟଗୁଡ଼ିକର କକ୍ଷ (ଅରବିଟ୍) ବଦଳାଇବାକୁ ପଡ଼ିଥିଲା। ଏହି ପ୍ରକ୍ରିୟା ପୂର୍ବରୁ ପ୍ରସ୍ତୁତ ଯୋଜନା ଅନୁଯାୟୀ କରାଯାଏ। ଏହାଦ୍ୱାରା ସାଟେଲାଇଟ୍ ସୁରକ୍ଷିତ ରହେ ଏବଂ ଏହାର କାର୍ଯ୍ୟ ବିନା କୌଣସି ବାଧାରେ ଚାଲୁରହେ। ଯେତେବେଳେ କୌଣସି ସାଟେଲାଇଟ୍ ସାମ୍ନାରେ ଅନ୍ୟ ସାଟେଲାଇଟ୍ କିମ୍ବା ସ୍ପେସ୍ ଆବର୍ଜନା ସହ ଧକ୍କା ହେବାର ଆଶଙ୍କା ଦେଖାଦିଏ, ସେତେବେଳେ ଏହାର ରାସ୍ତା ଟିକିଏ ବଦଳାଇ ଦିଆଯାଏ। ଏଥିରେ ସାଟେଲାଇଟକୁ ନୂଆ କକ୍ଷକୁ ନେଇ ସମ୍ଭାବ୍ୟ ଧକ୍କାରୁ ରକ୍ଷା କରାଯାଏ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଅତ୍ୟନ୍ତ ସଠିକ୍ ଗଣନା ଏବଂ କ୍ରମାଗତ ନିରୀକ୍ଷଣ ଆଧାରରେ କରାଯାଏ ଯେପରି ସାଟେଲାଇଟ୍ ସୁରକ୍ଷିତ ରହିବ ଏବଂ ଏହାର ସେବା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ।

## ଜୁକରବର୍ଗଙ୍କୁ ୩ ଦିନର ଅଲଟିମେଟମ୍

**ପ୍ରଧାନମନ୍ତ୍ରୀଙ୍କ ଭିଡିଓ ହଟାଇବା ପ୍ରସଙ୍ଗ**

ନୂଆଦିଲ୍ଲୀ, ୦୮/୦୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫେସବୁକ୍ ଭିଡିଓ ହଟାଇବା ପ୍ରସଙ୍ଗ ଏବେ ଏକ ଗମ୍ଭୀର ମୋଡ଼ ନେଇଛି। ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଉପରେ ସଂସଦୀୟ ସ୍ଥାୟୀ କମିଟି ମେଟା ବିରୁଦ୍ଧରେ ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିଛି, କମ୍ପାନୀକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ ଯଦି ଏହାର ପ୍ରତିଷ୍ଠାତା ଏବଂ ସିଇଓ ମାର୍କ ଜୁକରବର୍ଗ ତିନି ଦିନ ମଧ୍ୟରେ ବ୍ୟକ୍ତିଗତ ଭାବରେ କ୍ଷମା ପ୍ରାର୍ଥନା ନକରନ୍ତି, ତେବେ ଏହା ଭାରତରେ କମ୍ପାନୀର " ସେଫ୍ ହାର୍ବର' ସୁରକ୍ଷା ପ୍ରତ୍ୟାହାର କରିବାକୁ ସୁପାରିଶ କରିପାରେ।

ପ୍ୟାନେଲ ଏହା ମଧ୍ୟ ଚେତାବନୀ ଦେଇଛି ଯେ ଗୁଗୁଲ୍, ୟୁଟ୍ୟୁବ୍, ଏକ୍ସ, ଫେସବୁକ୍, ହ୍ୱାଟ୍ସଆପ୍, ଇନଷ୍ଟାଗ୍ରାମ ଏବଂ ସ୍ନାପଚଟ୍ ସମେତ ସମସ୍ତ ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ଶିଶୁ ଯୌନ ନିର୍ଯ୍ୟାତନା ଏବଂ ମହିଳା ବିରୋଧୀ ଅପରାଧ ସହ ଜଡିତ ବିଷୟବସ୍ତୁ ସମ୍ପର୍କରେ ଭାରତୀୟ ଆଇନ ପାଳନ କରିବାକୁ ପଡ଼ିବ।




ଏହା ବ୍ୟତୀତ, କମିଟି ତେଲଙ୍ଗାନାରେ ଏହି ମାମଲା ତଦନ୍ତ କରୁଥିବା ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ପାଇଁ ଆବଶ୍ୟକ ଅନୁମୋଦନର ଅଭାବ ବିଷୟରେ ପ୍ରଶ୍ନ ଉଠାଇଛି। ସଦସ୍ୟମାନେ ଜାଣିବାକୁ ଦାବି କରିଛନ୍ତି ଯେ ସୋସିଆଲ ମିଡିଆ ପ୍ଲାଟଫର୍ମ ବିରୁଦ୍ଧରେ ଏଫଆଇଆର ଦାୟର କିଏ ଆରମ୍ଭ କରିଥିଲା। କମିଟି ବିଶ୍ୱାସ କରେ ଯେ ଯଦି ତଦନ୍ତ ଏହାକୁ ଆବଶ୍ୟକ ମନେ କରେ, ତେବେ ଦାୟିତ୍ୱ କେବଳ କମ୍ପାନୀ ପର୍ଯ୍ୟନ୍ତ ସୀମିତ ହେବା ଉଚିତ ନୁହେଁ, ବରଂ ସମ୍ପୃକ୍ତ ବ୍ୟକ୍ତି ଏବଂ ଅନ୍ୟ ପକ୍ଷମାନଙ୍କ ପାଇଁ ମଧ୍ୟ ପ୍ରସାରିତ ହେବା ଉଚିତ। ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅଧ୍ୟକ୍ଷତାରେ ଗଠିତ ସଂସଦୀୟ କମିଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭିଡିଓକୁ ଅସ୍ଥାୟୀ ଭାବରେ ହଟାଇବା ଘଟଣାକୁ ଅତ୍ୟନ୍ତ ଗମ୍ଭୀର ବୋଲି ବିବେଚନା କରିଛି। କମିଟି କହିଛି ଯେ ଏହା କେବଳ ପ୍ରଧାନମନ୍ତ୍ରୀଙ୍କ ଏକ ପୋଷ୍ଟ ନୁହେଁ, ବରଂ ଦେଶର ୧.୪ ବିଲିୟନ ନାଗରିକଙ୍କ ପାଖରେ ପହଞ୍ଚିବା ପାଇଁ ଉଦ୍ଦିଷ୍ଟ ଏକ ବାର୍ତ୍ତା। ତେଣୁ, ଏହାକୁ ହଟାଇବା ଗଣତାନ୍ତ୍ରିକ ମୂଲ୍ୟବୋଧର ଉଲ୍ଲଂଘନ ବୋଲି ବିବେଚନା କରାଯାଇପାରେ।

ସୂତ୍ର ଅନୁଯାୟୀ, କମିଟି ସ୍ପଷ୍ଟ ଭାବରେ କହିଛି ଯେ ଯଦି ମେଟା ଏହି ମାମଲାରେ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ, ତେବେ ଭାରତରେ କମ୍ପାନୀର 'ନିରାପଦ ଆଶ୍ରୟସ୍ଥଳ' ସୁରକ୍ଷା ପ୍ରଭାବିତ ହୋଇପାରେ। ଏହା ମାର୍କ ଜୁକରବର୍ଗଙ୍କୁ ସାର୍ବଜନୀନ କ୍ଷମା ପ୍ରାର୍ଥନା କରିବାକୁ ମଧ୍ୟ ଆହ୍ୱାନ କରିଛି। ସମଗ୍ର ବିବାଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୩ ଜୁଲାଇରେ ଏକ ଭିଡିଓ ପୋଷ୍ଟରୁ ସୃଷ୍ଟି ହୋଇଛି, ଯାହା ପ୍ରଥମେ ଇନଷ୍ଟାଗ୍ରାମରେ ଏବଂ ପରେ ଫେସବୁକରେ ସେୟାର କରାଯାଇଥିଲା। ଏହି ଭିଡିଓଟି ବିଶେଷ ଭାବରେ ଯୁବ ପିଢ଼ି, ଜେନ୍ ଜିଙ୍କୁ ସମ୍ବୋଧିତ କରି ରେକର୍ଡ କରାଯାଇଥିଲା ଏବଂ ଏଥିରେ ପ୍ରଧାନମନ୍ତ୍ରୀ ପେପର ଲିକ୍ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଫେସବୁକରେ ଅପଲୋଡ୍ ହେବାର କିଛି ସମୟ ପରେ ଭିଡିଓଟିକୁ ପ୍ଲାଟଫର୍ମରୁ ହଟାଇ ଦିଆଯାଇଥିଲା। ଏହି ଘଟଣା ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା। ବଢୁଥିବା ବିରୋଧ ମଧ୍ୟରେ, ମେଟା ଭିଡିଓଟିକୁ ପୁନଃ ପ୍ରକାଶ କରିଛି। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି, ଏକ ସଂସଦୀୟ କମିଟି ମେଟା ଅଧିକାରୀଙ୍କୁ ଡକାଇ ସ୍ପଷ୍ଟୀକରଣ ମାଗିଥିଲା। କମ୍ପାନୀ ସ୍ପଷ୍ଟ କରିଥିଲା ଯେ ଏକ ବୈଷୟିକ ତ୍ରୁଟି ଯୋଗୁଁ ଭିଡିଓଟିକୁ ଅସ୍ଥାୟୀ ଭାବରେ ହଟାଯାଇଥିଲା ଏବଂ ଦୁଃଖ ପ୍ରକାଶ କରିଥିଲା।

## କଥା ଦେଇ କଥା ରଖିଲେ ବିଜୟ



ତାମିଲନାଡୁ, ୦୮/୦୮ : କଥା ଦେଇ କଥା ରଖିଲେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟ। ନିର୍ବାଚନ ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ଆଜି ତାଙ୍କ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ସେ ମହିଳା ମାନଙ୍କ ପାଇଁ ଘୋଷଣା କରିଥିବା ପ୍ରତିଶ୍ରୁତିକୁ ପାଳନ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ତାମିଲନାଡୁର ବିଜୟ ସରକାର ଆଗତ ହୋଇଥିବା ୨୦୨୬-୨୭ ବଜେଟ୍‌ରେ ମହିଳାମାନଙ୍କ ପାଇଁ ବଡ଼ ଉପହାର ଘୋଷଣା ହୋଇଛି। ବଜେଟ୍‌ରେ 'ବ୍ରଦର୍ସ ଗିଫ୍ଟ ସ୍କିମ୍' ଅଧୀନରେ ମହିଳାମାନଙ୍କୁ ବାହାଘର ବେଳେ ମିଳିବ ୮ ଗ୍ରାମ ସୁନାର ମୁଦ୍ରା ସହ ସିଲ୍କ ଶାଢ଼ୀ। ଏହି ଯୋଜନା ପାଇଁ ବିଜୟ ସରକାର ବଜେଟରେ ୮୧୨ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି।

ମୁଖ୍ୟମନ୍ତ୍ରୀ ବିଜୟ ବିଧାନସଭା ନିର୍ବାଚନ ବେଳେ ଟିଭିକେ ଇସ୍ତାହାରରେ ବିବାହ ସମୟରେ ରାଜ୍ୟର ମହିଳାଙ୍କୁ ଉପହାର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ବଜେଟ୍‌ରେ ଏହାକୁ କାର୍ଯ୍ୟକାରୀ କରିବା ନେଇ ଘୋଷଣା କରାଯାଇଛି। ତାମିଲନାଡୁର ଅର୍ଥମନ୍ତ୍ରୀ ଏନ୍. ମେରୀ ୱିଲସନ୍ ବୁଧବାର ବିଧାନସଭାରେ ଟିଭିକେ ସରକାରଙ୍କ ପ୍ରଥମ ବଜେଟ୍ ଉପସ୍ଥାପନ କରିଛନ୍ତି।

ପ୍ରଥମ ବଜେଟରେ ହିଁ ଜନତାଙ୍କ ମନ କିଣି ନେଇଛନ୍ତି ବିଜୟ ସରକାର। ନିର୍ବାଚନୀ ଇସ୍ତାହାର ପତ୍ରରେ ଟିଭିକେ ଯେଉଁ ସବୁ ପ୍ରତିଶ୍ରୁତି ଦେଇଥିଲା, ସେଗୁଡ଼ିକୁ ଗୋଟିଏ ପରେ ଗୋଟିଏ ପୂରଣ କରିବାକୁ ପଦକ୍ଷେପ ନିଆଯାଇଛି। ଏବେ ମହିଳାଙ୍କୁ ସୁନା ଓ ଶାଢ଼ୀ ଦେବା ପାଇଁ ମିଳିଥିବା ପ୍ରତିଶ୍ରୁତି ପୂରଣ କରାଯାଇଛି। ଏହାପୂର୍ବରୁ ଅର୍ଥାତ ଶପଥ ନେବାର ମାତ୍ର କିଛି ସମୟ ପରେ ବିଜୟ ୩ଟି ପ୍ରତିଶ୍ରୁତି ପୂରଣ କରିଥିଲେ। ବିଜୟ ସରକାର କହିଛନ୍ତି ଯେ ସରକାରୀ ହସ୍ପିଟାଲରେ ଜନ୍ମ ନେଉଥିବା ନବଜାତଙ୍କୁ ୧ଗ୍ରାମ ସୁନା ମୁଦି ଦେବେ। ଏଥିପାଇଁ ସରକାର ୫୬୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

କେବଳ ମହିଳା କିମ୍ବା ନବଜାତଙ୍କ ପାଇଁ ନୁହେଁ, କଲେଜ ଶିକ୍ଷାର୍ଥୀଙ୍କ ପାଇଁ ମଧ୍ୟ ବଜେଟରେ ବଡ଼ ବ୍ୟବସ୍ଥା କରାଯାଇଛି। କଲେଜ ଶିକ୍ଷାର୍ଥୀମାନଙ୍କୁ ବିଜୟ ସରକାର ଯୋଜନା ଅଧୀନରେ ମାଗଣାରେ ଲ୍ୟାପଟପ ଯୋଗାଇ ଦେବେ। ଏଥିପାଇଁ ବଜେଟରେ ୨ ହଜାର କୋଟି

**ବାହାଘର ବେଳେ ମିଳିବ ସୁନା କଏନ ଓ ଶାଢ଼ୀ, ଖର୍ଚ୍ଚ ହେବ ୮୧୨ କୋଟି**

ଟଙ୍କାର ବ୍ୟବସ୍ଥା କରାଯାଇଛି। ସ୍କୁଲ ଶିକ୍ଷାର୍ଥୀମାନଙ୍କୁ ବିଜୟ ସରକାର ଜେନ ଜେଡ ଭାବେ ସମ୍ବୋଧନ କରିଛନ୍ତି। ସେମାନଙ୍କୁ ସରକାର ସାଇକେଲ ସହ ହେଲମେଟ ଓ ବୋତଲ ହୋଲଡର ଯୋଗାଇ ଦେବେ। ଏଥିପାଇଁ ୭୭୭ କୋଟି ଟଙ୍କା ଖର୍ଚ୍ଚ ହେବ। ତେବେ ନିର୍ବାଚନ ପ୍ରତିଶ୍ରୁତି ମୁତାବକ ଲୋଭନୀୟ ଅଫର ଗୁଡ଼ିକୁ ପୂରଣ କରିବା ପାଇଁ ଟିଭିକେ ସରକାର ପଦକ୍ଷେପ ନେଉଥିବାରୁ ଏହାର ଆର୍ଥିକ ବୋଝ ରାଜ୍ୟ ରାଜସ୍ୱ ଉପରେ ପଡ଼ିବାର ଆଶଙ୍କା ରହିଛି। ଏପରି ସ୍ଥିତିରେ ସରକାର କେଉଁ ଉତ୍ସରୁ ଅଧିକ ଆୟ କରିବେ, ତା'କୁ ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଇଛି।

## ୱାଙ୍ଗଚୁକ୍‌ଙ୍କ ଭିଡିଓ କଲ୍ ପରେ ଅନଶନ ଭାଙ୍ଗିଲେ ଦେବେନ୍ଦ୍ର

ନୂଆଦିଲ୍ଲୀ, ୦୮/୦୮ : ଅଗଷ୍ଟ ୨ ତାରିଖରୁ ଅଖିଆ ଅପିଆ ଅନଶନ କରୁଥିବା ଝାରଖଣ୍ଡର ଛାତ୍ର ନେତା ଦେବେନ୍ଦ୍ର ନାଥ ମାହତୋ ଶେଷରେ ଆଜି ପାଣି ପିଇଛନ୍ତି। ଜଳବାୟୁ ଯୋଦ୍ଧା ସୋନମ ୱାଙ୍ଗଚୁକଙ୍କ ସହ ଭିଡିଓ କଲ୍‌ରେ କଥା ହେବା ପରେ ଦେବେନ୍ଦ୍ର ପାଣି ପିଇଛନ୍ତି। ହେଲେ ସେ ପୂର୍ବଭଳି ଜେପିଏସ୍‌ସି, ଜେଏସଏସସି ସିଜିଏଲ ଓ ରାଜ୍ୟର ଅନ୍ୟ ପ୍ରବେଶିକା ପରୀକ୍ଷାରେ ହୋଇଥିବା ଅନିୟମିତତା ବିରୋଧରେ ଅନଶନ ଜାରି ରଖିବେ ବୋଲି ଘୋଷଣା କରିଛନ୍ତି।

ଦେବେନ୍ଦ୍ରଙ୍କ ସହ ୧୦ ମିନିଟ ଧରି ବିକ୍ଷୋଭ ସ୍ଥଳରୁ ଭିଡିଓ କଲ୍‌ରେ କଥା ହୋଇଥିବା ୱାଙ୍ଗଚୁକ ଝାରଖଣ୍ଡରେ ଚାଲିଥିବା ଛାତ୍ର ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ଏଥିସହ ସେ ୩୩ ବର୍ଷୀୟ ଛାତ୍ର ନେତା ଦେବେନ୍ଦ୍ରଙ୍କ ବିଗୁଡୁଥିବା ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଶିକ୍ଷାର୍ଥୀଙ୍କ ଦାବି ବିରୋଧରେ ସେ ଦେବେନ୍ଦ୍ରଙ୍କୁ ଆନ୍ଦୋଳନ ଜାରି ରଖିବାକୁ କହିଥିଲେ ହେଁ ଅତିକମରେ ପାଣି ପିଇବାକୁ ଅନୁରୋଧ କରିଥିଲେ। ତାଙ୍କ ଅନୁରୋଧ ପରେ ଅନଶନ ଯୋଗୁ ଅସୁସ୍ଥ ହୋଇ ପଡ଼ିଥିବା ଦେବେନ୍ଦ୍ର ପାଣି ପିଇଛନ୍ତି।

ଏହି କଥାବାର୍ତ୍ତା ପରେ ଦେବେନ୍ଦ୍ର କହିଛନ୍ତି ଯେ ତାଙ୍କ ସ୍ୱାସ୍ଥ୍ୟ ଭଲ ନଥିଲା ଓ ସୋନମ ୱାଙ୍ଗଚୁକଙ୍କ ଅନୁରୋଧ କ୍ରମେ ସେ ପାଣି ପିଇଛନ୍ତି। ସେ କହିଛନ୍ତି,




"ମୋର ସ୍ୱାସ୍ଥ୍ୟ ଭଲ ନଥିଲା। କିନ୍ତୁ ସୋନମ ୱାଙ୍ଗଚୁକଙ୍କ ଅନୁରୋଧରେ ମୁଁ ପାଣି ପିଇଛି। ଯନ୍ତରମନ୍ତରରେ ଆପଣ(ୱାଙ୍ଗଚୁକ) ଯେପରି ସମର୍ଥନ ଦେଇଥିଲେ, ସେହିଭଳି ସମର୍ଥନ ଓ ଉପସ୍ଥିତି ଏଠାରେ ମଧ୍ୟ ଆମକୁ ଦରକାର।" ଦେବେନ୍ଦ୍ର ସ୍ପଷ୍ଟ କରିଛନ୍ତି ଯେ ପାଣି ପିଇବାର ଅର୍ଥ ତାଙ୍କ ଅନଶନ ଶେଷ ହୋଇନି। ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ସେ ଅନଶନ ଜାରି ରଖିବେ ଓ କୌଣସି ଖାଦ୍ୟ ଗ୍ରହଣ କରିବେ ନାହିଁ।

ୱାଙ୍ଗଚୁକଙ୍କୁ ରାଞ୍ଚି ଆସିବାକୁ ମଧ୍ୟ ଦେବେନ୍ଦ୍ର ଅନୁରୋଧ କରିଛନ୍ତି। ସେ ଭିଡିଓ କଲ୍‌ରେ କହିଛନ୍ତି, "ଆପଣ ଆସି ଆମକୁ ଭେଟିଲେ ହିଁ ମୁଁ ମୋର ଅନଶନ ଶେଷ କରିଛି। ସାର୍, ଦୟାକରି ଏଠାକୁ ଆସନ୍ତୁ। ଆମେ ଆପଣଙ୍କୁ ବହୁତ ସମ୍ମାନ କରୁଛୁ।"

ଜୟପାଲ ସିଂହ ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଅନଶନ ସମୟରେ ଦେବେନ୍ଦ୍ରଙ୍କ ସହ ୱାଙ୍ଗଚୁକ ସହ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରିଛନ୍ତି। ଦେବେନ୍ଦ୍ର ଭିଡିଓ କଲତରେ ୱାଙ୍ଗଚୁକଙ୍କୁ କହିଛନ୍ତି, "ଆମେ ଜୁଲାଇ ୨୫ରୁ ସତ୍ୟାଗ୍ରହ କରୁଛୁ। ଅଗଷ୍ଟ ୨ରୁ ମୁଁ ଅନଶନରେ ବସିଛି। ମୁଁ ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଥିଲି। ଗତ ୨୬ ବର୍ଷ ଧରି ଏଠାରେ ପ୍ରଶ୍ନପତ୍ର ଲିକ୍ ହେଉଛି। ଗତକାଲି ଡାକ୍ତର କହିଥିଲେ, ଯଦି ମୁଁ ପାଣି ନ ପିଏ, ତେବେ ମୋତେ ହସ୍ପିଟାଲରେ ଭର୍ତ୍ତି କରିବାକୁ ପଡ଼ିବ।"

ଏହାର ଉତ୍ତରରେ ସୋନମ ୱାଙ୍ଗଚୁକ କହିଛନ୍ତି ଯେ "ଦୟାକରି କିଛି ପାଣି ପିଅନ୍ତୁ। ଏହା ଆତ୍ମହତ୍ୟା ସଦୃଶ ହେବା ଉଚିତ୍ ନୁହେଁ। ଆପଣଙ୍କୁ କିଛି ସମୟ ଲାଗିପାରେ। ଦୁଇରୁ ତିନି ସପ୍ତାହ ମଧ୍ୟ ଲାଗିପାରେ। ମୋର ଆଶା ସରକାର ଏହାକୁ ବୁଝିବେ ଓ ଉଚିତ ନିଷ୍ପତ୍ତି ନେବେ।"

ଝାରଖଣ୍ଡର ବିଭିନ୍ନ ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଦେବେନ୍ଦ୍ରଙ୍କ ସମେତ ୬ ଶିକ୍ଷାର୍ଥୀ ଅନଶନ ଜାରି ରଖିଛନ୍ତି। ଝାଡ଼ଖଣ୍ଡ ବିଧାନସଭା ଅଧିବେଶନ ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ବେଳେ ନିଯୁକ୍ତି ପରୀକ୍ଷାରେ ଅନିୟମିତତାକୁ ନେଇ ଏହି ଆନ୍ଦୋଳନ ଆହୁରି ତୀବ୍ର ହେବାର ଆଶଙ୍କା ପ୍ରକାଶ ପାଇଛି।

ଗତ ୧୦ ଦିନ ଧରି ଦୁଇଟି ଗୋଷ୍ଠୀର ଚାକିରି ଆଶାୟୀମାନେ ଆନ୍ଦୋଳନ କରୁଛନ୍ତି। ୧୪ତମ ଝାରଖଣ୍ଡ ପବ୍ଲିକ୍ ସର୍ଭିସ କମିଶନ ପରୀକ୍ଷାକୁ ବାତିଲ କରାଯାଉ, ଜେପିଏସ୍‌ସି ଓ ଝାରଖଣ୍ଡ ଷ୍ଟାଫ୍ ସିଲେକ୍ସନ କମିଶନରେ ବ୍ୟାପକ ସଂସ୍କାର କରାଯାଉ ଓ ପରୀକ୍ଷା ଅନିୟମିତତାର ତଦନ୍ତ ସିବିଆଇ କିମ୍ବା ରାଜ୍ୟ ବାହାରର ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କୁ ନେଇ ଗଠିତ ସ୍ୱାଧୀନ କମିଟି ଦ୍ୱାରା କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

## ଶେଖ ହାସିନାଙ୍କ ପରେ ମୁହଁ ଖୋଲିଲେ ତାଙ୍କ ପୁଅ

ଢାକା, ୦୮/୦୮ : ସତ୍ତା ହରାଇବା ଏବଂ ଦେଶ ଛାଡ଼ିବାର ପ୍ରାୟ ଦୁଇ ବର୍ଷ ପରେ ପ୍ରଥମ ଥର ପାଇଁ ସାର୍ବଜନୀନ ଭାବେ ସାମ୍ନାକୁ ଆସିଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଦାବି କରିଛନ୍ତି ଯେ ଦେଶରେ ଦୋଷୀ ସାବ୍ୟସ୍ତ ଆତଙ୍କବାଦୀମାନଙ୍କୁ ଖଲାସ କରିଦିଆଯାଇଛି। ସେହିପରି, ତାଙ୍କ ପୁଅ ପୂର୍ବତନ ଉପଦେଷ୍ଟା ସଜୀବ ୱାଜେଦ ଜୟ କହିଛନ୍ତି ଯେ ବାଂଲାଦେଶ ଏବେ "ଦ୍ୱିତୀୟ ପାକିସ୍ତାନ" ପାଲଟିଯାଇଛି ଏବଂ ଏହା ଭାରତ ପାଇଁ ମଧ୍ୟ ଚିନ୍ତାର ବିଷୟ। ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସ ଜରିଆରେ ଦୁହେଁ

**ଭାରତକୁ ନେଇ ଦେଲେ ଚମକାଇବା ଭଳି ବୟାନ**

ବାଂଲାଦେଶର ବର୍ତ୍ତମାନର ସ୍ଥିତି ଉପରେ ଅନେକ ଗମ୍ଭୀର ଅଭିଯୋଗ ଆଣିଛନ୍ତି।

ଶେଖ ହସିନା ନୂଆଦିଲ୍ଲୀସ୍ଥିତ ଫରେନ୍ କରସପୋଣ୍ଡେଣ୍ଟସ୍ କ୍ଲବ୍ ଅଫ୍ ସାଉଥ୍ ଏସିଆର କାର୍ଯ୍ୟକ୍ରମକୁ ଭିଡିଓ କନଫରେନ୍ସ ଜରିଆରେ ସମ୍ବୋଧିତ କରିଥିଲେ। ସତ୍ତା ହରାଇବା ଏବଂ ନିର୍ବାସନକୁ ଯିବା ପରେ ଏହା ତାଙ୍କର ପ୍ରଥମ ସାର୍ବଜନୀନ ସମ୍ବୋଧନ ଥିଲା। ସେ ଦାବି କରିଥିଲେ ଯେ ବାଂଲାଦେଶରେ ଦୋଷୀ ସାବ୍ୟସ୍ତ ଆତଙ୍କବାଦୀମାନଙ୍କୁ ରିହା କରିଦିଆଯାଇଛି।

ଶେଖ ହସିନାଙ୍କ ପୁଅ ପୂର୍ବତନ ଆଇସିଟି ଉପଦେଷ୍ଟା ସଜୀବ ୱାଜେଦ ଜୟ କହିଛନ୍ତି ଯେ ବାଂଲାଦେଶ ଏବେ "ଦ୍ୱିତୀୟ ପାକିସ୍ତାନ"



ପାଲଟିଯାଇଛି ଏବଂ ଏହି ସ୍ଥିତି ଭାରତ ପାଇଁ ମଧ୍ୟ ଚିନ୍ତାର ବିଷୟ ହେବା ଉଚିତ। ସେ ଦାବି କରିଛନ୍ତି ଯେ ମହମ୍ମଦ ୟୁନୁସଙ୍କ ଶାସନରେ ବାଂଲାଦେଶର ଅର୍ଥବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୋଇଛି ଏବଂ ଦେଶ ଗୋଟିଏ "ରୋଗ୍ ଷ୍ଟେଟ୍" (ଅରାଜକ ରାଷ୍ଟ୍ର) ହେବା ଆଡ଼କୁ ଗତି କରୁଛି। ଜୟ ଅଭିଯୋଗ କରିଛନ୍ତି ଯେ ଶେଖ ହସିନା ସତ୍ତା ହରାଇବା ପରେ ମଧ୍ୟ ପୋଲିସ ହାଜତରେ ମୃତ୍ୟୁ ଜାରି ରହିଛି ଏବଂ ୫ ଅଗଷ୍ଟ ୨୦୨୪ ରୁ ସରକାର ରାଜନୈତିକ ହତ୍ୟାକାଣ୍ଡଗୁଡ଼ିକୁ ଆଇନଗତ ସଂରକ୍ଷଣ ଦେଇଛନ୍ତି।

ସଜୀବ ୱାଜେଦ ଜୟ ଜୁଲାଇ-ଅଗଷ୍ଟ ୨୦୨୪ ବିରୋଧ ପ୍ରଦର୍ଶନରେ ହୋଇଥିବା ମୃତ୍ୟୁ ସଂଖ୍ୟା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ମିଳିତ ଜାତିସଂଘ ପ୍ରାୟ ୧,୪୦୦ ଲୋକଙ୍କ ମୃତ୍ୟୁ କଥା କହିଥିବା ବେଳେ ସରକାର ୮୦୦ ମୃତ୍ୟୁ ଦର୍ଶାଇଛନ୍ତି। ସେ ପ୍ରଶ୍ନ କରିଥିଲେ ଯେ ବାକି ୬୦୦ ଲୋକ କିଏ ଥିଲେ? ସେ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ପୋଲିସ କର୍ମଚାରୀଙ୍କ ହତ୍ୟାକାରୀ ଅଭିଯୁକ୍ତମାନଙ୍କୁ ଅଭୂତପୂର୍ବ ଆଇନଗତ ସଂରକ୍ଷଣ ଦିଆଗଲା, ଯାହା ଫଳରେ ସେମାନଙ୍କ ବିରୋଧରେ ମାମଲା ଚାଲିପାରିଲା ନାହିଁ। ଏଥିସହିତ ଅନ୍ତର୍ଜାତୀୟ ଗଣମାଧ୍ୟମକୁ ସତ୍ତା ପରିବର୍ତ୍ତନ ପରେ ହୋଇଥିବା ହିଂସାର ସ୍ୱାଧୀନ ତଦନ୍ତ କରିବାକୁ ନିବେଦନ କରିଛନ୍ତି। ପୂର୍ବତନ ବାଂଲାଦେଶୀ କୂଟନୀତିଜ୍ଞ ଗୁପ୍ତଚର ଅଧିକାରୀ ଅମିନୁଲ ହକ୍ ପୋଲାଶ କହିଛନ୍ତି ଯେ ୨୧ ଅଗଷ୍ଟ ୨୦୦୪ରେ ଆୱାମୀ ଲିଗର ରାଲି ଉପରେ ଗ୍ରେନେଡ୍ ଆକ୍ରମଣ କରାଯାଇଥିଲା, ଯାହାର ଲକ୍ଷ୍ୟ ଥିଲା ଶେଖ ହସିନା ଏବଂ ଦଳୀୟ ନେତୃତ୍ୱଙ୍କୁ ହତ୍ୟା କରିବା। ସେ ଜଣାଇଛନ୍ତି ଯେ ଏହି ଆକ୍ରମଣରେ ୨୪ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୩୦୦ରୁ ଅଧିକ ଲୋକ ଆହତ ହୋଇଥିଲେ।

**ପିଓକେ ନିର୍ବାଚନ ଏକ ଲୋକ ଦେଖାଣିଆ : ଭାରତ**

## ଦେଶର ସୁରକ୍ଷା ପାଇଁ ପଦକ୍ଷେପ ନେବୁ




ନୂଆଦିଲ୍ଲୀ/ ୦୮/୦୮: ପାକିସ୍ତାନ ବାସ୍ତବତାକୁ ସ୍ୱୀକାର ନ କରି ପିଓକେରେ ଯେଉଁ ନିର୍ବାଚନ କରୁଛି ତାହା କେବଳ ଲୋକ ଦେଖାଣିଆ ବୋଲି ଭାରତର ବୈଦେଶିକ ବିଭାଗ କହିଛି। ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ଚାଲିଥିବା ନିର୍ବାଚନକୁ ଭାରତର ବୈଦେଶିକ ମନ୍ତ୍ରଣାଳୟ ପ୍ରହସନ ଓ ଲୋକଦେଖାଣିଆ ବୋଲି କହିଛି। ଏହାସହ ସୀମାପାର ଆତଙ୍କବାଦ ବନ୍ଦ କରିବା ସହିତ ଆତଙ୍କବାଦର ଭିତ୍ତିଭୂମିକୁ ନଷ୍ଟ କରିବା ଲାଗି ପାକିସ୍ତାନକୁ ଭାରତ କହିଛି। ଭାରତର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ପିଓକେରେ ପାକିସ୍ତାନ ଦ୍ୱାରା କରାଯାଉଥିବା ନିର୍ବାଚନ ପ୍ରକ୍ରିୟା ନିଜର ବେଆଇନ ଜବର ଦଖଲ ଓ ମାନବାଧିକାର ଉଲ୍ଲଙ୍ଘନକୁ ଲୁଚାଇବା ପାଇଁ ଏକ ପ୍ରୟାସ ମାତ୍ର। ପିଓକେରେ ସାଧାରଣ ନାଗରିକଙ୍କ ଆନ୍ଦୋଳନକୁ ପାକିସ୍ତାନୀ ସେନା ଗୁଳିରେ ଦମନ କରୁଛି। ଜୟସ୍ୱାଲ କହିଛନ୍ତି ଯେ ପିଓକେ ସମେତ ସମ୍ପୂର୍ଣ୍ଣ ଜାମ୍ମୁ-କାଶ୍ମୀର ଓ ଲଦାଖ ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଅଗଷ୍ଟ ୨ରେ ପିଓକେର ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୨୧ଟି ଆସନ (ମୁଜାଫରବାଦ ଡିଭିଜନର ୯ଟି ଆସନ ଓ ପାକିସ୍ତାନର ବିଭିନ୍ନ ଭାଗରେ ରହୁଥିବା କାଶ୍ମୀର ଶରଣାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ୧୨ଟି ସଂରକ୍ଷିତ ଆସନ) ପାଇଁ ମତଦାନ ହୋଇଥିଲା। ଜୁଲାଇ ୨୭ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ମୀରପୁର ଡିଭିଜନ (କୋଟଲି, ମୀରପୁର, ଭିମ୍ବର)ର ମୋଟ ୧୩ଟି ବିଧାନସଭା ଆସନ ପାଇଁ ଭୋଟଗ୍ରହଣ ହୋଇଥିଲା।

ଭାରତ ସୀମାରେ ପାକିସ୍ତାନ ଚୀନ ନିର୍ମିତ ୨୫୦ଟି ହୋୱିଜର୍ ତୋପ ମୁତୟନ କରିବା ପ୍ରସଙ୍ଗରେ ବୈଦେଶିକ ମନ୍ତ୍ରଣାଳୟ ଏହାର ଦୃଢ଼ ଜବାବ ଦେଇଛି। ଜୈସୱାଲ କହିଛନ୍ତି ଯେ ସୀମାପାର ଆତଙ୍କବାଦ ଓ ଜାତୀୟ ସୁରକ୍ଷା ଉପରେ ଭାରତର ଆଭିମୁଖ୍ୟ ସ୍ପଷ୍ଟ। ତେଣୁ ଦେଶର ସୁରକ୍ଷା ପାଇଁ ଯାହା ଯାହା ଆବଶ୍ୟକ, ଭାରତ ସେସବୁ ପଦକ୍ଷେପ ଗ୍ରହଣ କରିବ। 'ଅପରେସନ୍ ସିନ୍ଦୂର' ସମୟରେ ପାକିସ୍ତାନକୁ ଉଚିତ୍ ଜବାବ ଦିଆଯାଇଥିଲା।

"କର୍ମକୁ ଆଦରି ଧର୍ମକୁ ଆଦରି
ଚାଲୁଥିବା ଯେବେ ପଥ
ଜୀବନ ଯାତ୍ରାରେ ଶାହା ହୋଇଥିବେ
ଜୟ ପ୍ରଭୁ ଜଗନ୍ନାଥ"

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## ସମ୍ପାଦକୀୟ...

# ପ୍ରଶ୍ନପତ୍ର ପ୍ରଘଟ ଉପରେ ଲାଗିବ ଲଗାମ

ଦେଶରେ ବିଭିନ୍ନ ପରୀକ୍ଷାରେ ବାରମ୍ବାର ହେଉଥିବା ପ୍ରଶ୍ନପତ୍ର ପ୍ରଘଟକୁ ରୋକିବାରେ କେନ୍ଦ୍ର ସରକାରଙ୍କ ବିଫଳତା ପରିପ୍ରେକ୍ଷୀରେ ଉତ୍ତରଦାୟିତ୍ୱ ଦାବି କରି ଦିଲ୍ଲୀର ଜନ୍ତରମନ୍ତରରେ ଆରମ୍ଭ ହୋଇଥିବା ଛାତ୍ର ଆନ୍ଦୋଳନ ଶେଷରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ସମାପ୍ତ ହୋଇଛି। ଏହି ଆନ୍ଦୋଳନ ଦେଢ଼ମାସ ତଳୁ ଆରମ୍ଭ ହୋଇଥିଲେ ମଧ୍ୟ ସରକାର ସେମାନଙ୍କ ସହ କୌଣସି ଆଲୋଚନା ନ କରି ଅଣଦେଖା କରିଥିଲେ। ଶେଷରେ ସେମାନେ ଯେତେବେଳେ ୨୦ ଜୁଲାଇରେ ସଂସଦ ମାର୍ଚ୍ଚର ଡାକରା ଦେଇଥିଲେ, ସେତେବେଳେ ମଧ୍ୟ ସରକାର ସେମାନଙ୍କୁ ବଳପ୍ରୟୋଗ କରି ଚୁପ୍ କରିବାକୁ ଚେଷ୍ଟା କରିଥିଲେ। ଦୀର୍ଘଦିନ ଧରି ଭାଜପାର ଭୋଟବ୍ୟାଙ୍କ ରହିଆସିଥିବା ମଧ୍ୟବିତ୍ତ ପରିବାର ଭିତରୁ ଆକ୍ରୋଶ ଦେଖିବାକୁ ମିଳିଥିଲା। ସରକାରୀ ଦମନକୁ ଭ୍ରୂକ୍ଷେପ ନ କରି ଜେନ୍-ଜିମାନେ ରାସ୍ତାକୁ ଓହ୍ଲାଇଥିଲେ। ପରିସ୍ଥିତି ସମ୍ଭାଳିବାକୁ ପ୍ରଧାନମନ୍ତ୍ରୀ ସାମନାକୁ ଆସିଥିଲେ ମଧ୍ୟ ତାହା ବହୁତ ବିଳମ୍ବ ହୋଇଯାଇଥିଲା। ଜେନ୍-ଜିଙ୍କୁ ଫ୍ରେଣ୍ଡସ୍ ବୋଲି ସମ୍ବୋଧନ କରି ମାତ୍ର କିଛି ଘଣ୍ଟାର ବ୍ୟବଧାନରେ ତିନି ତିନୋଟି ଭିଡିଓ ଜରିଆରେ ସେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆଶ୍ୱାସନ ଦେଲେ ମଧ୍ୟ ତାହା ସେମାନଙ୍କୁ ପ୍ରଭାବିତ କରିପାରି ନ ଥିଲା। ଶେଷରେ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେଇଥିଲେ।

ଦେଶରେ ଲଗାତର ପ୍ରଶ୍ନପତ୍ର ଲିକ୍ ଘଟଣା ପରିପ୍ରେକ୍ଷୀରେ ସରକାରଙ୍କ ପରୀକ୍ଷା ପରିଚାଳନା ବ୍ୟବସ୍ଥା ଉପରୁ ଛାତ୍ରୀଛାତ୍ରଙ୍କ ଭରସା ତୁଟିଯିବା ସ୍ୱାଭାବିକ ଥିଲା। କାରଣ କେନ୍ଦ୍ର ସରକାରଙ୍କ ଗତ ବାରବର୍ଷର ଶାସନକାଳରେ ଉଭୟ ଜାତୀୟ ଓ ରାଜ୍ୟସ୍ତରରେ ଆୟୋଜିତ ବିଭିନ୍ନ ପରୀକ୍ଷା ମଧ୍ୟରୁ ୧୫୨ଟି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଛି ଏବଂ ଏହା ଯୋଗୁ ଦେଶର ପ୍ରାୟ ୬ କୋଟିରୁ ଅଧିକ ଛାତ୍ରୀଛାତ୍ର ପ୍ରଭାବିତ ହୋଇଛନ୍ତି। ଉପରୋକ୍ତ ୧୫୨ଟି ପରୀକ୍ଷା ମଧ୍ୟରୁ ୪୯ଟି ପରୀକ୍ଷାକୁ ପୁଣି ଥରେ ଆୟୋଜନ କରିବାକୁ ପଡ଼ିଛି। ୨୨ଟି ପରୀକ୍ଷାକୁ ପ୍ରଶ୍ନପତ୍ର ଲିକ୍ ଯୋଗୁ ଆୟୋଜନ ହେବା ପୂର୍ବରୁ ବାତିଲ କରାଯାଇଛି। ଗତ ୧୨ ବର୍ଷ ଭିତରେ ପ୍ରଶ୍ନପତ୍ର ଲିକ୍‌ର ଘଟଣାରେ ମୋଟ ୧୪୮ ଟି ଆପରାଧିକ ମାମଲା ଦେଶର ବିଭିନ୍ନ ସ୍ଥାନରେ ଆନୁଷ୍ଠାନିକ ଭାବେ ଦାଏର ହୋଇଛି। ଆଶ୍ଚର୍ଯ୍ୟର କଥା, ଏଯାଏ ଗୋଟିଏ ବି ମାମଲାରେ ଦଣ୍ଡବିଧାନ ହୋଇନାହିଁ। ଅଧିକାଂଶ ମାମଲାରେ ଅଭିଯୁକ୍ତମାନେ ଅତି ସହଜରେ ଜେଲରୁ ବାହାରି ପୁଣିଥରେ ପେପର୍ ଲିକ୍ ଅପରାଧର ସାମ୍ରାଜ୍ୟରେ ନିଜକୁ ସାମିଲ କରାଇବା ଦେଖିବାକୁ ମିଳିଛି। ଯଦି ଦେଶର ପରୀକ୍ଷା ବ୍ୟବସ୍ଥାରେ ସବୁକିଛି ଠିକ୍ ଚାଲିଥିଲା, ତା'ହେଲେ ଶିକ୍ଷମନ୍ତ୍ରୀଙ୍କ ଇସ୍ତଫା ପୂର୍ବରୁ ସରକାରଙ୍କୁ ଏନ୍‌ଟିଏର ୪୭ ଜଣ ଅଧିକାରୀଙ୍କୁ (ଏକ ଚତୁର୍ଥାଂଶ) ଦୁର୍ନୀତିରେ ସାମିଲ ଅଭିଯୋଗରେ ସିଧାସଳଖ ବରଖାସ୍ତ କରିବାକୁ ପଡ଼ିଲା କାହିଁକି ? ଏଥିରୁ ଦେଶର ଶିକ୍ଷା ମନ୍ତ୍ରଣାଳୟ ବିଶେଷ କରି ପରୀକ୍ଷା ପରିଚାଳନାରେ ଚାଲିଥିବା କେଳେଙ୍କାରୀଟି ସ୍ପଷ୍ଟ ପ୍ରମାଣିତ ହେଉଛି।

### ନିଟ୍ ପରୀକ୍ଷା ଦେଲା ଶିକ୍ଷା

ପରିତାପର ବିଷୟ, ପ୍ରଶ୍ନପତ୍ର ଲିକ୍ କରି ଦେଶର ଅନେକ କୋଟି ପିଲାଙ୍କ ଭବିଷ୍ୟତ ସହିତ ଯେଉଁମାନେ ଖେଳୁଛନ୍ତି, ସେମାନଙ୍କର କୌଣସି ପ୍ରକାର ଅସୁବିଧା ହେଉନି। ବାରମ୍ବାର ପ୍ରଶ୍ନପତ୍ର ଲିକ୍ ସତ୍ତ୍ୱେ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କର ଉତ୍ତରଦାୟିତ୍ୱ ଥିବା ଦେଖାଯାଉନାହିଁ। ଏନ୍‌ଇଇଟି ପରୀକ୍ଷାର ପେପର୍ ଲିକ୍ ହେବା ଫଳରେ ଆଜି ପର୍ଯ୍ୟନ୍ତ ଦେଶର ବିଭିନ୍ନ ରାଜ୍ୟର ୨୧ ଜଣ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି। ଏହା କୌଣସି ଛୋଟିଆ ଘଟଣା ନୁହେଁ। ଉତ୍ତରଦାୟିତ୍ୱହୀନ ବ୍ୟବସ୍ଥା ଦ୍ୱାରା ଏସବୁ ଗୋଟିଏ ଗୋଟିଏ ସଂସ୍ଥାଗତ ହତ୍ୟା (ଇନଷ୍ଟିଚ୍ୟୁଶନାଲ ମର୍ଡର) ବୋଲି କୁହାଯିବା ଠିକ୍ ହେବ। କାରଣ ଯଦି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇ ନ ଥାନ୍ତା, ତା'ହେଲେ ଏହି ପିଲାମାନେ ଆତ୍ମହତ୍ୟା କରି ନ ଥାନ୍ତେ।

ଜେନ୍-ଜିଙ୍କୁ ବୁଝାଇବାକୁ ଯାଇ ପ୍ରଧାନମନ୍ତ୍ରୀ ପେପର ଲିକ୍‌ରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ଦ୍ରୁତ ବିଚାର ପାଇଁ ଫାଷ୍ଟଟ୍ରାକ୍ କୋର୍ଟ ଗଠନ କରିବାକୁ କହିଛନ୍ତି। କଠୋର ଦଣ୍ଡ ଦେବା ପାଇଁ ଏକ ନୂତନ ବିଲ୍ ଆଣିଛନ୍ତି। କିନ୍ତୁ ତାଙ୍କ ଘୋଷଣାର ୨୪ ଘଣ୍ଟା ନ ପୂରୁଣୁ ଏନ୍‌ଇଇଟି -୨୦୨୪ ପେପର୍ ଲିକ୍ କେଳେଙ୍କାରୀର ମାଷ୍ଟରମାଇଣ୍ଡ ସଞ୍ଜୀବ ମୁଖିଆଙ୍କ ବିରୋଧରେ ସିବିଆଇ ପ୍ରମାଣ ଦେଇ ନ ପାରିବାରୁ ସେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ସେତେବେଳେ ପୋଲିସ ଓ ସମ୍ପୂର୍ଣ୍ଣ ଜାତୀୟ ଗଣମାଧ୍ୟମ ଚିତ୍କାର କରି ଏହି ବ୍ୟକ୍ତି ମାଷ୍ଟର ମାଇଣ୍ଡ ବୋଲି ଦାବି କରୁଥିଲେ। ଅତଏବ ସିବିଆଇ ତା' ବିରୋଧରେ ପ୍ରମାଣ ଯୋଗାଡ଼ କରି ନ ପାରିବା ଆମ ବ୍ୟବସ୍ଥାର ଗାଲରେ ଏକ ଶକ୍ତ ଚାପୁଡ଼ା ଭଳି ହୋଇଛି। ଏଠାରେ ପ୍ରଶ୍ନ ଉଠେ, ଯଦି ସେ ମାଷ୍ଟରମାଇଣ୍ଡ ନ ଥିଲା, ତା'ହେଲେ ଏନ୍‌ଇଇଟି-୨୦୨୪ ପରୀକ୍ଷାର ପେପର ଲିକ୍‌ର ଅସଲ ଅପରାଧୀ ସବୁ କୁଆଡ଼େ ଗଲେ। ଏହି ଘଟଣାରୁ ଦେଶରେ ପରୀକ୍ଷା କେଳେଙ୍କାରୀର ଚେର କେତେ ଗଭୀରରେ ରହିଛି ଏବଂ କେତେ ଶକ୍ତିଶାଳୀ ତାହା ପୁଣିଥରେ ପ୍ରମାଣିତ ହୋଇଛି। ପ୍ରଧାନମନ୍ତ୍ରୀ ପେପର ଲିକ୍ ରୋକିବା ପାଇଁ ଯେଉଁ ବିଲ୍ ଓ ଫାଷ୍ଟଟ୍ରାକ୍ କୋର୍ଟ କରିବା କଥା କହିଛନ୍ତି ତାହା କେବଳ ପିଲାଙ୍କ ମନ ବୁଝାଇବା ଭଳି ହୋଇଛି। କାରଣ ତାଙ୍କ ସରକାର ହିଁ ଏ ସଂକ୍ରାନ୍ତରେ ଏକ ଆଇନ ୨୦୨୪ରେ ପ୍ରଣୟନ କରିଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ତା'ଦ୍ୱାରା ଜଣେ ବି ଅପରାଧୀ ଦଣ୍ଡିତ ହୋଇନାହାନ୍ତି। ବର୍ତ୍ତମାନ ସେଥିରେ କେବଳ ଦଣ୍ଡର ପରିମାଣକୁ ବୃଦ୍ଧି କରି ନୂତନ ବିଲ୍ ଅଣାଯାଉଛି। ଆଇନକୁ କେବଳ କଠୋର କିମ୍ବା ଫାଷ୍ଟଟ୍ରାକ୍ କୋର୍ଟ କରିଦେଲେ ଅପରାଧଙ୍କୁ ଦଣ୍ଡ ମିଳିବ, ତା'ର କୌଣସି ଗ୍ୟାରେଣ୍ଟି ନାହିଁ;ଯାହା ସଞ୍ଜୀବ ମୁଖିଆଙ୍କ ଖଲାସରୁ ସ୍ପଷ୍ଟ ପ୍ରମାଣିତ ହେଉଛି।

ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌ର ଏହା ପ୍ରଥମ କିମ୍ବା ଶେଷ ଘଟଣା ନୁହେଁ। ପୂର୍ବରୁ ଅନ୍ୟ ସରକାରଙ୍କ ସମୟରେ ଦେଶରେ ବିଭିନ୍ନ ରାଜ୍ୟରେ ପେପର ଲିକ୍ ହେଉଥିଲା। କିନ୍ତୁ ତାହା କାଁ ଭାଁ ହେଉଥିଲା, ଆଜି ପରି ଏତେ ବ୍ୟାପକ ନ ଥିଲା। କିନ୍ତୁ ଏହି ସରକାର ସମୟରେ ଏଭଳି ଘଟଣାରେ କେବଳ ଲଗାତର ବୃଦ୍ଧି ଘଟିନି ବରଂ ସାଧାରଣ ଘଟଣାରେ ପରିଣତ ହୋଇଯାଇଛି। ଏନ୍‌ଟିଟି, ସିୟୁଇଟି, ସିବିଏସ୍ଇ, କ୍ଲାଟ୍ ପରି ପରୀକ୍ଷାଗୁଡ଼ିକରେ ଲଗାତର ଦୁର୍ନୀତି ଓ ପେପର ଲିକ୍ ପଛରେ ମୁଖ୍ୟତଃ ଦୁଇଟି କାରଣ ରହିଛି। ଗୋଟିଏ ହେଉଛି ଉତ୍ତରଦାୟିତ୍ୱର ଅଭାବ ଏବଂ ଅନ୍ୟଟି ପରୀକ୍ଷା ପଦ୍ଧତିର ଘରୋଇକରଣ। ଭାଜପା ସରକାର ଆଣିଥିବା ନୂତନ ଶିକ୍ଷାନୀତି ମଧ୍ୟ ଶିକ୍ଷାର ଏହି ଘରୋଇକରଣକୁ ଖୋଲାଖୋଲି ପ୍ରୋତ୍ସାହିତ କରୁଛି। ଏହା ଅନ୍ତର୍ଗତ ପରୀକ୍ଷା ପରିଚାଳନାକୁ କେନ୍ଦ୍ରୀକୃତ କରି ଏନ୍‌ଟିଏ ଗଠନ କରାଯାଇଛି ଏବଂ ତାହା ଜରିଆରେ ଦେଶର ପରୀକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଘରୋଇ ଆଉଟ୍‌ସୋର୍ସିଂ କମ୍ପାନୀଗୁଡ଼ିକ ହାତରେ ଟେକି ଦେଇଛନ୍ତି। ଏପରିକି ପ୍ରତିବର୍ଷ ୨୭୦ରୁ ଊର୍ଦ୍ଧ୍ୱ ପରୀକ୍ଷା ପରିଚାଳନା କରୁଥିବା ଏନ୍‌ଟିଏରେ ମାତ୍ର ୨୪ ଜଣ ନିୟମିତ କର୍ମଚାରୀ ଥିବା ବେଳେ ବିଭିନ୍ନ ଘରୋଇ ସଂସ୍ଥା ଦ୍ୱାରା ନିୟୋଜିତ ୧୯୭ ଜଣ ଆଉଟସୋର୍ସିଂ କର୍ମଚାରୀ ଅଛନ୍ତି। ଯଦିଓ ସରକାରୀ ପରୀକ୍ଷା ବୋଲି କୁହାଯାଉଛି, କିନ୍ତୁ ସମ୍ପୂର୍ଣ୍ଣ ପରୀକ୍ଷା ପରିଚାଳନା ଅର୍ଥାତ୍ ପରୀକ୍ଷାର ପ୍ରଶ୍ନପତ୍ର ତିଆରି କରିବାଠାରୁ ଆରମ୍ଭ କରି ତାକୁ ଛାପିବା, ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା, ମୂଲ୍ୟାୟନ, ପରୀକ୍ଷଫଳ ବାହାର କରିବା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ଅନେକ ଘରୋଇ ସଂସ୍ଥାଙ୍କ ଦୟାରେ ଛାଡ଼ି ଦିଆଯାଇଛି। ସରକାର ଜାଣିବା ଦରକାର ଯେ ପରୀକ୍ଷା କୌଣସି ଲାଭଜନକ ବ୍ୟବସାୟ ନୁହେଁ। ଏହା ଗୋଟେ ମଣିଷର ଜୀବନ ଗଢ଼ିବାର ମାଧ୍ୟମ। ଅନ୍ୟପଟେ ଘରୋଇ ସଂସ୍ଥାଙ୍କ ପାଇଁ ପରୀକ୍ଷା ହେଉଛି ଏକ ଲାଭ ପାଇବାର ମାଧ୍ୟମ। ତେଣୁ ସେସବୁ ସଂସ୍ଥାଗୁଡ଼ିକ ପ୍ରଶ୍ନପତ୍ର ଚୋରି ର୍‌ୟାକେଟ୍‌ର ଅଂଶବିଶେଷ ହେବା ସହଜ। ଏଭଳି ଏକ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ବିଫଳ ହେବା ସ୍ୱାଭାବିକ ଥିଲା।

# ପ୍ରତିବାଦର ଅଧିକାର: ଗଣତନ୍ତ୍ରର ପ୍ରାଣସ୍ପନ୍ଦନ, ସମ୍ବିଧାନର ଆତ୍ମା



ସିତାଂଶୁ ଶେଖର ମିଶ୍ର
ଶାନ୍ତି ନଗର,ସୋନପୁର
ଦୁରଭାଷ- ୮୧୪୪୮ ୭୦୭୨୯

ଭାରତ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାବେ ପରିଚିତ। ଏହି ପରିଚୟ କେବଳ ନିୟମିତ ନିର୍ବାଚନ, ସରକାର ଗଠନ କିମ୍ବା ଶାସନ ପରିଚାଳନାରେ ସୀମିତ ନୁହେଁ; ବରଂ ନାଗରିକଙ୍କ ମତପ୍ରକାଶର ସ୍ୱାଧୀନତା, ଅସହମତି ପ୍ରକାଶର ଅଧିକାର ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦର ସୁଯୋଗ ଉପରେ ମଧ୍ୟ ଏହାର ଭିତ୍ତି ପ୍ରତିଷ୍ଠିତ। ସେହି ଦୃଷ୍ଟିରୁ ଶାନ୍ତିପୂର୍ଣ୍ଣ ଓ ଆଇନସମ୍ମତ ପ୍ରତିବାଦ ଭାରତୀୟ ନାଗରିକଙ୍କର ଏକ ସାମ୍ବିଧାନିକ ଅଧିକାର ବୋଲି ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ପ୍ରତିକ ମନ୍ତବ୍ୟ ବିଶେଷ ଗୁରୁତ୍ୱ ବହନ କରେ। ନ୍ୟାୟାଳୟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ,ଏହି ପ୍ରସଙ୍ଗରେ କେବଳ ଦିଲ୍ଲୀ ପାଇଁ ନୁହେଁ, ସମଗ୍ର ଦେଶ ପାଇଁ ଏକ ସମାନ ନିୟମାବଳୀ ରହିବା ଉଚିତ୍। ଯଦି କୌଣସି ସ୍ଥାନରେ ପୋଲିସ ଅତ୍ୟଧିକ ବଳ ପ୍ରୟୋଗ କରିଥାଏ, ତେବେ ତାହାର ସ୍ୱାଧୀନ ତଦନ୍ତ ହେବା ଆବଶ୍ୟକ ବୋଲି ନ୍ୟାୟାଳୟ ମତ ପ୍ରକାଶ କରିଛନ୍ତି।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯ ନାଗରିକଙ୍କୁ ମତପ୍ରକାଶ, ସମାବେଶ ଏବଂ ସଂଗଠନ ଗଠନର ଅଧିକାର ପ୍ରଦାନ କରିଛି। ଏହି ଅଧିକାରଗୁଡ଼ିକ କେବଳ ଆଇନ ପୁସ୍ତକର ଶବ୍ଦ ନୁହେଁ; ଏଗୁଡ଼ିକ ହେଉଛି ଗଣତନ୍ତ୍ରର ପ୍ରାଣଶକ୍ତି। କୌଣସି ନୀତି, ନିଷ୍ପତ୍ତି କିମ୍ବା ଶାସନ ବ୍ୟବସ୍ଥା ପ୍ରତି ଯଦି ଲୋକମାନଙ୍କ ମନରେ ଅସନ୍ତୋଷ ଜନ୍ମ ନିଏ, ତେବେ ସେମାନେ ଶାନ୍ତିପୂର୍ଣ୍ଣ ଭାବେ ନିଜ ମତ ପ୍ରକାଶ କରିବାର ସମ୍ପୂର୍ଣ୍ଣ ଅଧିକାର ରଖନ୍ତି।

ବାସ୍ତବରେ ପ୍ରତିବାଦ ହେଉଛି ଗଣତନ୍ତ୍ରର ଏକ ସ୍ୱାଭାବିକ ପ୍ରକ୍ରିୟା, ଯାହା ଶାସନ ବ୍ୟବସ୍ଥାକୁ ଜନମନର ଭାବନା ସହିତ ସଂଯୁକ୍ତ ରଖେ।

କିନ୍ତୁ ଦୁଃଖର ବିଷୟ, ବର୍ତ୍ତମାନ ସମୟରେ ଦେଶର ବିଭିନ୍ନ ସ୍ଥାନରେ ଅନେକ ଆନ୍ଦୋଳନ ସମୟରେ ପୋଲିସ ବଳ ପ୍ରୟୋଗର ଅଭିଯୋଗ ଉଠୁଛି। ଅନେକ କ୍ଷେତ୍ରରେ ଆନ୍ଦୋଳନକାରୀଙ୍କୁ ଛତ୍ରଭଙ୍ଗ କରିବା, ଗିରଫ କରିବା କିମ୍ବା ଲାଠିଚାର୍ଜ ଭଳି ପଦକ୍ଷେପ ନେବାକୁ ନେଇ ପ୍ରଶ୍ନ ଉଠିଛି। ନିଶ୍ଚିତ ଭାବରେ ଆଇନ-ଶୃଙ୍ଖଳା ବଜାୟ ରଖିବା ପୋଲିସର କର୍ତ୍ତବ୍ୟ, କିନ୍ତୁ ଏହି କର୍ତ୍ତବ୍ୟ ପାଳନ ସମୟରେ ସାମ୍ବିଧାନିକ ଅଧିକାରକୁ ଅବହେଳା କରାଯାଇପାରିବ ନାହିଁ। ଯେଉଁଠାରେ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଏବଂ ଆଇନସମ୍ମତ, ସେଠାରେ ବଳ ପ୍ରୟୋଗ ଗଣତାନ୍ତ୍ରିକ ଚେତନା ସହ ସଙ୍ଗତିପୂର୍ଣ୍ଣ ନୁହେଁ।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ମନ୍ତବ୍ୟ କେବଳ ଏକ ନ୍ୟାୟିକ ପର୍ଯ୍ୟବେକ୍ଷଣ ନୁହେଁ; ଏହା ଶାସନ ବ୍ୟବସ୍ଥା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ। ଗଣତନ୍ତ୍ରରେ ଜନସାଧାରଣଙ୍କ ଅସନ୍ତୋଷକୁ ଦମନ କରିବା ଅପେକ୍ଷା ତାହାର କାରଣ ବୁଝିବା ଅଧିକ ଆବଶ୍ୟକ। ଯେତେବେଳେ କୌଣସି ପ୍ରସଙ୍ଗରେ ଲୋକମାନେ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହୁଅନ୍ତି, ସେତେବେଳେ ତାହା କେବଳ ଏକ ଆନ୍ଦୋଳନ ନୁହେଁ; ବରଂ ଶାସନ ବ୍ୟବସ୍ଥା ପ୍ରତି ଜନମନର ଏକ ସନ୍ଦେଶ। ସେହି ସନ୍ଦେଶକୁ ଶୁଣିବା ଏବଂ ସମାଧାନର ପଥ ଖୋଜିବା ହେଉଛି ଏକ ଦାୟିତ୍ୱଶୀଳ ସରକାରର ପରିଚୟ।

ଆଜି ଦେଶର ରାଜନୈତିକ ପରିବେଶକୁ ଦେଖିଲେ ଅନୁଭବ ହୁଏ ଯେ, ଅନେକ ସମୟରେ ଜନସ୍ୱାର୍ଥର ପ୍ରସଙ୍ଗଗୁଡ଼ିକ ରାଜନୈତିକ ପ୍ରତିସ୍ପର୍ଦ୍ଧାର ଆବରଣରେ ଢାଙ୍କି ହୋଇଯାଉଛି। ଜନକଲ୍ୟାଣ ଅପେକ୍ଷା ରାଜନୈତିକ ସଫଳତା ଓ କ୍ଷମତାର ହିସାବ ଅଧିକ ପ୍ରାଧାନ୍ୟ ପାଉଥିବାର ଅଭିଯୋଗ ମଧ୍ୟ ଉଠୁଛି। ଏହାର ପରିଣାମ ସ୍ୱରୂପ ଅସନ୍ତୋଷ ବଢ଼ୁଛି ଏବଂ ଲୋକମାନେ ନିଜ ଦାବି ଉପସ୍ଥାପନ କରିବା ପାଇଁ ଆନ୍ଦୋଳନର ପଥ ବାଛୁଛନ୍ତି। ଏପରି ପରିସ୍ଥିତିରେ ପୋଲିସ ବଳ ପ୍ରୟୋଗ କରି ସମସ୍ୟାର ସମାଧାନ ଖୋଜିବା ଆଦୌ ସମୀଚୀନ ନୁହେଁ। ଏହା ଅସନ୍ତୋଷକୁ କମାଇବା ପରିବର୍ତ୍ତେ ଅଧିକ ଗଭୀର କରିପାରେ।

ବାସ୍ତବରେ ଗଣତନ୍ତ୍ରରେ ଦମନ ନୁହେଁ, ଆଲୋଚନା ହିଁ ସମାଧାନର ମାର୍ଗ। ଯେକୌଣସି ମତଭେଦ କିମ୍ବା ବିବାଦର ସ୍ଥାୟୀ ସମାଧାନ ଆଲୋଚନା, ସହନଶୀଳତା ଏବଂ ପରସ୍ପର ବିଶ୍ୱାସ ମାଧ୍ୟମରେ ସମ୍ଭବ। ଏକ ପରିପକ୍ୱ ଗଣତନ୍ତ୍ରରେ ବିରୋଧୀ ସ୍ୱରକୁ ଶତ୍ରୁ ଭାବରେ ନୁହେଁ, ବରଂ ଏକ ସକାରାତ୍ମକ ସମାଲୋଚନା ଭାବରେ ଗ୍ରହଣ କରାଯାଏ। କାରଣ ଅସହମତି ହିଁ ଗଣତନ୍ତ୍ରକୁ ଅଧିକ ଜୀବନ୍ତ ଓ ଉତ୍ତରଦାୟୀ କରିଥାଏ।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ମନ୍ତବ୍ୟ ଆଗାମୀ ଦିନରେ ଦେଶର ଗଣତାନ୍ତ୍ରିକ ପରମ୍ପରାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଇପାରେ। ବିଶେଷକରି ପୋଲିସ ପ୍ରଶାସନ, ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଏହି ମନ୍ତବ୍ୟର ଅନ୍ତର୍ନିହିତ ବାର୍ତ୍ତାକୁ ବୁଝିବା ଆବଶ୍ୟକ। ଜନସାଧାରଣଙ୍କ ଅଧିକାରର ସୁରକ୍ଷା, ଆଇନର ଶାସନ ପ୍ରତି ସମ୍ମାନ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧର ସଂରକ୍ଷଣ ହିଁ ଏକ ସଫଳ ଶାସନର ମୂଳ ଆଧାର।

ଭାରତର ଗଣତାନ୍ତ୍ରିକ ଯାତ୍ରା ଅନେକ ସଂଘର୍ଷ ଓ ତ୍ୟାଗର ଫଳ। ଏହାକୁ ସୁଦୃଢ଼ ରଖିବା ପାଇଁ ଶାସକ ଓ ଶାସିତ ଉଭୟଙ୍କର ସମାନ ଦାୟିତ୍ୱ ରହିଛି। ଯଦି ଶାସନ ବ୍ୟବସ୍ଥା ଜନସ୍ୱରକୁ ସମ୍ମାନ ଦିଏ ଏବଂ ନାଗରିକମାନେ ମଧ୍ୟ ଶାନ୍ତିପୂର୍ଣ୍ଣ ଓ ଆଇନସମ୍ମତ ପଦ୍ଧତିରେ ନିଜର ମତ ପ୍ରକାଶ କରନ୍ତି, ତେବେ ନିଶ୍ଚିତ ଭାବରେ ଭାରତୀୟ ଗଣତନ୍ତ୍ର ଆହୁରି ମଜଭୁତ ହେବ ଏବଂ ବିଶ୍ୱରେ ଏକ ଆଦର୍ଶ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ତାହାର ସୁନାମ ଅଧିକ ଉଜ୍ଜ୍ୱଳ ହେବ।

# ବିଶ୍ୱ ନିଶା ବେପାରୀଙ୍କର ଦୁଃସ୍ୱପ୍ନ ପାଲଟିବ ଭାରତ





ଇଂ ଲକି ସ୍ୱାଇଁ
ଭୁବନେଶ୍ୱର
ଦୁରଭାଷ- ୯୭୭୬୨୧୦୬୩୩

୨୦୧୪–୨୦୨୬ ନିଶାଦ୍ରବ୍ୟ ବିରୋଧୀ ଲଢ଼େଇରେ ନୂଆ ରଣନୀତି, ସୀମା ସୁରକ୍ଷା ଓ ଅନ୍ତର୍ଜାତୀୟ ଚୋରାଚାଲାଣ ନେଟୱର୍କ ଉପରେ ନିର୍ଣ୍ଣାୟକ ଆଘାତ ସୀମାରୁ ସମୁଦ୍ର ପର୍ଯ୍ୟନ୍ତ, ଡ୍ରୋନ୍‌ରୁ ଡାର୍କନେଟ୍ ପର୍ଯ୍ୟନ୍ତ—ଭାରତର ନିଶା ବିରୋଧୀ ଯୁଦ୍ଧ ଏବେ କେବଳ ଜବତରେ ସୀମିତ ନୁହେଁ; ଲକ୍ଷ୍ୟ ହେଉଛି ସମଗ୍ର ଚୋରାଚାଲାଣ ଶୃଙ୍ଖଳକୁ ଭାଙ୍ଗିଦେବା। ଗତ ଏକ ଦଶନ୍ଧିରେ ଭାରତର ନିଶାଦ୍ରବ୍ୟ ବିରୋଧୀ ଲଢ଼େଇର ଚିତ୍ର ବହୁତ ବଦଳିଛି। ଏକଦା ଏହା ପୁଲିସ ଓ ଆଇନ-ଶୃଙ୍ଖଳାର ଏକ ସମସ୍ୟା ଭାବେ ଦେଖାଯାଉଥିଲା। ଆଜି ଏହା ଜାତୀୟ ସୁରକ୍ଷା, ସୀମା ପରିଚାଳନା, ସାମୁଦ୍ରିକ ସୁରକ୍ଷା, ଅର୍ଥନୈତିକ ଅପରାଧ ଓ ଭୂ-ରାଜନୀତି ସହ ଜଡ଼ିତ ଏକ ବହୁମାତ୍ରିକ ଚ୍ୟାଲେଞ୍ଜ।

୨୦୧୪–୨୦୧୯ ଅବଧି ନରେନ୍ଦ୍ର ମୋଦୀ ସରକାରର ବ୍ୟାପକ ଶାସନକାଳର ଅଂଶ। ୨୦୧୯ରୁ ଅମିତ ଶାହ କେନ୍ଦ୍ର ଗୃହମନ୍ତ୍ରୀ ଭାବେ ନିଶାଦ୍ରବ୍ୟ ବିରୋଧୀ ନୀତିରେ ପ୍ରତ୍ୟକ୍ଷ ଭୂମିକା ନେଇଛନ୍ତି।

ତଥ୍ୟ କହୁଛି ବଡ଼ ପରିବର୍ତ୍ତନର କାହାଣୀ ସରକାରୀ ତଥ୍ୟ ଅନୁଯାୟୀ, ୨୦୦୪–୨୦୧୪ ମଧ୍ୟରେ ପ୍ରାୟ ୨୫ ଲକ୍ଷ କିଲୋଗ୍ରାମ ନିଶାଦ୍ରବ୍ୟ ଜବତ ହୋଇଥିବାବେଳେ ୨୦୧୪–୨୦୨୪ ମଧ୍ୟରେ ଏହି ପରିମାଣ ୧ କୋଟି କିଲୋଗ୍ରାମରୁ ଅଧିକ ହୋଇଛି। ଏହି ସମୟରେ ଜବତ ନିଶାଦ୍ରବ୍ୟର ଆନୁମାନିକ ମୂଲ୍ୟ ପ୍ରାୟ ୪୦,୦୦୦ କୋଟିରୁ ୧.୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୧ରୁ ୨୦୨୫ ମଧ୍ୟରେ ପ୍ରତିବର୍ଷ ଲକ୍ଷ ଲକ୍ଷ କିଲୋଗ୍ରାମ ନିଶାଦ୍ରବ୍ୟ ଜବତ ହୋଇଛି। ୨୦୨୪ରେ ଜବତ ନିଶାଦ୍ରବ୍ୟର ଆନୁମାନିକ ମୂଲ୍ୟ ପ୍ରାୟ ୨୭,୫୨୫ କୋଟି ଟଙ୍କା ଥିଲା। କିନ୍ତୁ ଏଠାରେ ଏକ ଜରୁରୀ ସତର୍କତା ରହିଛି। ଜବତ ପରିମାଣ ବଢ଼ିବା ମାନେ ନିଶାଦ୍ରବ୍ୟ ଯୋଗାଣ କମିଛି ବୋଲି ସିଧାସଳଖ ପ୍ରମାଣ ନୁହେଁ। ଏହା ଅଧିକ କାର୍ଯ୍ୟକ୍ଷମ ଗୁପ୍ତଚର ବ୍ୟବସ୍ଥା ଓ ଆଇନ ପ୍ରବର୍ତ୍ତନର ସଫଳତା ହୋଇପାରେ; ତେବେ ବଢୁଥିବା ଚୋରାଚାଲାଣର ମଧ୍ୟ ଏହା ସଙ୍କେତ ହୋଇପାରେ। ତଥାପି ଏକ କଥା ନିଶ୍ଚିତ—ଭାରତର ନିଶାଦ୍ରବ୍ୟ ଚୋରାଚାଲାଣ ଚିହ୍ନଟ ଓ ଦମନ କ୍ଷମତା ଗତ ଦଶନ୍ଧିରେ ଉଲ୍ଲେଖନୀୟ ଭାବେ ବଢ଼ିଛି। 'ବାହକକୁ ଧର'ରୁ 'ନେଟୱର୍କକୁ ଭାଙ୍ଗ' ନିଶାଦ୍ରବ୍ୟ ବିରୋଧୀ ରଣନୀତିର ସବୁଠାରୁ ବଡ଼ ପରିବର୍ତ୍ତନ ହେଉଛି—କେବଳ ବାହକ କିମ୍ବା ଏକ ଚାଲାଣ ଧରିବା ପରିବର୍ତ୍ତେ ସମଗ୍ର ନେଟୱର୍କକୁ ଚିହ୍ନଟ କରିବା। ନାର୍କୋ-କୋଅର୍ଡିନେସନ ସେଣ୍ଟର ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ବଢ଼ିଛି। ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଢାଞ୍ଚା ମଧ୍ୟ ବିସ୍ତାରିତ ହୋଇଛି। ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଆଞ୍ଚଳିକ କାର୍ଯ୍ୟାଳୟ ୩ରୁ ୭ ଏବଂ ଜୋନାଲ କାର୍ଯ୍ୟାଳୟ ୧୩ରୁ ୩୦କୁ ବୃଦ୍ଧି ପାଇଥିବା ସରକାର କହିଛି। ୨୦୨୬–୨୦୨୯ ପାଇଁ ନୂଆ ନିଶାଦ୍ରବ୍ୟ ନିୟନ୍ତ୍ରଣ ଦୃଷ୍ଟିପତ୍ରରେ ଆଇନ ପ୍ରବର୍ତ୍ତନ, ଗୁପ୍ତଚର ସୂଚନା, କୃତ୍ରିମ ନିଶାଦ୍ରବ୍ୟ, ପୂର୍ବପଦାର୍ଥ, ଚାହିଦା ହ୍ରାସ ଓ ସଂସ୍ଥାଗତ କ୍ଷମତା ବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି।

ଦୁଇ ବଡ଼ ଚୋରାଚାଲାଣ ମାର୍ଗ ଭାରତର ଭୌଗୋଳିକ ସ୍ଥିତି ନିଶାଦ୍ରବ୍ୟ ବିରୋଧୀ ଯୁଦ୍ଧକୁ ଆହୁରି ଜଟିଳ କରିଛି।

ପଶ୍ଚିମରେ ଆଫଗାନିସ୍ତାନ–ପାକିସ୍ତାନ–ଇରାନର 'ଗୋଲ୍ଡେନ୍ କ୍ରେସେଣ୍ଟ' ଏବଂ ପୂର୍ବରେ ମିଆଁମାର–ଲାଓସ୍–ଥାଇଲାଣ୍ଡର 'ଗୋଲ୍ଡେନ୍ ଟ୍ରାଏଙ୍ଗଲ୍' ଭାରତ ପାଇଁ ଦୁଇଟି ପ୍ରମୁଖ ଚ୍ୟାଲେଞ୍ଜ। ପଶ୍ଚିମ ଦିଗରେ ପଞ୍ଜାବ, ଜମ୍ମୁ-କଶ୍ମୀର, ରାଜସ୍ଥାନ ଓ ଗୁଜରାଟ ଗୁରୁତ୍ୱପୂର୍ଣ୍ଣ। ପୂର୍ବରେ ମଣିପୁର, ମିଜୋରାମ, ନାଗାଲାଣ୍ଡ ଓ ଅରୁଣାଚଳ ପ୍ରଦେଶ ଭୌଗୋଳିକ ଓ ସୁରକ୍ଷା ଦୃଷ୍ଟିରୁ ସମ୍ବେଦନଶୀଳ। ପଞ୍ଜାବ: ଡ୍ରୋନ୍ ହେଉଛି ନୂଆ ଅସ୍ତ୍ର ପଞ୍ଜାବରେ ଚୋରାଚାଲାଣର ପଦ୍ଧତି ବଦଳିଛି। ମାନବ ବାହକଙ୍କ ସ୍ଥାନରେ ଏବେ ଡ୍ରୋନ୍ ମାଧ୍ୟମରେ ଅଳ୍ପ ପରିମାଣରେ ଉଚ୍ଚମୂଲ୍ୟର ନିଶାଦ୍ରବ୍ୟ ସୀମାପାର କରାଯାଉଛି। ଏହାର ମୁକାବିଲା ପାଇଁ ବିଏସ୍‌ଏଫ୍ ନିରୀକ୍ଷଣ, ଡ୍ରୋନ୍ ବିରୋଧୀ ପ୍ରଯୁକ୍ତି, ଗୁପ୍ତଚର ସୂଚନା ଓ ରାଜ୍ୟ ପୁଲିସର ତଦନ୍ତକୁ ଏକାଠି କରାଯାଉଛି। ସୀମା ଯେତେ କଠିନ ହେଉଛି, ଚୋରାଚାଲାଣର ପଦ୍ଧତି ମଧ୍ୟ ସେତେ ଆଧୁନିକ ହେଉଛି। ସମୁଦ୍ର: ନୂଆ ନିଶା ଯୁଦ୍ଧକ୍ଷେତ୍ର ଭାରତର ନିଶାଦ୍ରବ୍ୟ ବିରୋଧୀ ଯୁଦ୍ଧ ଏବେ ସମୁଦ୍ର ପର୍ଯ୍ୟନ୍ତ ପହଞ୍ଚିଛି। ୨୦୨୪ର 'ଅପରେସନ ସାଗର ମନ୍ଥନ'ରେ ଭାରତୀୟ ନୌସେନା, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଓ ଗୁଜରାଟ ଏଟିଏସ୍‌ର ମିଳିତ କାର୍ଯ୍ୟାନୁଷ୍ଠାନରେ ଭାରତ ମହାସାଗରରୁ ପ୍ରାୟ ୩,୩୦୦ କିଲୋଗ୍ରାମ ନିଶାଦ୍ରବ୍ୟ ଜବତ ହୋଇଥିଲା। ଏହା ପ୍ରମାଣ କରେ ଯେ ଭାରତର ନିଶାଦ୍ରବ୍ୟ ବିରୋଧୀ ସୀମା ଏବେ ସ୍ଥଳଭାଗରେ ଅଟକି ନାହିଁ। ଆରବ ସାଗର ଓ ଭାରତ ମହାସାଗର ମାଧ୍ୟମରେ ପଶ୍ଚିମ ଏସିଆ, ଆଫ୍ରିକା ଓ ଦକ୍ଷିଣ-ପୂର୍ବ ଏସିଆର ଅନ୍ତର୍ଜାତୀୟ ଚୋରାଚାଲାଣ ନେଟୱର୍କ ସହ ଭାରତ ଯୋଡ଼ିତ ହୋଇପାରେ।

ମୁମ୍ବାଇ: କୋକେନ୍ ନେଟୱର୍କର ନୂଆ ଚିତ୍ର ୨୦୨୬ର 'ଅପରେସନ୍ ହ୍ୱାଇଟ୍ ଷ୍ଟ୍ରାଇକ୍'ରେ ମୁମ୍ବାଇ ଅଞ୍ଚଳରୁ ପ୍ରାୟ ୩୪୯ କିଲୋଗ୍ରାମ କୋକେନ୍ ଜବତ ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧,୭୪୫ କୋଟି ଟଙ୍କା। ଏପରି ତଦନ୍ତ ଏବେ କେବଳ ବାହକ ପର୍ଯ୍ୟନ୍ତ ସୀମିତ ନୁହେଁ। ଲକ୍ଷ୍ୟ ହେଉଛି। ଚାଲାଣ-ପରିବହନ - ଗୋଦାମ - ଅର୍ଥଦାତା - ଅନ୍ତର୍ଜାତୀୟ ନେଟୱର୍କ। ଏହି ପରିବର୍ତ୍ତନ ଭାରତର ନିଶାଦ୍ରବ୍ୟ ବିରୋଧୀ ଯୁଦ୍ଧର ଏକ ମୁଖ୍ୟ ଦିଗ। ଡାର୍କନେଟ୍‌ରୁ କ୍ରିପ୍ଟୋକରେନ୍ସି ପର୍ଯ୍ୟନ୍ତ ନିଶା ବ୍ୟବସାୟ ଏବେ କେବଳ ରାସ୍ତା କିମ୍ବା ସୀମାରେ ହେଉନାହିଁ। ଡାର୍କନେଟ୍, ଗୁପ୍ତ ଡିଜିଟାଲ ଯୋଗାଯୋଗ ଓ କ୍ରିପ୍ଟୋକରେନ୍ସି ମାଧ୍ୟମରେ ଅନ୍ତର୍ଜାତୀୟ ନିଶା ବେପାରୀମାନେ ନୂଆ ନେଟୱର୍କ ଗଢୁଛନ୍ତି। ଏହି କାରଣରୁ ଭାରତର ନିଶାଦ୍ରବ୍ୟ ବିରୋଧୀ ଲଢ଼େଇ ଏବେ ସାଇବର ଗୁପ୍ତଚର ବ୍ୟବସ୍ଥା ଓ ଡିଜିଟାଲ ଅର୍ଥନୈତିକ ତଦନ୍ତ ସହିତ ମଧ୍ୟ ଜଡ଼ିତ।

ଭୂ-ରାଜନୀତି ଓ ଜାତୀୟ ସୁରକ୍ଷା ଭାରତର ନିଶାଦ୍ରବ୍ୟ ସମସ୍ୟାକୁ ପଡ଼ୋଶୀ ଦେଶଗୁଡ଼ିକର ସୁରକ୍ଷା ପରିସ୍ଥିତିରୁ ଅଲଗା କରି ଦେଖିହେବ ନାହିଁ। ଆଫଗାନିସ୍ତାନ ଓ ପାକିସ୍ତାନ ପଶ୍ଚିମ ମାର୍ଗରେ, ମିଆଁମାର ପୂର୍ବ ମାର୍ଗରେ ଏବଂ ଭାରତ ମହାସାଗର ସାମୁଦ୍ରିକ ମାର୍ଗରେ ଭାରତ ପାଇଁ ରଣନୈତିକ ଚ୍ୟାଲେଞ୍ଜ ସୃଷ୍ଟି କରେ। ନିଶା ବ୍ୟବସାୟର ଅର୍ଥ ସଂଗଠିତ ଅପରାଧ, ମନି ଲଣ୍ଡରିଂ, ଅସ୍ତ୍ର ଚୋରାଚାଲାଣ ଓ ସମ୍ଭାବ୍ୟ ଆତଙ୍କବାଦୀ ଅର୍ଥଯୋଗାଣ ସହ ଜଡ଼ିତ ହୋଇପାରେ। ତେଣୁ ଏହା ଏବେ କେବଳ ସ୍ୱାସ୍ଥ୍ୟ କିମ୍ବା ଆଇନ-ଶୃଙ୍ଖଳାର ପ୍ରଶ୍ନ ନୁହେଁ। ଏହା ଜାତୀୟ ସୁରକ୍ଷାର ପ୍ରଶ୍ନ। ଅମିତ ଶାହଙ୍କ ସମ୍ମୁଖରେ ପ୍ରକୃତ ପରୀକ୍ଷା ଅମିତ ଶାହଙ୍କ ନେତୃତ୍ୱର ମୂଲ୍ୟାଙ୍କନ କେବଳ ଜବତ ହୋଇଥିବା ନିଶାଦ୍ରବ୍ୟର ପରିମାଣରେ ହେବା ଉଚିତ ନୁହେଁ।

ପ୍ରକୃତ ପ୍ରଶ୍ନ ହେଉଛି—ଭାରତ କି ନିଶା ବେପାରର ସମଗ୍ର ଅର୍ଥନୈତିକ ଓ ଅପରାଧିକ ଶୃଙ୍ଖଳାକୁ ଭାଙ୍ଗିପାରୁଛି ? ଏଥିପାଇଁ ଆଗାମୀ ଦିନରେ ମାପିବାକୁ ପଡ଼ିବ। ବଜାରରେ ନିଶାଦ୍ରବ୍ୟର ଉପଲବ୍ଧତା, ଦର, ଶୁଦ୍ଧତା, ନିଶାସକ୍ତିର ହାର, ପୁନରାବୃତ୍ତ ଚୋରାଚାଲାଣ, ଦୋଷୀ ସାବ୍ୟସ୍ତ ହାର, ଜବତ ଅବୈଧ ସମ୍ପତ୍ତି ଏବଂ ଅନ୍ତର୍ଜାତୀୟ ନେଟୱର୍କର ସ୍ଥାୟୀ ବିଘଟନ। ଅନ୍ତିମ ଚିତ୍ର ୨୦୧୪ରୁ ୨୦୨୬—ଏହି ଦଶନ୍ଧିରେ ଭାରତ ନିଶାଦ୍ରବ୍ୟ ବିରୋଧୀ ଲଢ଼େଇରେ ଏକ ନୂଆ ପର୍ଯ୍ୟାୟକୁ ପହଞ୍ଚିଛି। ଏବେ ଲଢ଼େଇ କେବଳ ଏକ ପ୍ୟାକେଟ୍ ନିଶାଦ୍ରବ୍ୟ ପାଇଁ ନୁହେଁ। ଏହା ହେଉଛି— ସୀମାରୁ ଚୋରାଚାଲାଣକାରୀ ପର୍ଯ୍ୟନ୍ତ, ଚୋରାଚାଲାଣକାରୀରୁ ନେଟୱର୍କ ପର୍ଯ୍ୟନ୍ତ, ନେଟୱର୍କରୁ ଅର୍ଥ ପର୍ଯ୍ୟନ୍ତ, ଏବଂ ଅର୍ଥରୁ ଅନ୍ତର୍ଜାତୀୟ ଚୋରାଚାଲାଣକାରୀ ପର୍ଯ୍ୟନ୍ତ। ଭାରତ ନିଶାଦ୍ରବ୍ୟ ଧରିବାରେ ନିଜ କ୍ଷମତା ବଢ଼ାଇଛି। ଏବେ ପ୍ରକୃତ ପରୀକ୍ଷା—ନିଶା ବ୍ୟବସାୟକୁ ଏତେ ଅଲାଭଜନକ ଓ ବିପଜ୍ଜନକ କରିଦେବା, ଯେପରି ବିଶ୍ୱ ନିଶା ବେପାରୀଙ୍କ ପାଇଁ ଭାରତ ଏକ 'ଦୁଃସ୍ୱପ୍ନ' ହୋଇ ରହିବ।

# ପୁଣି ଖଣ୍ଡଖଣ୍ଡ ହେବ ପାକିସ୍ତାନ

ଅନ୍ୟ ଦେଶକୁ ଖଣ୍ଡଖଣ୍ଡ କରିବାର ସ୍ୱପ୍ନ ଦେଖୁଥିବା ପାକିସ୍ତାନ ନିଜେ ଏବେ ସମ୍ପୂର୍ଣ୍ଣ ବିଭାଜନ ଆଡ଼କୁ ଗତି କରୁଛି! ୧୯୭୧ ମସିହାରେ ପାକିସ୍ତାନରୁ ଅଲଗା ହୋଇ 'ବାଂଲାଦେଶ' ନାମକ ନୂଆ ଦେଶ ଗଠନ ହୋଇଥିଲା, ଯାହା ପାକିସ୍ତାନ ଖଣ୍ଡ ଖଣ୍ଡର କେବଳ ପ୍ରଥମ ପାହାଚ ଥିଲା। ଏବେ ପାକିସ୍ତାନ କବଳରୁ ବଲୁଚିସ୍ତାନ ସମ୍ପୂର୍ଣ୍ଣ ଅଲଗା ହୋଇ ଏକ ନୂଆ ଦେଶ 'ରିପବ୍ଲିକ୍ ଅଫ୍ ବଲୁଚିସ୍ତାନ' ଭାବେ ଉଭା ହେବାକୁ ଯାଉଛି।

ବଲୁଚ୍ ନେତାମାନେ ପାକିସ୍ତାନଠାରୁ ନିଜର ଆଜାଦି ଘୋଷଣା କରିବା ସହ ସ୍ୱାଧୀନତା ଦିବସର ତାରିଖ ମଧ୍ୟ ସାରା ବିଶ୍ୱ ଆଗରେ ପ୍ରକାଶ କରିଛନ୍ତି। ସବୁଠୁ ରୋଚକ କଥା ହେଉଛି, ବଲୁଚିସ୍ତାନର ପ୍ରସ୍ତାବିତ ସମ୍ବିଧାନକୁ ହିନ୍ଦୀ ଭାଷାରେ ମଧ୍ୟ ଲେଖାଯାଇଛି, ଯେଉଁଥିରେ ହିନ୍ଦୁମାନଙ୍କ ପାଇଁ ସ୍ୱତନ୍ତ୍ର ଅଧିକାର ଦିଆଯାଇଛି।

୧୧ ଅଗଷ୍ଟରେ ହେବ ସ୍ୱାଧୀନତା ଦିବସ: ବଲୁଚ୍ ଲିବରେସନ୍ ନେତା ମୀର ୟାର୍ ବଲୋଚ୍ ବିଶ୍ୱର ସମସ୍ତ ଦେଶ ନିକଟରୁ ସମର୍ଥନ ଲୋଡ଼ିବା ସହ ବଲୁଚିସ୍ତାନକୁ ଏକ ସ୍ୱାଧୀନ ଦେଶ ଭାବେ ମାନ୍ୟତା ଦେବାକୁ ନିବେଦନ କରିଛନ୍ତି। ବଲୁଚ୍ ନେତାଙ୍କ ଦାବି ଅନୁଯାୟୀ, ୧୯୪୭ରେ ଭାରତ ଓ ପାକିସ୍ତାନ ସ୍ୱାଧୀନ ହେବା ପୂର୍ବରୁ ୧୧ ଅଗଷ୍ଟ ୧୯୪୭ ରେ ବଲୁଚିସ୍ତାନ ନିଜକୁ ଏକ ସ୍ୱାଧୀନ ଦେଶ ଭାବେ ଘୋଷଣା କରିସାରିଥିଲା। ଏହି ଖବର ସେତେବେଳେ 'ଅଲ୍ ଇଣ୍ଡିଆ ରେଡିଓ' ଏବଂ 'ନ୍ୟୁୟର୍କ ଟାଇମ୍ସ'ରେ ପ୍ରକାଶ ପାଇଥିଲା। ସେଥିପାଇଁ ଚଳିତ ଅଗଷ୍ଟ ୧୧ ତାରିଖରେ ପାକିସ୍ତାନ ସମେତ ସାରା ବିଶ୍ୱରେ ରହୁଥିବା ବଲୁଚ୍ ଲୋକମାନେ ଘରେ, ବଜାରରେ ଏବଂ ସାର୍ବଜନୀନ ସ୍ଥାନରେ ବଲୁଚିସ୍ତାନର ନୂଆ ପତାକା ଉଡ଼ାଇ ସ୍ୱାଧୀନତା ଦିବସ ପାଳନ କରିବେ।

ପାକିସ୍ତାନୀ ସେନା ବୋହାଇଛି ନିରୀହଙ୍କ ରକ୍ତ: ମୀର ୟାର୍ ବଲୋଚ୍ ପାକିସ୍ତାନୀ ସେନାର ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରି କହିଛନ୍ତି ଯେ, ପାକିସ୍ତାନ ସେନା କେବଳ ପାକିସ୍ତାନ ଅଧିକୃତ କାଶ୍ମୀରରେ ନୁହେଁ, ବରଂ ଦଶନ୍ଧି ଦଶନ୍ଧି ଧରି ବଲୁଚିସ୍ତାନରେ ନିରୀହ ବଲୁଚ୍ ନାଗରିକଙ୍କୁ ଗଣହତ୍ୟା କରିଛି।

ପାକିସ୍ତାନର ଶୋଷଣ ଓ ଗୁଳିମାଡ଼ ଯୋଗୁଁ ଅନେକ ନିରୀହ ଲୋକଙ୍କ ରକ୍ତ ବୋହିଛି, ଯାହାର ଜବାବ ଏବେ ଆଜାଦି ମାଧ୍ୟମରେ ଦିଆଯିବ। ପାକିସ୍ତାନ ଅଗଷ୍ଟ ୧୪ରେ ନିଜର ସ୍ୱାଧୀନତା ଦିବସ ପାଳନ କରୁଥିବା ବେଳେ, ତା' ପୂର୍ବରୁ ଅଗଷ୍ଟ ୧୧ରେ ବଲୁଚିସ୍ତାନର ଏହି ଆଜାଦି ଘୋଷଣା ପାକିସ୍ତାନ ସରକାର ଓ ସେନାର ନିଦ ଚୋରି କରିଦେଇଛି।

# ପୋଲିସ ଓ ଜନପ୍ରତିନିଧି ମଧ୍ୟରେ ସମନ୍ୱୟ ରହୁ



ବିଦ୍ୟାଧର ନାୟକ
ପୁର୍ବତନ ବରିଷ୍ଠ ନୌସୈନିକ
ଦୁରଭାଷ- ୯୭୫୮୮୫୯୪୨୪

କୌଣସି ଅଞ୍ଚଳରେ ହତ୍ୟା, ଆତ୍ମହତ୍ୟା, ଦୁଷ୍କର୍ମ, ଭିଡ଼ ହିଂସା, ସାଇବର ଠକେଇ, ଦୁର୍ନୀତି, ଚୋରି କିମ୍ବା ଡକାୟତି ଭଳି ଅପରାଧ ଘଟିଲେ ସାଧାରଣତଃ ସମାଜ ପୋଲିସ, ପ୍ରଶାସନ ଓ ନ୍ୟାୟ ବ୍ୟବସ୍ଥାକୁ ଦୋଷ ଦେଇଥାଏ। କିନ୍ତୁ ପ୍ରଶ୍ନ ହେଉଛି ଯେଉଁ ଅଞ୍ଚଳର ଜନସାଧାରଣ ଜଣେ ଜନପ୍ରତିନିଧିଙ୍କୁ ନିର୍ବାଚିତ କରିଛନ୍ତି, ସେହି ଅଞ୍ଚଳର ସାମାଜିକ ପରିବେଶ ଓ ଆଇନ-ଶୃଙ୍ଖଳା ପାଇଁ ତାଙ୍କର କୌଣସି ନୈତିକ ଦାୟିତ୍ୱ ନାହିଁ କି?

ଜନପ୍ରତିନିଧି କେବଳ ରାସ୍ତା, ପୋଲ, ପାଣି କିମ୍ବା ବିଦ୍ୟୁତ ଯୋଗାଣର ପ୍ରତିନିଧି ନୁହଁନ୍ତି; ସେ ତାଙ୍କ ଅଞ୍ଚଳର ସାମାଜିକ ନେତୃତ୍ୱର ମଧ୍ୟ ପ୍ରତୀକ। ଯଦି କୌଣସି ଅଞ୍ଚଳରେ ଅପରାଧ ଲଗାତାର ବଢୁଛି, ତେବେ ଏହା ସେଠାର ସାମାଜିକ ପରିବେଶ, ଜନସଚେତନତା ଓ ନେତୃତ୍ୱର ଅଭାବକୁ ମଧ୍ୟ ସୂଚିତ କରେ।

ଏଣୁ ସମୟ ଆସିଛି ଯେ, ଜନପ୍ରତିନିଧିମାନଙ୍କ ପାଇଁ ମଧ୍ୟ ଅଞ୍ଚଳଭିତ୍ତିକ "ସାମାଜିକ ଜବାବଦେହିତା ସୂଚକାଙ୍କ" ପ୍ରଣୟନ କରାଯାଉ। ପ୍ରତିବର୍ଷ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ଅପରାଧ ହାର, ନିଶାଦ୍ରବ୍ୟ ବ୍ୟବହାର, ମହିଳା ସୁରକ୍ଷା, ସାଇବର ଠକେଇ ଓ ଯୁବ ଅପରାଧର ତଥ୍ୟ ସାର୍ବଜନୀନ କରାଯାଇ ଜନପ୍ରତିନିଧିଙ୍କ କାର୍ଯ୍ୟଦକ୍ଷତା ସହ ସଂଯୋଜିତ କରାଯାଉ।

ଏହା ଦ୍ୱାରା ଅପରାଧ ଘଟିଲେ ଜନପ୍ରତିନିଧି ଆଇନଗତ ଭାବେ ଅପରାଧୀ ହେବେ ନାହିଁ, କିନ୍ତୁ ସେମାନେ ନିଜ ଅଞ୍ଚଳରେ ସଚେତନତା, ସାମାଜିକ ସମନ୍ୱୟ ଓ ଅପରାଧ ନିୟନ୍ତ୍ରଣ ପାଇଁ ଅଧିକ ସକ୍ରିୟ ହେବେ। ଯେତେବେଳେ ଜନପ୍ରତିନିଧିଙ୍କ ମୂଲ୍ୟାଙ୍କନ କେବଳ ବିକାଶ କାର୍ଯ୍ୟ ନୁହେଁ, ବରଂ ସାମାଜିକ ଶାନ୍ତି ଓ ସୁରକ୍ଷା ଆଧାରରେ ମଧ୍ୟ ହେବ, ସେତେବେଳେ ଅପରାଧ ହ୍ରାସ ଦିଗରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇପାରିବ। ଗଣତନ୍ତ୍ରରେ ଅଧିକାର ସହିତ ଦାୟିତ୍ୱ ମଧ୍ୟ ଅପରିହାର୍ଯ୍ୟ। ଯେଉଁମାନେ ଜନତାଙ୍କ ପ୍ରତିନିଧି, ସେମାନେ ଜନତାଙ୍କ ସୁରକ୍ଷା, ସାମାଜିକ ସଦ୍ଭାବ ଓ ନୈତିକ ପରିବେଶ ପ୍ରତି ମଧ୍ୟ ଜବାବଦେହି ହେବା ଉଚିତ। "କେବଳ ବିକାଶର ହିସାବ ନୁହେଁ, ସାମାଜିକ ସୁରକ୍ଷାର ହିସାବ ମଧ୍ୟ ଜନପ୍ରତିନିଧି ଦିଅନ୍ତୁ ତେବେ ହିଁ ଗଣତନ୍ତ୍ର ଅଧିକ ଶକ୍ତିଶାଳୀ ହେବ।"

### ସାମାଜିକ ଅନ୍ୱେଷଣ





ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

# ବୋଲ୍ ବମ୍ ବୋଲ୍ ବମ୍



## କାଉଡ଼ିଆଙ୍କ ଭକ୍ତି ପ୍ରେମ

ପବିତ୍ର ଶ୍ରାବଣ ମାସ ଆରମ୍ଭ ହୋଇଯାଇଥିବାରୁ ଓଡ଼ିଶାର ବିଭିନ୍ନ ଶୈବପୀଠରେ କାଉଡ଼ିଆ ବା ବୋଲ୍‌ବମ୍ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି । ଚଳିତ ୨୦୨୬ ବର୍ଷର ଶ୍ରାବଣ ମାସକୁ ନେଇ କାଉଡ଼ିଆମାନଙ୍କ ପାଇଁ ପ୍ରଶାସନ ଓ ମନ୍ଦିର କର୍ତ୍ତୃପକ୍ଷଙ୍କ ତରଫରୁ ଅନେକ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । କାଉଡ଼ିଆମାନଙ୍କ ରାତ୍ରିକାଳୀନ ଯାତ୍ରାକୁ ସୁରକ୍ଷିତ କରିବା ଏବଂ ଦୁର୍ଘଟଣାରୁ ରକ୍ଷା କରିବା ପାଇଁ କଟକ ଗଡ଼ଗଡ଼ିଆ ଘାଟରେ ପୋଲିସ କମିଶନରଙ୍କ ତରଫରୁ ଭକ୍ତମାନଙ୍କୁ ରେଡିୟମ୍ ଜ୍ୟାକେଟ୍ ବଣ୍ଟନ କରାଯାଉଛି । ବିଶେଷ କରି ଭୁବନେଶ୍ୱର ଶ୍ରୀ ଲିଙ୍ଗରାଜ ମନ୍ଦିର, କପିଳାସ ଏବଂ କେଦାରେଶ୍ୱର ମନ୍ଦିରକୁ ଯାଉଥିବା କାଉଡ଼ିଆଙ୍କ ପାଇଁ କମିଶନରେଟ୍ ପୋଲିସ ସ୍ୱତନ୍ତ୍ର ଟ୍ରାଫିକ ଗାଇଡଲାଇନ ଜାରି କରିଛି । ରବିବାର ସନ୍ଧ୍ୟାରୁ ସୋମବାର ଅପରାହ୍ନ ପର୍ଯ୍ୟନ୍ତ ଭାରୀ ଯାନବାହନ ଚଳାଚଳକୁ ନିୟନ୍ତ୍ରିତ କରାଯାଉଛି । କଟକର ମହାନଦୀ ଗଡ଼ଗଡ଼ିଆ ଘାଟରେ ଲକ୍ଷାଧିକ କାଉଡ଼ିଆ ଜଳ ସଂଗ୍ରହ କରୁଥିବାରୁ ସେଠାରେ ବାରିକେଡ୍, ଆଲୋକୀକରଣ ଏବଂ ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି । ପୁରୀର ବାବା ଲୋକନାଥ, ଭୁବନେଶ୍ୱରର ଲିଙ୍ଗରାଜ, ଢେଙ୍କାନାଳର କପିଳାସ, ଭଦ୍ରକର ଆଖଣ୍ଡଳମଣି ଏବଂ ବାଲେଶ୍ୱରର ପଞ୍ଚଲିଙ୍ଗେଶ୍ୱର ମନ୍ଦିରରେ ଜଳାଭିଷେକ ପାଇଁ ସ୍ୱତନ୍ତ୍ର ଧାଡ଼ି ଓ ପ୍ରଶାସନିକ ବ୍ୟବସ୍ଥା ହୋଇଛି । କଟକ ଗାନ୍ଧୀପଲ୍ଲୀର ପ୍ରାୟ ୨୦ରୁ ଅଧିକ ଯୁବକ ଏକ ସ୍ୱତନ୍ତ୍ର ବାହୁଙ୍ଗୀରେ ୧୦୮ ଟି ପବିତ୍ର କଳସ ନେଇ କପିଳାସ ଅଭିମୁଖେ ଯାତ୍ରା କରି ଚଳିତ ବର୍ଷ ବେଶ୍ ଚର୍ଚ୍ଚାରେ ଅଛନ୍ତି ।

ପ୍ରସିଦ୍ଧ ସାଣ୍ଡ ଆର୍ଟିଷ୍ଟ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ଶ୍ରାବଣ ମାସ ଅବସରରେ ଭଗବାନ ଶିବଙ୍କର ଏକ ଆକର୍ଷଣୀୟ ବାଲୁକା କଳା ନିର୍ମାଣ କରିଛନ୍ତି, ଯାହା ଶ୍ରଦ୍ଧାଳୁଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଛି । ଚଳିତ ବର୍ଷ ଶ୍ରାବଣ ମାସରେ ୪ଟି ସୋମବାର ପଡୁଛି, ଯେଉଁ ଦିନମାନଙ୍କରେ କାଉଡ଼ିଆମାନେ ସଂକଳ୍ପ କରି ଜଳ ଲାଗି କରୁଛନ୍ତି । ପ୍ରଥମ ସୋମବାର ଅଗଷ୍ଟ ୩ ତାରିଖରେ ଶେଷ ହୋଇଯାଇଛି । ଦ୍ୱିତୀୟ ସୋମବାର ଆସନ୍ତା ୧୦ ତାରିଖ, ତୃତୀୟ ସୋମବାର ଅଗଷ୍ଟ ୧୭ ତାରିଖ (ଏହି ଦିନ ନାଗ ପଞ୍ଚମୀର ବିଶେଷ ସଂଯୋଗ ରହିଛି)। ଚତୁର୍ଥ ସୋମବାର ଅଗଷ୍ଟ ୨୪ ତାରିଖରେ ପଡ଼ିବ । କାଉଡ଼ିଆମାନଙ୍କ ପାଇଁ ସ୍ଥାନୀୟ ସେବା ସମିତିଗୁଡ଼ିକ ତରଫରୁ ବିଭିନ୍ନ ରାସ୍ତାରେ ମାଗଣା ଖାଦ୍ୟ (ଲଙ୍ଗର), ବିଶ୍ରାମ ସ୍ଥଳ ଏବଂ ପ୍ରାଥମିକ ଚିକିତ୍ସା ଶିବିରର ବ୍ୟବସ୍ଥା କରାଯାଇଛି ।



**ପୁଣ୍ୟ ଶ୍ରାବଣରେ କାଉଡ଼ିଆ ଶିବ ଭକ୍ତମାନଙ୍କ ଅନନ୍ୟ ଭକ୍ତି ପ୍ରେମର ପଟାନ୍ତର ନାହିଁ। ଶ୍ରାବଣର ସୋମବାର ଜଳ ଲାଗି ନିମନ୍ତେ ସତେ ଯେମିତି ଦେବ ଦେବ ମହାଦେବ କାଉଡ଼ିଆ ଭକ୍ତମାନଙ୍କ ଆଗମନକୁ ଅପେକ୍ଷା କରିଥାନ୍ତି। ଭକ୍ତି ପ୍ରେମରେ ଜଳ ଲାଗି ହୋଇ ଭକ୍ତମାନଙ୍କ ମନସ୍କାମନା ପୂର୍ଣ୍ଣ କରିଥାନ୍ତି। ଓଡ଼ିଶାର ପବିତ୍ର ଶୈବ ପିଠ ଶ୍ରୀଲୋକନାଥ, ମହାପ୍ରଭୁ ଲିଙ୍ଗରାଜ, ଗୁପ୍ତେଶ୍ୱର, ଧବଳେଶ୍ୱର, ପଞ୍ଚଲିଙ୍ଗେଶ୍ୱର, ଆରଡ଼ି ଆଖଣ୍ଡଳମଣି ଏବଂ ପଶ୍ଚିମ ଓଡ଼ିଶାର ହରିଶଙ୍କର ଆଦି ପୁରାତନ ଶୈବପୀଠ ଗୁଡ଼ିକରେ ବୋଲବମ ଭକ୍ତମାନଙ୍କ ବହୁ ସଂଖ୍ୟକ ସମାଗମ ଦେଖିବାକୁ ମିଳିଥାଏ। ଦୂର ଦୂରାନ୍ତରୁ ଖାଲି ପାଦରେ କାନ୍ଧରେ କାଉଡ଼ି ଧରି ଲମ୍ବା ଧାଡ଼ିରେ ଚାଲିଥାନ୍ତି କାଉଡ଼ିଆମାନେ। ଶିବଙ୍କ ନାମ ଧ୍ୱନୀରେ ଓ ଭକ୍ତି ସଙ୍ଗୀତରେ ରାସ୍ତା କଡ଼ ଶିବମୟ ହୋଇଉଠେ। ରବିବାର ଓ ସୋମବାର ରାସ୍ତାର କଡ଼େ କଡ଼େ କାଉଡ଼ିଆମାନଙ୍କ ପାଇଁ ବିଶ୍ରାମ କକ୍ଷ ସ୍ଥାପନ ହୋଇଥାଏ। ସନ୍ଧ୍ୟାରେ ଭଜନ ଜଣାଣ ଓ ଖଞ୍ଜଣି ବାଦ୍ୟରେ ଭକ୍ତିମୟ ପରିବେଶ ସୃଷ୍ଟି ହୁଏ। କାଉଡ଼ିଆମାନଙ୍କ ପାଇଁ ଦାନାର୍ଥୀମାନେ ପ୍ରସାଦ ସେବନର ସୁବନ୍ଦୋବସ୍ତ କରିଥାନ୍ତି। ଏହା ହିନ୍ଦୁ ଧର୍ମର ପରମ୍ପରା ଓ ସଂସ୍କୃତିର ଅନନ୍ୟ ଝଲକ ସମସ୍ତଙ୍କୁ ଆକର୍ଷିତ କରିଥାଏ। ବିଶ୍ୱାସର ଏହି ପ୍ରେମ ଭକ୍ତିର କାଉଡ଼ିଆ ଯାତ୍ରାରେ ସାମିଲ ହୋଇ ଶୈବ ଭକ୍ତମାନେ ନିଜକୁ ଧନ୍ୟ ମଣିଥାନ୍ତି।**



## କାଉଡିଆଙ୍କ ପାଇଁ କ'ଣ କଡ଼ାକଡ଼ି ନିୟମ ରହିଛି ?

ଚଳିତ ୨୦୨୬ ବର୍ଷର ଶ୍ରାବଣ ମାସ କାଉଡ଼ିଆ ଯାତ୍ରା ପାଇଁ ପ୍ରଶାସନିକ ନିୟମାବଳୀ ଏବଂ ପାରମ୍ପରିକ ଧାର୍ମିକ ନିୟମ ବେଶ୍ କଡ଼ାକଡ଼ି କରାଯାଇଛି । ଶ୍ରଦ୍ଧାଳୁମାନଙ୍କ ଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ କରିବା ପାଇଁ ଏହି ନିୟମଗୁଡ଼ିକ ପାଳନ କରିବା ସମସ୍ତଙ୍କ ପାଇଁ ଅନିବାର୍ଯ୍ୟ । ଚଳିତ ବର୍ଷ ସୁରକ୍ଷା ଦୃଷ୍ଟିରୁ ସମସ୍ତ କାଉଡ଼ିଆ ଯାତ୍ରୀ ନିଜ ସହିତ ମୂଳ ପରିଚୟ ପତ୍ର (ଯେପରିକି ଆଧାର କାର୍ଡ କିମ୍ବା ଭୋଟର ଆଇଡି) ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯାତ୍ରା ସମୟରେ କୌଣସି ପ୍ରକାରର ଧାରୁଆ ଅସ୍ତ୍ର, ତ୍ରିଶୂଳ, ଲାଠି ବା ହକି ଷ୍ଟିକ୍ ସାଙ୍ଗରେ ଧରି ଚାଲିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଡିଜେ ଏବଂ ଶବ୍ଦ ଉପରେ କଟକଣା: ଶୋଭାଯାତ୍ରାରେ ବ୍ୟବହାର ହେଉଥିବା ଗାଡ଼ିର ଡିଜେ ସାଉଣ୍ଡ ଉପରେ କଟକଣା ଲଗାଯାଇଛି । ଡିଜେ ବକ୍ସର ଉଚ୍ଚତା ଗାଡ଼ିର ମୂଳ ବଡି (ଇକ୍ଟୟଚ) ଠାରୁ ଅଧିକ ହେବ ନାହିଁ ଏବଂ ନିର୍ଦ୍ଧାରିତ ଶବ୍ଦ ସୀମା ମଧ୍ୟରେ ହିଁ ବଜାଯିବ । ସରକାର ଓ ପୋଲିସ ଦ୍ୱାରା ନିର୍ଦ୍ଧାରିତ ପାରମ୍ପରିକ ରୁଟ୍ ବା କାଉଡ଼ିଆ ପଥରେ ହିଁ ଯାତ୍ରା କରିବାକୁ କୁହାଯାଇଛି, ଯେପରି ସାଧାରଣ ଯାତାୟାତରେ ବାଧା ସୃଷ୍ଟି ନହୁଏ । କାଉଡ଼ିଆ ଯାତ୍ରାର ସବୁଠାରୁ କଡ଼ା ନିୟମ ହେଉଛି, ନଦୀରୁ ଜଳ ସଂଗ୍ରହ କରିବା ପରେ କାଉଡ଼ିକୁ ସିଧାସଳଖ ଭୂମି ବା ମାଟିରେ ରଖାଯିବ ନାହିଁ । ବିଶ୍ରାମ କିମ୍ବା ଶୌଚ ଯିବା ସମୟରେ ଏହାକୁ କୌଣସି ଗଛର ଡାଳ, ଷ୍ଟାଣ୍ଡ କିମ୍ବା ସେବା ଶିବିରରେ ଥିବା ଷ୍ଟାଣ୍ଡରେ ଟାଙ୍ଗି ରଖିବାକୁ ହେବ । ଯଦି ଭୁଲ୍ ବଶତଃ କାଉଡ଼ି ମାଟିରେ ଛୁଇଁଯାଏ, ତେବେ ସେହି ଜଳ ଅଶୁଦ୍ଧ ହୋଇଯାଏ । ଭକ୍ତଙ୍କୁ ପୁନର୍ବାର ନଦୀକୁ ଯାଇ ନୂଆ ଜଳ ଆଣିବାକୁ ପଡ଼ିଥାଏ । ଶ୍ରାବଣ ମାସ ସାରା କାଉଡ଼ିଆମାନେ ସମ୍ପୂର୍ଣ୍ଣ ନିରାମିଷାସୀ ରହିବେ । ଏହି ସମୟରେ ମାଂସ, ମଦ, ପିଆଜ, ରସୁଣ ଏବଂ ନିଶାଦ୍ରବ୍ୟ (ଗୁଟଖା, ବିଡ଼ି) ସେବନ ସାରା ଯାତ୍ରା ସମୟରେ ସକ୍ତ ମନା । ଯାତ୍ରା ମାର୍ଗରେ ଭୋଜନ କରିବା କିମ୍ବା ବିଶ୍ରାମ କରିବା ପୂର୍ବରୁ ସ୍ନାନ କରିବା ବା ହାତ-ପାଦ ଭଲ ଭାବେ ଧୋଇ ଶୁଦ୍ଧ ହେବା ଜରୁରୀ । ଅଶୁଦ୍ଧ ଅବସ୍ଥାରେ କାଉଡ଼ି ଛୁଇଁବା ପାପ ବୋଲି ମାନାଯାଏ । କାଉଡ଼ିଆମାନେ ଯାତ୍ରା ସମୟରେ କୌଣସି ଚମଡ଼ାର ଜିନିଷ (ଜୋତା, ବେଲ୍ଟ, ପର୍ସ) ବ୍ୟବହାର କରନ୍ତି ନାହିଁ । ଅଧିକାଂଶ ଭକ୍ତ ଖାଲି ପାଦରେ ଚାଲି ଚାଲି ଯାତ୍ରା ପୂର୍ଣ୍ଣ କରନ୍ତି । ଯାତ୍ରା ସମୟରେ କାହାରି ସହ ପାଟିତୁଣ୍ଡ କରିବା, ଗାଳିଗୁଲଜ କରିବା କିମ୍ବା ମନରେ ନକାରାତ୍ମକ ଭାବ ରଖିବା ମନା । ଭକ୍ତମାନେ କେବଳ "ବୋଲ୍‌ବମ୍" କିମ୍ବା "ହର ହର ମହାଦେବ" ଜପ କରି ଆଗକୁ ବଢ଼ିବା ଉଚିତ ।





## କାହିଁକି ମାନସିକ ବ୍ରତ ରଖନ୍ତି କାଉଡ଼ିଆମାନେ ?

ହିନ୍ଦୁ ଧର୍ମରେ ଭଗବାନଙ୍କ କୃପା ଲାଭ କରିବା ଏବଂ ମନସ୍କାମନା ପୂର୍ଣ୍ଣ କରିବା ପାଇଁ ମାନସିକ ବ୍ରତ ବା ମାନସିକ ରଖିବା ଏକ ପ୍ରମୁଖ ପରମ୍ପରା । ବିଶେଷ କରି ଶ୍ରାବଣ ମାସରେ କାଉଡ଼ିଆମାନେ ଏବଂ ଅନ୍ୟ ଶ୍ରଦ୍ଧାଳୁମାନେ ବିଭିନ୍ନ କାରଣରୁ ମାନସିକ ବ୍ରତ ପାଳନ କରିଥାନ୍ତି । ଶ୍ରଦ୍ଧାଳୁମାନେ ନିଜ ଜୀବନର କୌଣସି ବଡ଼ ଆଶା ବା ସ୍ୱପ୍ନ (ଯେପରିକି ଭଲ ଚାକିରି, ବ୍ୟବସାୟରେ ସଫଳତା, ବାହାଘର କିମ୍ବା ସନ୍ତାନ ପ୍ରାପ୍ତି) ପୂରଣ ପାଇଁ ଭଗବାନଙ୍କ ନିକଟରେ ମାନସିକ କରି ବ୍ରତ ରଖନ୍ତି । ଅନେକ ସମୟରେ ମାନସିକ ପୂରଣ ହେବା ପରେ, ଭଗବାନଙ୍କୁ ଧନ୍ୟବାଦ ଜଣାଇବା ପାଇଁ କାଉଡ଼ିଆ ସାଜି ଜଳଲାଗି କରନ୍ତି ବା ଉପବାସ ରଖନ୍ତି । ନିଜର କିମ୍ବା ପରିବାରର କୌଣସି ସଦସ୍ୟଙ୍କର ଗୁରୁତର ରୋଗ ଭଲ କରିବା ପାଇଁ ଲୋକେ ମହାଦେବ ବା ଅନ୍ୟ ଦେବାଦେବୀଙ୍କ ଶରଣ ପଶନ୍ତି । ଜୀବନରେ ଚାଲିଥିବା ବଡ଼ ସମସ୍ୟା, କୋର୍ଟ-କଚେରୀ ମାମଲା ବା ଆର୍ଥିକ ସଂକଟରୁ ମୁକ୍ତି ପାଇଁ ମାନସିକ ବ୍ରତ ଏକ ମାଧ୍ୟମ ସାଜିଥାନ୍ତି । ନିଜ ପରିବାରରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ବଜାୟ ରଖିବା ପାଇଁ ମହିଳା ଓ ପୁରୁଷମାନେ ନିଷ୍ଠାର ସହ ବ୍ରତ ପାଳନ କରନ୍ତି । ସ୍ୱାମୀ ଏବଂ ସନ୍ତାନମାନଙ୍କର ଦୀର୍ଘ ଆୟୁଷ ଓ ମଙ୍ଗଳ କାମନା କରି ଶ୍ରାବଣ ସୋମବାର ବ୍ରତ କରାଯାଇଥାଏ । କେବଳ ଭୌତିକ ସୁଖ ନୁହେଁ, ବରଂ ନିଜର ଆତ୍ମଶୁଦ୍ଧି, ମାନସିକ ଶାନ୍ତି ଏବଂ ଅଜାଣତରେ କରିଥିବା ପାପରୁ ମୁକ୍ତି ପାଇଁ ଭକ୍ତମାନେ କଠିନ ବ୍ରତ (ଯେପରିକି ଖାଲି ପାଦରେ ଚାଲିବା, ନିରାହାର ରହିବା) ପାଳନ କରନ୍ତି ।

## ବୋଲ୍‌ବମ୍ ଯାତ୍ରାର ମାହାତ୍ମ୍ୟ କ'ଣ ?

ଶ୍ରାବଣ ମାସରେ କାଉଡ଼ିଆ ଯାତ୍ରା (ବୋଲ୍‌ବମ୍) ଏବଂ ମାନସିକ ବ୍ରତ କରି ଜଳଲାଗି କରିବାର ପରମ୍ପରା ବହୁ ପ୍ରାଚୀନ । ହିନ୍ଦୁ ପୁରାଣ ଓ ଶାସ୍ତ୍ର ଅନୁସାରେ ଏହି ପରମ୍ପରା ପଛରେ କେତେକ ଗୁରୁତ୍ୱପୂର୍ଣ୍ଣ ପୌରାଣିକ କଥା ରହିଛି । ପୌରାଣିକ ମାନ୍ୟତା ଅନୁସାରେ, ଶ୍ରାବଣ ମାସରେ ହିଁ ଦେବତା ଓ ଅସୁରମାନଙ୍କ ମଧ୍ୟରେ ସମୁଦ୍ର ମନ୍ଥନ ହୋଇଥିଲା । ଏହି ମନ୍ଥନରୁ ବାହାରିଥିବା ଭୟଙ୍କର 'ହଳାହଳ' ବିଷ ସୃଷ୍ଟିକୁ ବିନାଶ କରିବାକୁ ଲାଗିଲା । ସୃଷ୍ଟିର ରକ୍ଷା ପାଇଁ ଭଗବାନ ଶିବ ସେହି ବିଷକୁ ପାନ କରି ନିଜ କଣ୍ଠରେ ରଖିଲେ, ଯେଉଁଥିପାଇଁ ସେ 'ନୀଳକଣ୍ଠ' ନାମରେ ପରିଚିତ ହେଲେ । ବିଷର ପ୍ରଭାବରେ ମହାଦେବଙ୍କ ଶରୀର ଓ କଣ୍ଠ ଅତ୍ୟଧିକ ଗରମ ହୋଇଗଲା । ତାଙ୍କ ଶରୀରକୁ ଶୀତଳ କରିବା ପାଇଁ ସମସ୍ତ ଦେବତା, ଯକ୍ଷ ଓ ଗନ୍ଧର୍ବମାନେ ପବିତ୍ର ନଦୀର ଜଳ ଆଣି ଶିବଙ୍କ ମୁଣ୍ଡରେ ଢାଳିଥିଲେ । ସେହି ସମୟରୁ ଶ୍ରାବଣ ମାସରେ ମହାଦେବଙ୍କୁ ଜଳଲାଗି କରି ଶାନ୍ତ କରିବାର ପରମ୍ପରା ଆରମ୍ଭ ହେଲା । କିଛି ଶାସ୍ତ୍ର ଅନୁସାରେ, ଭଗବାନ ପରଶୁରାମ ହେଉଛନ୍ତି ପୃଥିବୀର ପ୍ରଥମ କାଉଡ଼ିଆ । ସେ ଗଙ୍ଗା ନଦୀରୁ କାଉଡ଼ିରେ ଜଳ ଆଣି ପୁରାପୁରୀ ନିୟମ ନିଷ୍ଠାର ସହ ବାଗେଶ୍ୱର ମହାଦେବଙ୍କ ପୀଠରେ ଜଳାଭିଷେକ କରିଥିଲେ ଏବଂ ଶିବଙ୍କ କୃପା ଲାଭ କରିଥିଲେ । ଅନ୍ୟ ଏକ ମାନ୍ୟତା ଅନୁସାରେ, ମହାଦେବଙ୍କ ପରମ ଭକ୍ତ ଦଶାନନ ରାବଣ ପ୍ରଥମେ କାଉଡ଼ିଆ ସାଜିଥିଲେ । ବିଷପାନ ପରେ ଶିବଙ୍କ କଣ୍ଠରୁ ଜ୍ୱାଳା କମାଇବା ପାଇଁ ରାବଣ ପବିତ୍ର ଗଙ୍ଗାଜଳକୁ କାଉଡ଼ିରେ ବୋହି ଆଣି 'ପୁରା ମହାଦେବ' (ପଶ୍ଚିମ ଉତ୍ତର ପ୍ରଦେଶ) ନାମକ ସ୍ଥାନରେ ଥିବା ଶିବଲିଙ୍ଗରେ ଲାଗି କରିଥିଲେ । ତ୍ରେତୟା ଯୁଗରେ ଶ୍ରବଣ କୁମାର ନିଜର ଅନ୍ଧ ପିତାମାତାଙ୍କୁ କାଉଡ଼ି (ବାହୁଙ୍ଗୀ)ରେ ବସାଇ ବିଭିନ୍ନ ତୀର୍ଥ କରାଇଥିଲେ । ଶ୍ରାବଣ ମାସରେ ସେ ଯେତେବେଳେ ତାଙ୍କୁ ହିମାଚଳର ଉନା ନିକଟସ୍ଥ ପବିତ୍ର ବୈଦ୍ୟନାଥ ଶିବଲିଙ୍ଗ ଦର୍ଶନ କରାଇ ଗଙ୍ଗାଜଳରେ ଅଭିଷେକ କଲେ, ସେବେଠାରୁ ଏହି କାଉଡ଼ି ଜଳଯାତ୍ରା ମାନସିକ ପୂରଣ ଏବଂ ପୂଣ୍ୟ ଅର୍ଜନର ଏକ ବଡ଼ ମାଧ୍ୟମ ପାଲଟିଲା । ଦେବୀ ସତୀ ନିଜ ପିତାଙ୍କ ଯଜ୍ଞ କୁଣ୍ଡରେ ଆତ୍ମାହୁତି ଦେବା ପରେ, ଦ୍ୱିତୀୟ ଜନ୍ମରେ ମାତା ପାର୍ବତୀ ରୂପେ ଭଗବାନ ଶିବଙ୍କୁ ସ୍ୱାମୀ ରୂପେ ପାଇବାକୁ ଶ୍ରାବଣ ମାସ ସାରା କଠିନ ବ୍ରତ ଓ ତପସ୍ୟା କରିଥିଲେ । ମାତା ପାର୍ବତୀଙ୍କ ଏହି ମାନସିକ ବ୍ରତରେ ପ୍ରସନ୍ନ ହୋଇ ଶିବ ତାଙ୍କୁ ବିବାହ କରିଥିଲେ । ସେଥିପାଇଁ ଏହି ମାସରେ ସୁଖଦ ଦାମ୍ପତ୍ୟ ଜୀବନ ଓ ମନସ୍କାମନା ପୂରଣ ପାଇଁ ମାନସିକ ବ୍ରତ ରଖାଯାଏ ।



## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଧାରଣା

ନୀଳଗିରି ତା ୦୫/୮ : ଶିକ୍ଷା ପ୍ରତ୍ୟେକ ଶିଶୁର ଏକ ମୌଳିକ ସାମ୍ବିଧାନିକ ଅଧିକାର, ମାତ୍ର ବର୍ତ୍ତମାନ ର ସରକାର ଶିକ୍ଷା ବ୍ୟବସ୍ଥା ପରିଚାଳନାରେ ସ୍ୱେଚ୍ଛାକୃତ ଅସଙ୍ଗତି ସୃଷ୍ଟି ସହିତ ଅନୁଦାନ ନୀତିକୁ ବାତିଲ କରି କର୍ପୋରେଟ ହାଉସ ମାନଙ୍କ ଦ୍ୱାରା ରାଜକୀୟ ଘରୋଇ ବିଦ୍ୟାଳୟମାନ ସ୍ଥାପନ କରି ସରକାରୀ ଶିକ୍ଷା ବ୍ୟବସ୍ଥାକୁ କ୍ରମଶଃ ସଙ୍କଟ ମଧ୍ୟକୁ ଠେଲି ଦେଉଛନ୍ତି । ଏଭଳି କିଛି ଅଭିଯୋଗ ଆଣି ନୀଳଗିରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧାରଣା ଦିଆଯାଇଛି । ସମିତି ର ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ସାହୁ ତାଙ୍କ ବକ୍ତବ୍ୟ ରେ ଉଲ୍ଲେଖ କରିଛନ୍ତି ଯେ ଏ ରାଜ୍ୟ ର ଜନସାଧାରଣ ନିଜର ଲହୁ ଲୁହ ଦେଇ ଅକ୍ଲାନ୍ତ ଉଦ୍ୟମ କରି ପ୍ରତିଷ୍ଠିତ କରିଥିବା ବିଦ୍ୟାଳୟ ଗୁଡିକରେ ଶିକ୍ଷକତା




କରୁଥିବା ଶିକ୍ଷକମାନେ ବିନା ବେତନରେ ୨୫ ରୁ ୩୦ ବର୍ଷ ଶିକ୍ଷାଦାନ ପରେ ମଧ୍ୟ ସରକାର ସେହି ବିଦ୍ୟାଳୟ ଗୁଡିକୁ ଅନୁଦାନ ପରିସରଭୁକ୍ତ ନକରି କାର୍ଯ୍ୟରତ ଶିକ୍ଷକ କର୍ମଚାରୀଙ୍କର ଶ୍ରମକୁ ଲୁଣ୍ଠନ କରି ଦରମା ପ୍ରଦାନ ନକରିବା ଅତ୍ୟନ୍ତ ଅମାନବିକ ଏବଂ ଅଗଣତାନ୍ତ୍ରିକ ବ୍ୟବସ୍ଥା । ଏହି ବିଦ୍ୟାଳୟ ଗୁଡିକରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଅଧିକାର ନିୟମରୁ ବଞ୍ଚିତ କରି ପୋଷାକ, ପୁସ୍ତକ, ପରିମଳ ଯୋଜନା, ସାଇକେଲ ଓ ମଧ୍ୟାହ୍ନ ଭୋଜନ ନଦେବା କେତେଦୂର ନ୍ୟାୟସଙ୍ଗତ ତାହା ବିଚାରକୁ ନିଆଯାଉ । ଅବସର ଗ୍ରହଣ କରିଥିବା ଏବଂ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ପାଇଁ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ ବ୍ୟବସ୍ଥା, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ସରକାରୀକରଣ ଏବଂ ଶୂନ୍ୟ ପଡ଼ିଥିବା ସ୍ଥାନରେ ଶିକ୍ଷକ ନିଯୁକ୍ତି କରିବା ସହିତ ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକ ମାନଙ୍କୁ ଛଅଟି ନେସନାଲ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ, ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ ସ୍କିମର ପୁନଃ ପ୍ରଚଳନ, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି ଓ ଗ୍ରେଡପେରେ ଥିବା ଅସଙ୍ଗତି ଦୂରୀକରଣ ଆଦି ଦାବୀଗୁଡ଼ିକୁ ପୂରଣ କରି ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ସହିତ ଛାତ୍ରଛାତ୍ରୀମାନଙ୍କୁ ନ୍ୟାୟ ଦେବା ପାଇଁ ସରକାରଙ୍କ ଠାରେ ନିବେଦନ ପୂର୍ବକ ଏକ ଦାବିପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡାଙ୍କ ଜରିଆରେ ଓଡ଼ିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଙ୍କୁ ପ୍ରଦାନ କରିଛନ୍ତି ।

### ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବାଣିଜ୍ୟ ଦିବସ-୨୦୨୬ ପାଳିତ

## ନବସୃଜନ, ନୈତିକତା ଓ ଉଦ୍ୟୋଗୀ ସୃଷ୍ଟି ଉପରେ ଗୁରୁତ୍ୱାରୋପ

ନୀଳଗିରି, ୦୮/୦୮ (ଜେଏନ୍ଏସ୍) : ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ବ୍ୟବସାୟ ପରିଚାଳନା ବିଭାଗ ଓ କର୍ମଚାରୀ ପରିଚାଳନା ଏବଂ ଔଦ୍ୟୋଗିକ ସମ୍ପର୍କ ବିଭାଗର ମିଳିତ ସହଯୋଗରେ ବାଣିଜ୍ୟ ଦିବସ-୨୦୨୬ ପାଳନ କରାଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ, ଗବେଷକ, ଛାତ୍ରଛାତ୍ରୀ ଓ ବିଶିଷ୍ଟ ଅତିଥିମାନେ ଯୋଗଦେଇ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ବାଣିଜ୍ୟ ଓ ପରିଚାଳନା ଶିକ୍ଷାର ବଦଳୁଥିବା ଭୂମିକା ଉପରେ ଆଲୋଚନା କରିଥିଲେ ।

ବ୍ୟବସାୟ ପରିଚାଳନା ବିଭାଗର ମୁଖ୍ୟ ତଥା କର୍ମଚାରୀ ପରିଚାଳନା ଏବଂ ଔଦ୍ୟୋଗିକ ସମ୍ପର୍କ ବିଭାଗର ସଂଯୋଜିକା ପ୍ରଫେସର ପଦ୍ମଲିତା ରାଉତରାୟ ବର୍ତ୍ତମାନ ସମୟରେ ବହୁବିଷୟକ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଛାତ୍ରଛାତ୍ରୀମାନେ ନେତୃତ୍ୱ ଦକ୍ଷତା ଓ ନୈତିକ ମୂଲ୍ୟବୋଧକୁ ଆପଣାଇ ବାଣିଜ୍ୟ କ୍ଷେତ୍ରରେ ନିଜ ବୃତ୍ତି ଗ୍ରହଣ କରି ଆଗକୁ ବଢ଼ିବାକୁ ସେ ଆହ୍ୱାନ ଦେଇଥିଲେ । ସଭାରେ ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀ




### ଛାତ୍ରଛାତ୍ରୀମାନେ ଦକ୍ଷତା ଓ ନୈତିକ ମୂଲ୍ୟବୋଧକୁ ଆପଣାଇ ବାଣିଜ୍ୟ କ୍ଷେତ୍ରରେ ନିଜ ବୃତ୍ତି ଗ୍ରହଣ କରିବାକୁ ଆହ୍ୱାନ

ସନ୍ତୋଷ କୁମାର ତ୍ରିପାଠୀ- ବାଣିଜ୍ୟ ବିଭାଗକୁ ଏଭଳି ଏକ ସମୟୋପଯୋଗୀ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅଭିନନ୍ଦନ ଜଣାଇ ପ୍ରଶଂସା କରିଥିଲେ । ସେ କହିଥିଲେ, ବର୍ତ୍ତମାନ ବାଣିଜ୍ୟ ଶିକ୍ଷା କେବଳ ହିସାବ ଓ ଅର୍ଥନୀତିରେ ସୀମିତ ନାହିଁ; ଏହା ନବସୃଜନ, ଡିଜିଟାଲ ରୂପାନ୍ତରଣ, ସ୍ଥାୟୀ ବିକାଶ ଓ ଉଦ୍ୟୋଗୀ ସୃଷ୍ଟିକୁ ମଧ୍ୟ ସାମିଲ କରୁଛି । ସତ୍ୟନିଷ୍ଠା, ବୃତ୍ତିଗତ ଦକ୍ଷତା ଓ ସାମାଜିକ ଦାୟିତ୍ୱବୋଧ ସହ ନିଜକୁ ପ୍ରସ୍ତୁତ କରି ବିଶ୍ୱସ୍ତରୀୟ ସୁଯୋଗର ସଦୁପଯୋଗ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଜାତୀୟ ଶିକ୍ଷା ନୀତି ଅନୁରୂପ ଗୁଣାତ୍ମକ ଶିକ୍ଷା, ଗବେଷଣା ଓ ଶିଳ୍ପାନୁଷ୍ଠାନ ଭିତ୍ତିକ ଶିକ୍ଷା ପ୍ରଦାନ ପାଇଁ ବିଶ୍ୱବିଦ୍ୟାଳୟ ପ୍ରୟାସରତ ବୋଲି ସେ ମତବ୍ୟକ୍ତ କରିଥିଲେ ।

ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ପ୍ରଫେସର ପ୍ରଭାତ କୁମାର ମହାନ୍ତି ଯୋଗଦେଇ- ଶିକ୍ଷା ସହ ବ୍ୟବହାରିକ ଅଭିଜ୍ଞତାର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ । ବିଶ୍ଳେଷଣାତ୍ମକ ଚିନ୍ତାଧାରା, ଆର୍ଥିକ ସଚେତନତା ଓ ଆଜୀବନ ଶିକ୍ଷା ପ୍ରତି ଆଗ୍ରହ ହିଁ ବଦଳୁଥିବା ବ୍ୟବସାୟିକ ପରିବେଶରେ ସଫଳତାର ଚାବିକାଠି ବୋଲି ସେ କହିଥିଲେ । ବିଶେଷ ସମ୍ମାନିତ ଅତିଥି ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ରଞ୍ଜନ କୁମାର ବଳ ଯୋଗଦେଇ -ଉଦ୍ୟୋଗୀ ସୃଷ୍ଟି, ନବସୃଜନ ଓ ନୈତିକ ବ୍ୟବସାୟ ପଦ୍ଧତିର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ । ଛାତ୍ରଛାତ୍ରୀମାନେ କେବଳ ଚାକିରି ଖୋଜୁଥିବା ନୁହେଁ, ବରଂ ଚାକିରି ସୃଷ୍ଟି କରୁଥିବା ଉଦ୍ୟୋଗୀ ହେବାକୁ ସେ ଆହ୍ୱାନ ଦେଇଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ନିଜ ବକ୍ତବ୍ୟରେ, ଦାୟିତ୍ୱବାନ ବୃତ୍ତିଜୀବୀ ଓ ସଫଳ ଉଦ୍ୟୋଗୀ ସୃଷ୍ଟିରେ ବାଣିଜ୍ୟ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ । ବାଣିଜ୍ୟ ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ । ବାଣିଜ୍ୟ ବିଭାଗର ସଂଯୋଜକ ଡକ୍ଟର ଦେବଦତ୍ତ ଦାସ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ବିଭାଗ ଅଧ୍ୟାପିକା ଡ଼କ୍ଟର ଗାୟତ୍ରୀ ଗୁହା ରାୟ ଓ ଶୁଭଶ୍ରୀ ଖିଲାର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ବାଣିଜ୍ୟ ବିଭାଗର ସହକାରୀ ଅଧ୍ୟାପକ ଡ଼କ୍ଟର ରାଜାରାମ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫକୀରମୋହନ ବିଶ୍ୱବିଦ୍ୟାଳୟର ଉଦ୍ୟମୀଙ୍କ ଅଭିନବ ଉଦ୍ଭାବନ, ପ୍ରଶଂସା କଲେ ରାଷ୍ଟ୍ରପତି



ନୀଳଗିରି, ୦୮/୦୮ : ଫକୀରମୋହନ ବିଶ୍ୱବିଦ୍ୟାଳୟ ଆଉ ଏକ ଗୌରବମୟ ସଫଳତା ହାସଲ କରିଛି । ଭାରତ ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ସହଯୋଗରେ ପରିଚାଳିତ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତି ବ୍ୟବସାୟ ଉଦ୍ୟମ ପ୍ରୋତ୍ସାହନ କେନ୍ଦ୍ରର ଜଣେ ଉଦ୍ୟମୀ ରାଷ୍ଟ୍ରପତିଙ୍କ ସମ୍ମୁଖରେ ନିଜର ଅଭିନବ ଉଦ୍ଭାବନ ପ୍ରଦର୍ଶନ କରି ଜାତୀୟ ସ୍ତରରେ ସ୍ୱୀକୃତି ହାସଲ କରିଛନ୍ତି ।

ବିଶ୍ୱବିଦ୍ୟାଳୟର ପ୍ରଥମ ଉଦ୍ୟମୀ ତଥା 'ହ୍ୟାକାଥନ୍-୨.୦'ର ବିଜେତା ଶ୍ରୀମତୀ ଶୀତଳ ଦତ୍ତରାମ ଜେମାନେ, 'ଗାର୍ଗୀ ଅଟୋମେଟେଡ୍ ଆଣ୍ଡ ରୋବୋଟିକ୍ ଗ୍ୟାଜେଟ୍ ଇଣ୍ଡଷ୍ଟ୍ରିଜ୍' ର ନିର୍ମାତା- ଶାରୀରିକ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ଜୀବନକୁ ଅଧିକ ସୁବିଧାଜନକ କରିବା ପାଇଁ ସ୍ୱୟଂଚାଳିତ ରୂପାନ୍ତରଣଯୋଗ୍ୟ ଶଯ୍ୟା-ଆସନ ବ୍ୟବସ୍ଥା ନାମକ ଏକ ଅଭିନବ ଉପକରଣର ସଫଳ ବିକାଶ କରିଛନ୍ତି ।

୨୦୨୩ ମସିହାରେ ମିଳିଥିବା ଆର୍ଥିକ ସହାୟତା ସହ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତି ବ୍ୟବସାୟ ଉଦ୍ୟମ ପ୍ରୋତ୍ସାହନ କେନ୍ଦ୍ରର ନିରନ୍ତର ବୈଷୟିକ ଓ ଅନୁଷ୍ଠାନିକ ସହଯୋଗରେ ଏହି ଉଦ୍ଭାବନ ସାକାର ରୂପ ନେଇଛି । ଓଡ଼ିଶା ତଥା ବିଶ୍ୱବିଦ୍ୟାଳୟ ପାଇଁ ଗର୍ବର ବିଷୟ ଯେ, ନୀତି ଆୟୋଗର ଅଟଳ ନବସୃଜନ ଅଭିଯାନ ପକ୍ଷରୁ ସମଗ୍ର ଦେଶରୁ ଚୟନ କରାଯାଇଥିବା ମାତ୍ର ୨୬ ଜଣ ତୃଣମୂଳସ୍ତରୀୟ ଉଦ୍ଭାବକଙ୍କ ମଧ୍ୟରେ ଶ୍ରୀମତୀ ଜେମାନେ ସ୍ଥାନ ପାଇଥିଲେ । ଗତ ଜୁଲାଇ ୩୧ ତାରିଖରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ପ୍ରଦର୍ଶନୀ ଓ ସମ୍ମାନ ପ୍ରଦାନ ଉତ୍ସବରେ ସେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସମ୍ମୁଖରେ ନିଜର ଉଦ୍ଭାବନ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ଅଭିନବ ଉଦ୍ଭାବନର ଉଚ୍ଚ ପ୍ରଶଂସା କରିବା ସହ ସମାଜର ବାସ୍ତବ ସମସ୍ୟାର ସମାଧାନ ପାଇଁ ବୈଜ୍ଞାନିକ ଚିନ୍ତାଧାରାକୁ ବ୍ୟବହାରିକ ପ୍ରୟୋଗ ସହ ଯୋଡ଼ିଥିବା ତୃଣମୂଳସ୍ତରୀୟ ଉଦ୍ଭାବକମାନଙ୍କ ପ୍ରୟାସକୁ ସାଧୁବାଦ ଜଣାଇଥିଲେ । ଦେଶକୁ ଅଧିକ ସମାବେଶୀ ଓ ଆତ୍ମନିର୍ଭର କରିବା ଦିଗରେ ଏଭଳି ଜନହିତକର ପ୍ରଯୁକ୍ତିର ବିକାଶ ଜାରି ରଖିବାକୁ ସେ ସେମାନଙ୍କୁ ଉତ୍ସାହିତ କରିଥିଲେ ।

ଏହି ସଫଳତା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦୂରଦର୍ଶୀ ନେତୃତ୍ୱ ଓ ପ୍ରଗତିଶୀଳ ଚିନ୍ତାଧାରାର ପ୍ରତିଫଳନ । ତାଙ୍କ ମାର୍ଗଦର୍ଶନରେ ବିଶ୍ୱବିଦ୍ୟାଳୟ ଶିକ୍ଷା, ଗବେଷଣା, ନବସୃଜନ, ଉଦ୍ୟମିତା ଓ ସାମାଜିକ ଦାୟିତ୍ୱ କ୍ଷେତ୍ରରେ କ୍ରମାଗତ ସଫଳତା ହାସଲ କରି ଓଡ଼ିଶାର ଅଗ୍ରଣୀ ସରକାରୀ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।

ଏହି ସଫଳତାରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, କୁଳସଚିବ ଶ୍ରୀମତୀ କୁକୁମିନା ଦାସଙ୍କ ପ୍ରୋତ୍ସାହନ ଓ ପ୍ରଯୁକ୍ତି ବ୍ୟବସାୟ ଉଦ୍ୟମ ପ୍ରୋତ୍ସାହନ କେନ୍ଦ୍ରର ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାଢ଼ୀଙ୍କ ବୈଷୟିକ ପରାମର୍ଶ ଓ ନିରନ୍ତର ମାର୍ଗଦର୍ଶନ ବିଶେଷ ଭୂମିକା ଗ୍ରହଣ କରିଛି ଓ ସମଗ୍ର ବିଶ୍ୱବିଦ୍ୟାଳୟ ପରିବାର ପକ୍ଷରୁ ଶ୍ରୀମତୀ ଜେମାନେ ଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

ଏହି ଜାତୀୟ ସ୍ୱୀକୃତି ବିଶ୍ୱବିଦ୍ୟାଳୟର ନବସୃଜନ ପରିବେଶର ବର୍ଦ୍ଧିତ ସାମର୍ଥ୍ୟକୁ ପୁନର୍ବାର ପ୍ରମାଣିତ କରିଛି । ଯୁବ ଉଦ୍ଭାବକଙ୍କୁ ପ୍ରୋତ୍ସାହିତ କରିବା, ପ୍ରଯୁକ୍ତିନିର୍ଭର ଉଦ୍ୟମିତାକୁ ବିକଶିତ କରିବା ଏବଂ ସମାଜୋପଯୋଗୀ ସମାଧାନ ସୃଷ୍ଟି ମାଧ୍ୟମରେ ଆତ୍ମନିର୍ଭର ଭାରତ ଗଠନରେ ଅବଦାନ ରଖିବା ପ୍ରତି ବିଶ୍ୱବିଦ୍ୟାଳୟର ଦୃଢ଼ ସଂକଳ୍ପକୁ ଏହା ଆହୁରି ସୁଦୃଢ଼ କରିଛି ।

ନବସୃଜନ ଓ ସାମାଜିକ ପ୍ରଭାବ କ୍ଷେତ୍ରରେ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠିତ ହେବା ଦିଗରେ ବିଶ୍ୱବିଦ୍ୟାଳୟର ଯାତ୍ରାରେ ଏହା ଆଉ ଏକ ଗୌରବମୟ ଅଧ୍ୟାୟ ।

### ପୂର୍ବତନ ବିଧାୟକଙ୍କ ଝିଅଙ୍କୁ ଯୌତୁକ ନିର୍ଯାତନା

## ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କଲା ପୋଲିସ

ଦେବଗଡ, ୦୮/୦୮ (ଜେଏନ୍ଏସ୍) : ଯୌତୁକ ନିର୍ଯାତନା ରୋକିବା ପାଇଁ କଠୋର ଆଇନ ହୋଇଥିଲେ ମଧ୍ୟ ସଚେତନତା ଅଭାବରୁ ଅନେକ ନିର୍ଯାତନା ଘଟଣା ସାମ୍ନାକୁ ଆସୁଛି । ଦେବଗଡ଼ର ଜଣେ ପୂର୍ବତନ ବିଧାୟକଙ୍କ ଝିଅକୁ ଯୌତୁକ ନିର୍ଯାତନା ଓ ହତ୍ୟା ଉଦ୍ୟମ ଘଟଣାରେ ଦେବଗଡ଼ ପୋଲିସ ଜଣେ ଯୁବକକୁ ଅନୁଗୋଳରୁ ଗିରଫ କରି କୋର୍ଟ ଚାଲାଣ କରିଛି ।




ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱର ସ୍ଥିତ ଜଗନ୍ନାଥ ନଗର ଜିଜିପି କଲୋନୀ( ଫଚେଶ୍ୱର)ର ଚିନ୍ମୟ ମିଶ୍ରଙ୍କ ପୁଅ ସବ୍ୟସାଚୀ ମିଶ୍ର ଗତ ୨୦୨୩ ଡିସେମ୍ବର ୮ ତାରିଖ ଦିନ ଦେବଗଡ ପୌରାଂଚଳ ଶାସନ ସାହିର ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଝିଅ ସୋନାଲି ପାଣିଗ୍ରାହୀଙ୍କୁ ହିନ୍ଦୁ ରୀତିନୀତି ସହିତ ବିବାହ କରିଥିଲେ । ବିବାହ ସମୟରେ ସୋନାଲୀଙ୍କ ପରିବାର ଲୋକେ ସାମର୍ଥ୍ୟ ଅନୁଯାୟୀ ଘରକରଣା ସାମଗ୍ରୀ ସହିତ ୧୦୭ ଗ୍ରାମର ସୁନା ଅଳଙ୍କାର ପ୍ରଦାନ କରିଥିଲେ । ବିବାହ ପରେ ୨୦୨୪ ମାର୍ଚ୍ଚ ମାସ ୮ ତାରିଖ ସ୍ୱାମୀ- ସ୍ତ୍ରୀ(ସବ୍ୟସାଚୀ ଓ ସୋନାଲି) ଗୋଆ ବୁଲିବାକୁ ଯାଇଥିଲେ । ତେବେ ଏହା ପୂର୍ବରୁ ସୋନାଲୀଙ୍କ ଶାଶୂ(ସବ୍ୟସାଚୀଙ୍କ ମା') ଗୋଆ ଯିବା ସମୟରେ ସୁନା ଅଳଙ୍କାର ନେବାକୁ ମନା କରିବା ସହ ଲକରରେ ରଖିଦେବାକୁ କହି ସୁନା ଅଳଙ୍କାର ଗୁଡିକୁ ମାଗି ନେଇଥିଲେ । ସବ୍ୟସାଚୀ ଓ ସୋନାଲି ଗୋଆରୁ ଫେରିବା ପରେ ସୋନାଲିଙ୍କ ଶାଶୂ ଓ ଶ୍ୱଶୁର ବାପଘରୁ ଅଧିକ ସୁନା ଓ ଟଙ୍କା ଆଣିବାକୁ କହି ନାନା ମାନସିକ ନିର୍ଯ୍ୟାତନା ଦେଇଥିଲେ । ଅନ୍ୟପକ୍ଷରେ ସ୍ୱାମୀ ସବ୍ୟସାଚୀ ନିଶା (ଡ୍ରଗ୍ସ) ଖାଉଥିବା ଜାଣିବାକୁ ପାଇ ସୋନାଲି ଶ୍ୱଶୁର(ସବ୍ୟସାଚୀଙ୍କ ପିତା)ଙ୍କୁ ଜଣାଇବାରୁ ସବ୍ୟସାଚୀ ତାଙ୍କୁ କୋଠରୀ ଭିତରେ ପୁରାଇ ପ୍ରବଳ ମାଡ ମାରିଥିଲେ ହେଁ କେହି ମନା କରିନଥିଲେ । ୨୦୨୪ ଏପ୍ରିଲ ୧୮ ତାରିଖ ଦିନ ସୋନାଲିଙ୍କୁ ତାଙ୍କ ଶ୍ୱଶୁର 'ତୁମେ ତୁମ ସ୍ୱାମୀଙ୍କ ସହିତ ରହିଲେ ସେ ଆଉ ଖରାପ ବାଟରେ ଯିବନାହିଁ 'ବୋଲି କହିବାସହ ପୁଅ ସବ୍ୟଚାସୀ ଅନୁଗୋଳରେ ଏକ ଘର ଦେଖିଥିବା ଦର୍ଶାଇ ବାପା(ସୋନାଲିଙ୍କ ବାବା)ଙ୍କୁ କହି ଉକ୍ତ ଘରଟି କିଣିଦେବାକୁ ପରାମର୍ଶ ଦେଇଥିଲେ । ସୋନାଲି ଏକଥା ତାଙ୍କ ଭାଇଙ୍କୁ ଜଣାଇବାରୁ ଏଥିରେ ସେ ରାଜି ହେବାସହ ସୋନାଲିଙ୍କ ନାମରେ ଉକ୍ତ ଘରଟି କିଣିବାକୁ ଆବଶ୍ୟକ କାଗଜପତ୍ର ପଠାଇବାକୁ କହିଥିଲେ । ଏକଥା ଶୁଣି ସବ୍ୟସାଚୀ(ସୋନାଲିଙ୍କ ସ୍ୱାମୀ) ରାଗିଯିବା ସହ ତାଙ୍କ ମା'(ସବ୍ୟସାଚୀଙ୍କ ମା') ଙ୍କ ନାମରେ କିଣିବାକୁ ପରାମର୍ଶ ଦେବାସହ ଏହା ନହେଲେ ସେ ସୋନାଲିଙ୍କୁ ରଖିବେ ନାହିଁ ବୋଲି କହିଥିଲେ । ସୋନାଲିଙ୍କ ବଡଭାଇ ଗତ ୨୦ ୨୪ ଅଗଷ୍ଟ ମାସ ୧୯ ତାରିଖରେ ଉଭୟ (ସୋନାଲି ଓ ସବ୍ୟସାଚୀ)ଙ୍କୁ ଫୋନ ଯୋଗେ ଦେବଗଡ ଆସିବାକୁ କହିଥିଲେ ଏବଂ ଏହାପର ଦିନ ଅର୍ଥାତ ୨୦ ତାରିଖ ଦିନ ଉଭୟେ ଦେବଗଡ ଆସିଥିଲେ । ସୋନାଲି ଓ ସବ୍ୟସାଚୀ ସେହିଦିନ ସୋନାଲିଙ୍କ ବାପ ଘରେ ଥିବା ସମୟରେ ସୋନାଲିଙ୍କ ବଡଭାଇ ଆଲୋକ ଭଉଣୀ ସୋନାଲି ନାମରେ ଉକ୍ତ ଘରଟି କିଣିବାକୁ ସବ୍ୟସାଚୀଙ୍କୁ ପ୍ରସ୍ତାବ ଦେଇଥିଲେ । ମାତ୍ର ସବ୍ୟସାଚୀ କିଛି ନକହି ଚୁପ ରହିଥିଲେ । ଆଲୋକ ଖାଇବାକୁ ଯାଇଥିବା ସମୟରେ ସବ୍ୟସାଚୀ ସୋନାଲୀଙ୍କୁ ଉପରେ ରାଗିଯାଇ ତାଙ୍କ( ସବ୍ୟସାଚୀଙ୍କ) ମା'ଙ୍କ ନାମରେ କିଣିବାକୁ କାହିଁକି ଭାଇଙ୍କୁ କହୁନାହୁ ବୋଲି ପଚାରିଥିଲେ । ସୋନାଲି ଏଥିରେ ରାଜି ନହେବାରୁ ସବ୍ୟସାଚୀ ତାଙ୍କୁ ଲାତ ମାରିବାସହ ହତ୍ୟା ଧମକ ଦେଇଥିଲେ । ଏପରିକି ସୋନାଲିଙ୍କର ତଂଟିଚିପି ହତ୍ୟା ଉଦ୍ୟମ କରିବାରୁ ସୋନାଲି ଚେତାଶୂନ୍ୟ ହୋଇପଡିଥିଲେ । ତାଙ୍କର ଚେତା ଫେରିବା ପରେ ସେ ଡାକ୍ତରଖାନାରେ ଥିବା ଏବଂ ତାଙ୍କ ଭାଇ ଓ ଡ୍ରାଇଭର ତାଙ୍କୁ ଉଦ୍ଧାର କରିଥିବା ଜାଣିବାକୁ ପାଇଥିଲେ । ସେହିପରି ସବ୍ୟସାଚୀ ତାଙ୍କୁ ଛାଡି ତାଙ୍କ ଘରକୁ ଚାଲିଯାଇଥିଲେ । ଏହା ପରଠାରେ ସୋନାଲିଙ୍କ ବାପା ଓ ମା' ଅନେକ ବାର ସବ୍ୟସାଚୀଙ୍କ ଘରକୁ ଯାଇ ଯୋଗାଯୋଗ କରିବାରୁ ସବ୍ୟସାଚୀଙ୍କ ପରିବାର ଲୋକେ କଥାବାର୍ତ୍ତା କରିବୁ ଓ ସୋନାଲିଙ୍କୁ ନେଇ ଆସିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ପ୍ରତିଶ୍ରୁତି ପାଳନ କରିନଥିଲେ । ଗତ ଏପ୍ରିଲ ୧୧ ତାରିଖରେ ସେମାନେ ଅନୁଗୋଳ ଯାଇ ସବ୍ୟସାଚୀଙ୍କୁ ସାକ୍ଷାତ କରିବାରୁ ସେ କୌଣସି ସମାଧାନ ନାହିଁ ବୋଲି ଉତ୍ତରଦେବା ସହିତ ଆଗ ଜାଗା କିଣିଦିଅ । ତା' ପରେ ଯାଇ ଆଣିବା କଥା ବିଚାର କରାଯିବ ବୋଲି ଉତ୍ତର ଦେଇଥିଲେ । ଫଳରେ ସୋନାଲି ବାଧ୍ୟ ହୋଇ ଗତ ଏପ୍ରିଲ ୧୩ ତାରିଖରେ ଦେବଗଡ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ ।

## ଓଡ଼ିଶାର ହଟିବ ଓଡ୍ରାଫ୍ ହେବ ଏସ୍‌ଡିଆର୍‌ଏଫ୍

ଭୁବନେଶ୍ୱର, ୦୮/୦୮: ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକ୍ସନ୍ ଫୋର୍ସର ନବକଳେବର ହେବ । ଓଡ୍ରାଫ୍‌ରୁ ଓଡ଼ିଶା କଟି 'ଷ୍ଟେଟ୍ ଡିଜାଷ୍ଟର ରେସ୍‌ପନ୍‌ସ ଫୋର୍ସ' ହେବ । ଏହାକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସମର୍ପିତ ବାହିନୀରେ ପରିଣତ କରିବା ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ । ସେହିପରି, ଓଡ୍ରାଫ ପାଇଁ ସ୍ୱତନ୍ତ୍ର ବାଟାଲିଅନ୍ ଗଠନ ସହିତ ଏହାର ନେତୃତ୍ୱ ଓ ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରିବାକୁ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ଆଜି (ମଙ୍ଗଳବାର) ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।

ଲୋକସେବା ଭବନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସାମ୍ପ୍ରତିକ ବନ୍ୟା ପରିପ୍ରେକ୍ଷୀରେ ପ୍ରତିକୂଳ ପରିସ୍ଥିତିରେ ଓଡ୍ରାଫ୍ ଦ୍ୱାରା ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ପ୍ରଦତ୍ତ ସେବା ଏବଂ ସମ୍ମୁଖୀନ ହୋଇଥିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।



ଅଗଷ୍ଟ ୪ ତାରିଖ ସୁଦ୍ଧା ୯ଟି ଜିଲ୍ଲାରେ ପ୍ରାୟ ୫୮ ଘଣ୍ଟାର ରାତ୍ରିକାଳୀନ ଉଦ୍ଧାର ଅଭିଯାନ ସହ ପ୍ରାୟ ୫୯ଟି ବୋଟ୍ ବ୍ୟବହୃତ ହୋଇଛି । ଏଥିରେ ୮୫୨ ଜଣ ପୁରୁଷ ଏବଂ ୫୪୧ ଜଣ ମହିଳାଙ୍କୁ ଓଡ୍ରାଫ୍ ଦ୍ୱାରା ସୁରକ୍ଷିତ ଉଦ୍ଧାର କରାଯାଇଛି । ପ୍ରାୟ ୫୯ଟି ଓଡ୍ରାଫ୍ ଟିମରେ ୬୭୪ ଜଣ ଉଦ୍ଧାରକାର୍ଯ୍ୟରେ ନିୟୋଜିତ ହୋଇ ଦିନ ରାତି ଏକ କରି ସମର୍ପିତ ହୋଇ ଜନସାଧାରଣଙ୍କୁ ସେବା ଏବଂ ସହାୟତା ଯୋଗାଇ ଦେଇଛନ୍ତି । ୧୯ଜଣ ଗର୍ଭବତୀ ମହିଳାଙ୍କୁ ଉଦ୍ଧାର କରାଯିବା ସହ ୬ଜଣ ସାପ କାମୁଡ଼ିଥିବା ରୋଗୀଙ୍କୁ ଉଚିତ୍ ସମୟରେ ଉଦ୍ଧାର କରାଯାଇଛି । ସେହିପରି ଜରୁରୀକାଳୀନ ଡାକ୍ତରୀ ସେବା ନିମନ୍ତେ ୨୫ଟି ଉଦ୍ଧାର କାର୍ଯ୍ୟ କରାଯାଇଥିବା ବେଳେ ୨୧୩ ପଶୁସମ୍ପଦଙ୍କୁ ମଧ୍ୟ ଓଡ୍ରାଫ୍ ଟିମ୍ ଉଦ୍ଧାର କରିଛନ୍ତି କ୍ଷ ଏଥିସହିତ ପ୍ରଭାବିତ ଅଞ୍ଚଳରେ ଟଳିପଡ଼ିଥିବା ୧୮ଟି ବିଶାଳ ଗଛକୁ କାଟି ଯାତାୟତ ପଥ ସୁଗମ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ସର୍ବମୋଟ୍ ୪୯୦ଘଣ୍ଟା ଧରି ନିରବଚ୍ଛିନ୍ନ ଭାବେ ଓଡ୍ରାଫ୍ ଟିମ୍ ସଫଳତାର ସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ସେବା ପ୍ରଦାନ କରିଛନ୍ତି ।

ଓଡ୍ରାଫ୍ ଦ୍ୱାରା ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରଦତ୍ତ ବ୍ୟାପକ ସେବା କାର୍ଯ୍ୟର ସମୀକ୍ଷା କରି ମାନ୍ୟବର ମନ୍ତ୍ରୀ ଉଦ୍ଧାରକାରୀ ଦଳର ପ୍ରଶଂସା କରିବା ସହ ଏପରି ପ୍ରତିକୂଳ ପରିସ୍ଥିତିରେ ଓଡ୍ରାଫ୍ ଟିମର ସାହସିକତା ଏବଂ ସମର୍ପିତ ମନୋଭାବ ଆମକୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆହୁରି ସଶକ୍ତ କରିବା ସହ ଆତ୍ମବିଶ୍ୱାସ ଯୋଗାଇଛି ବୋଲି ମତବ୍ୟକ୍ତ କରିଥିଲେ ।

ସୂଚନାଯୋଗ୍ୟ ଯେ, ବିପର୍ଯ୍ୟୟ ପରିଚାଳନା (ସଂଶୋଧନ) ଆଇନ୍, ୨୦୨୫ ଅଧୀନରେ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ /ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ୍ (ଏସ୍‌ଡ଼ିଆର୍‌ଏଫ୍) ସ୍ଥାପନ ସହ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ବ୍ୟାପକ କରିବା ନିମନ୍ତେ ଅଧ୍ୟାଦେଶ ରହିଛି । ଏହି ପରିପ୍ରେକ୍ଷୀରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରତ୍ୟେକ ରାଜ୍ୟରେ ଏସ୍‌ଡ଼ିଆର୍‌ଏଫ୍ ଗଠନ ସହ ଏହାର କାର୍ଯ୍ୟପ୍ରଣାଳୀ, ତାଲିମ୍ ପ୍ରକ୍ରିୟା, ପରିଚାଳନା ସମ୍ପର୍କିତ ବିସ୍ତୃତ ରୂପରେଖ ମଧ୍ୟ ଗୃହୀତ ହୋଇଛି । ଏହି କ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ପରିଚାଳନା କମିଟିର ବୈଠକରେ ଓଡ୍ରାଫକୁ ରାଜ୍ୟର ଏସ୍‌ଡ଼ିଆର୍‌ଏଫ୍ ଭାବେ ଉନ୍ନୀତ କରିବା ନିମନ୍ତେ ଆଲୋଚନା ହୋଇଛି ।

ଆଗାମୀ ଦିନରେ ନିର୍ମିତ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଭବନରେ ଏହାର ମୁଖ୍ୟାଳୟ ଅବସ୍ଥାପିତ ହେବାକୁ ଥିବା ବେଳେ ନୂତନ ୧୦ଟି ୟୁନିଟ୍ ସହ ସମୁଦାୟ ୩୦ଟି ୟୁନିଟ୍ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ହେବେ । ସେହିପରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡ଼ିଏମ୍‌ଏ) ପୁଲିସ ବିଭାଗର ପରାମର୍ଶ ତଥା ସହଯୋଗ କ୍ରମେ ଓଡ୍ରାଫର କାର୍ଯ୍ୟ, ପ୍ରଶିକ୍ଷଣ, ଆବଶ୍ୟକ ଭିତ୍ତିଭୂମି, ସରଞ୍ଜାମ ଏବଂ ନିଯୁକ୍ତି ତଥା ମାନବସମ୍ବଳ ପରିଚାଳନାକୁ ଆଧାର କରି ଏକ ସମ୍ପୂର୍ଣ୍ଣ ଏସଓପି ପ୍ରସ୍ତୁତ କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍, ଓଏସ୍‌ଡ଼ିଏମ୍‌ଏର ପରାମର୍ଶଦାତା ଡ. କମଳ ଲୋଚନ ମିଶ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀମତୀ ସୁସ୍ମିତା ବେହେରା, ଅର୍ଥନୈତିକ ପରାମର୍ଶଦାତା ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ଆଚାର୍ଯ୍ୟ ଏବଂ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ରାଷ୍ଟ୍ରପତିଙ୍କୁ ହସ୍ତଶିଳ୍ପର କଳାକୃତି ଉପହାର ଦେଲେ ରାଜ୍ୟପାଳ



ଭୁବନେଶ୍ୱର, ୦୮/୦୮ (ଜେଏନ୍ଏସ୍) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ମଙ୍ଗଳବାର ସକାଳେ ଲୋକଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରାଷ୍ଟ୍ରପତିଙ୍କୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ କରୁଥିବା ସ୍ୱତନ୍ତ୍ର ଉପହାର ପ୍ରଦାନ କରିଛନ୍ତି । ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ଅଭିମୁଖେ ଗସ୍ତ ପୂର୍ବରୁ ଏହି ଉପହାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ । ଏହି ଉପହାରରେ ଜାତୀୟ ହସ୍ତତନ୍ତ ପୁରସ୍କାରପ୍ରାପ୍ତ ତଥା ଜିଆଇ ଟ୍ୟାଗ୍ ସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ବାନ୍ଧ ଶାଢ଼ି, ପିପିଲିର ପାରମ୍ପରିକ ଚାନ୍ଦୁଆ ଭେଲଭେଟ ଉତ୍ତରୀୟ ଏବଂ କଟକର ସୂକ୍ଷ୍ମ ରୂପା ତାରକସି କଳାରେ ନିର୍ମିତ ଭଗବାନ ଗଣେଶଙ୍କ ଏକ ପ୍ରତିମୂର୍ତ୍ତି ଥିଲା । ଏହି ଅନନ୍ୟ କଳାକୃତିଗୁଡ଼ିକ ଓଡ଼ିଶାର ଅତୁଳନୀୟ କାରିଗରୀ ଦକ୍ଷତା, ସମୃଦ୍ଧ ପରମ୍ପରା ଓ କଳାତ୍ମକ ଉତ୍କର୍ଷତାର ପରିଚୟ ବହନ କରିବା ସହ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଛି ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ନ୍ୟାୟିକ କାର୍ଯ୍ୟର ରିପୋର୍ଟିଂ ଉପରେ ସମ୍ପୂର୍ଣ୍ଣ କଟକଣା ନାହିଁ : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୦୮/୦୮ : ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାର ବିଚାର ସମ୍ପର୍କିତ ଖବର ପ୍ରସାରଣ ନେଇ ବେଳେ ବେଳେ ଦ୍ୱନ୍ଦ ଦେଖା ଦେଇଛି। ତେବେ ନ୍ୟାୟିକ କାର୍ଯ୍ୟର ରିପୋର୍ଟିଂ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଛନ୍ତି। କିନ୍ତୁ ଖବର ସରବରାହ ସଂସ୍ଥାଗୁଡିକ ରିପୋର୍ଟିଂର ଅଂଶ ଭାବେ କୋର୍ଟ ଶୁଣାଣିର ଅଡିଓ ଓ ଭିଡିଓ କ୍ଲିପ ସେୟାର କିମ୍ବା ଅପଲୋଡ କରିପାରିବେ ନାହିଁ। ଗତ ୨୪ ତାରିଖରେ ଦେଇଥିବା ନିଜର ଅନ୍ତରୀଣ ନିର୍ଦ୍ଦେଶ ଉପରେ ସ୍ପଷ୍ଟୀକରଣ ଦେଇ ସୁପ୍ରିମକୋର୍ଟ ଏହା କହିଛନ୍ତି।

ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ ପୂର୍ବ ନିର୍ଦ୍ଦେଶରେ ଅନୁଚ୍ଛେଦ ୧୧ ସମ୍ପର୍କରେ କିଛି ଦ୍ୱନ୍ଦ୍ୱ ରହିଛି। କୋର୍ଟ ଏହାକୁ ସ୍ପଷ୍ଟ କରିବାକୁ ଚାହାନ୍ତି। ଏହି ପ୍ରତିବନ୍ଧକ କେବଳ ରିପୋର୍ଟିଂରେ ନ୍ୟାୟିକ କାର୍ଯ୍ୟର ଅଡିଓ ଏବଂ ଭିଡିଓ ରେକର୍ଡିଂର ବ୍ୟବହାର ପର୍ଯ୍ୟନ୍ତ ସୀମିତ ରହିଛି। ଏହାକୁ ଗଣମାଧ୍ୟମର ରିପୋର୍ଟିଂ ଉପରେ ସମ୍ପୂର୍ଣ୍ଣ କଟକଣା ଭାବେ ବ୍ୟାଖ୍ୟା କରାଯିବା ଅନୁଚିତ। ତେଣୁ, ଏପରି ସଂସ୍ଥାଗୁଡ଼ିକ ନ୍ୟାୟିକ କାର୍ଯ୍ୟ ଉପରେ ରିପୋର୍ଟିଂ କରିବା ଏବଂ ସାଧାରଣ ଲୋକଙ୍କୁ ଆଇନଗତ ବିକାଶ ଓ ନ୍ୟାୟିକ ଘୋଷଣା ବିଷୟରେ ସୂଚନା ଦେବା ଜାରି ରଖିପାରିବେ। ତେବେ ସଂସ୍ଥାଗୁଡିକୁ ପୂର୍ବ ନିର୍ଦ୍ଦେଶର ଅନୁଚ୍ଛେଦ ୧୦ରେ ଉଲ୍ଲେଖ କରାଯାଇଥିବା କଟକଣାଗୁଡ଼ିକୁ ପାଳନ କରିବାକୁ ପଡ଼ିବ। ଗତ ୨୪ ତାରିଖରେ କୋର୍ଟ ପ୍ରଶାସନର ଅନୁମତି ବିନା ନ୍ୟାୟିକ କାର୍ଯ୍ୟର ଅଡିଓ-ଭିଡିଓ ରେକର୍ଡିଂର ପୋଷ୍ଟିଂ ଓ ଅପଲୋଡ୍ କରିବାକୁ ନେଇ ସାମାଜିକ ଗଣମାଧ୍ୟମ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ପ୍ଲାଟଫର୍ମ ଉପରେ ସୁପ୍ରିମକୋର୍ଟ କଟକଣା ଲଗାଇ ଦେଇଥିଲେ। ଜଣେ ସାମ୍ବାଦିକଙ୍କ ଦ୍ୱାରା ଦାଏର ଏହି ଆବେଦନ ଉପରେ କେନ୍ଦ୍ର ଏବଂ କିଛି ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମକୁ ନୋଟିସ ଜାରି କରି ଜବାବ ମାଗିଥିଲେ। ଏହି ପ୍ରସଙ୍ଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆବେଦନକାରୀଙ୍କ ଓକିଲ ବିକାଶ ସିଂହ କହିଥିଲେ।

# ଆସାମରେ ପ୍ରଳୟଙ୍କାରୀ ବନ୍ୟା



## ଶିବସାଗର ଜିଲାରେ ସର୍ବାଧିକ ୪୮ ମୃତ

ଗୁଆହାଟି, ୦୮/୦୮ : ଆସାମରେ ବନ୍ୟା ବିପର୍ଯ୍ୟୟ ସୃଷ୍ଟି କରିଛି। ଏହା ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ଦୁର୍ବିସହ କରିଦେଇଛି। ବନ୍ୟା ରାଜ୍ୟରେ ବିପୁଳ କ୍ଷୟକ୍ଷତି ଘଟାଇଛି। ଏବେ ବି ସ୍ଥିତିରେ କୌଣସି ଉନ୍ନତି ଆସିନାହିଁ। ବନ୍ୟା ଦାଉରେ ଶିବସାଗର ଜିଲା ସର୍ବାଧିକ ପ୍ରଭାବିତ ହୋଇଛି। ଏହି ଜିଲାରେ କେବଳ ୪୮ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ମୋଟ ରାଜ୍ୟରେ ବନ୍ୟା ଜନିତ ମୃତ୍ୟୁ ସଂଖ୍ୟା ୮୮ରେ ପହଞ୍ଚିଛି। ଶିବସାଗର ଜିଲାରେ ହଜାର ହଜାର ଘର ଭାଙ୍ଗି ଯାଇଛି। ଲୋକେ ଯନ୍ତ୍ରଣାରେ ଜର୍ଜରିତ ହେଉଛନ୍ତି। ଜଳବନ୍ଦୀ ଗାଁ ଗୁଡ଼ିକ ବିପର୍ଯ୍ୟୟର କରୁଣ କାହାଣୀ କହୁଛନ୍ତି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ବନ୍ୟା ଜନିତ ମୃତ୍ୟୁରେ ଶିବସାଗର ଜିଲାରେ ନଜିରା ଅଞ୍ଚଳ ଆଗରେ ରହିଛି। ଏଠାରେ ୨୯ ଜଣ, ଶିବସାଗରରେ ୯ ଜଣ, ସୋନାରିରେ ୬ ଜଣ, ଆମଗୁରି ଏବଂ ଡେମୋରେ ୨ ଜଣ ଲେଖାଏଁ ପ୍ରାଣ ହରାଇଛନ୍ତି। ଅନେକ ଘର କ୍ଷତିଗ୍ରସ୍ତ ହୋଇଥିବାରୁ ଲୋକେ ବାହାରେ ରହୁଛନ୍ତି। ସେହିପରି ନଦୀରେ ଭାସିଯାଇ ଚରାଇଦେଉ ଜିଲାର ୨୯ ଜଣଙ୍କ ମୃତ୍ୟୁ ହୋଇଛି। ଏହା ବ୍ୟତୀତ ଜୋରାହାଟ ଜିଲାରେ ୯ ଜଣ, ଗୋଲାଘାଟରେ ୪ ଜଣ, ଧିମାଜୀ, ସୋନିତପୁର, କାର୍ବି ଆଙ୍ଗଲଙ୍ଗ ଏବଂ କାମରୁପ ମେଟ୍ରୋରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି।

ଅନ୍ୟପଟେ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ବୁଧବାର ଶିବସାଗର ଏବଂ ଚରାଇଦେଓ ଜିଲା ଗସ୍ତରେ ଯାଇ ତୃଣମୂଳସ୍ତରର ସ୍ଥିତି ସମୀକ୍ଷା କରିଛନ୍ତି। ସେ ବନ୍ୟା ପ୍ରଭାବିତ ପରିବାରକୁ ମଧ୍ୟ ଭେଟିଛନ୍ତି। ନଡ୍ଡା ଟ୍ରାକ୍ଟରରେ ମରୁନ ଗାଁ ଏବଂ ରିଲିଫ କ୍ୟାମ୍ପକୁ ଯାଇଥିଲେ। ସେ ଏଠାରେ ବାସ ହରାଇଥିବା ଲୋକଙ୍କ ସ୍ଥିତି ପଚାରି ବୁଝିଥିଲେ।

ନଡ୍ଡା କହିଥିଲେ ଯେ କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପକ୍ଷରୁ ସେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ସମସ୍ତ ପ୍ରକାରର ଆର୍ଥିକ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆସାମ ଲୋକଙ୍କ ପାଇଁ ରିଲିଫ ସାମଗ୍ରୀ ନିଅଣ୍ଟ ହେବନାହିଁ ବୋଲି କହିଛନ୍ତି।

# ଓଡ଼ିଶା କ୍ରିକେଟ୍ ପ୍ରଶାସନିକ ସ୍ୱଚ୍ଛତା ଓ ମୁଖ୍ୟମନ୍ତ୍ରୀଙ୍କ ନୈତିକ ଭୂମିକା

ଓଡ଼ିଶାର କ୍ରୀଡ଼ା ଇତିହାସରେ ବାରବାଟୀ ଷ୍ଟାଡିୟମ୍ ଏକ ସ୍ୱତନ୍ତ୍ର ପରିଚୟ ବହନ କରେ। ଆଜି କ୍ରିକେଟ୍ କେବଳ ଏକ ଲୋକପ୍ରିୟ ଖେଳ ନୁହେଁ; ଏହା ଲକ୍ଷ ଲକ୍ଷ ଯୁବକଙ୍କ ସ୍ୱପ୍ନ, କୋଟି କୋଟି ଦର୍ଶକଙ୍କ ଭାବନା ଏବଂ ଓଡ଼ିଶାର କ୍ରୀଡ଼ା ପରିଚୟର ଏକ ପ୍ରମୁଖ ଅଂଶ। ବାରବାଟୀ ଷ୍ଟାଡିୟମ୍ ରାଜ୍ୟର ଏକମାତ୍ର ଭେନ୍ୟୁ, ଯେଉଁଠାରେ ଭାରତୀୟ ଦଳର ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆୟୋଜନ ହୁଏ। ଏହାର ପରିଚାଳନା କରୁଛି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ), ଯାହା ଏକ ସ୍ୱାଧୀନ ନିବନ୍ଧିତ କ୍ରୀଡ଼ା ସଂସ୍ଥା।

ଆନ୍ତର୍ଜାତିକ ମ୍ୟାଚ୍ ଆୟୋଜନ ରାଜ୍ୟ ପାଇଁ ଗୌରବର ବିଷୟ ହୋଇଥିବା ବେଳେ, ଅନ୍ୟପଟେ ଓସିଏର ପ୍ରଶାସନିକ ସ୍ୱଚ୍ଛତା, ନିର୍ବାଚନ, ଦୀର୍ଘମିଆଦୀ ବିକାଶ ଯୋଜନା ଓ ବାଣିଜ୍ୟିକ ଲିଗ୍ ପରିଚାଳନାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି।

ସର୍ବପ୍ରଥମେ ଯେଉଁ ପ୍ରଶ୍ନଟି ସାମ୍ନାକୁ ଆସୁଛି, ତାହା ହେଉଛି ଓସିଏର ନିର୍ବାଚନ। ୨୦୨୨ରେ ନିର୍ବାଚନ ସମ୍ପନ୍ନ ହୋଇଥିବାରୁ ସାଧାରଣ ଆଶା ଥିଲା ଯେ ୨୦୨୫ରେ ପରବର୍ତ୍ତୀ ନିର୍ବାଚନ ହେବ। କିନ୍ତୁ ତାହା ହୋଇନାହିଁ। ନୂତନ କ୍ରୀଡ଼ା ଆଇନ ଆସିବା ପର୍ଯ୍ୟନ୍ତ ନିର୍ବାଚନ ସ୍ଥଗିତ ରଖିବା ନେଇ ଆଲୋଚନା ହୋଇଥିବା ସୂଚନା ମିଳିଥିଲେ ମଧ୍ୟ, ଏହାର ଆଇନଗତ ଆଧାର ଏବଂ ବର୍ତ୍ତମାନ ପ୍ରଶାସନ କେଉଁ ବୈଧ ବ୍ୟବସ୍ଥା ଅନୁସାରେ କାର୍ଯ୍ୟ କରୁଛି, ସେ ସମ୍ପର୍କରେ ସ୍ପଷ୍ଟ ସାର୍ବଜନୀନ ବ୍ୟାଖ୍ୟା ମିଳିନାହିଁ।

ଏହା କୌଣସି ବ୍ୟକ୍ତିବିଶେଷଙ୍କ ବିରୋଧରେ ପ୍ରଶ୍ନ ନୁହେଁ। ବରଂ ଏକ ସ୍ୱାଧୀନ ନିବନ୍ଧିତ କ୍ରୀଡ଼ା ସଂସ୍ଥାରେ ନିର୍ଦ୍ଧାରିତ ସମୟରେ ନିର୍ବାଚନ ନ ହେଲେ, ତାହାର ଆଇନଗତ ଓ ପ୍ରଶାସନିକ ବ୍ୟାଖ୍ୟା ସଦସ୍ୟ ଏବଂ କ୍ରିକେଟ୍‌ପ୍ରେମୀଙ୍କୁ ଦିଆଯିବା ସ୍ୱାଭାବିକ ଆଶା।

ଦେଶର ଅନ୍ୟ କିଛି କ୍ରିକେଟ୍ ସଂଘରେ ନିର୍ବାଚନୀ ଅଚଳାବସ୍ଥା ପରେ ଅସ୍ଥାୟୀ ପ୍ରଶାସନିକ ବ୍ୟବସ୍ଥା କିମ୍ବା ନ୍ୟାୟାଳୟଙ୍କ ହସ୍ତକ୍ଷେପରେ ନିର୍ବାଚନ କରାଯାଇଥିବା ଦୃଷ୍ଟାନ୍ତ ରହିଛି। ଏହା ଓସିଏ ପାଇଁ ଆଇନଗତ ନଜିର ନୁହେଁ, କିନ୍ତୁ ଏକ ମୌଳିକ ପ୍ରଶ୍ନ ଉଠାଏ—ନିର୍ବାଚନ ବିଳମ୍ବିତ ହେଲେ ସଂସ୍ଥାର ପ୍ରଶାସନିକ ନିରନ୍ତରତା ପାଇଁ ଓସିଏର ନିୟମାବଳୀରେ କେଉଁ ବ୍ୟବସ୍ଥା ରହିଛି?

## ନିର୍ବାଚନ ବିଳମ୍ବ, 'ଭିଜନ–୨୦୨୪'ର ହିସାବ, ଓପିଟିଏଲ୍‌ର ଭବିଷ୍ୟତ ଏବଂ ଉତ୍ତମ ଶାସନକୁ ନେଇ ବଢୁଥିବା ପ୍ରଶ୍ନ

ଏହା ସହିତ ଓସିଏର 'ଭିଜନ–୨୦୨୪' ମଧ୍ୟ ଆଲୋଚନାର କେନ୍ଦ୍ରବିନ୍ଦୁରେ ରହିଛି। ଏହି ଦସ୍ତାବିଜରେ ଜିଲ୍ଲାସ୍ତରରେ କ୍ରିକେଟ୍‌ର ବିକାଶ, ପ୍ରତିଭା ଚିହ୍ନଟ, କ୍ଲବ୍ କ୍ରିକେଟ୍‌ର ସମ୍ପ୍ରସାରଣ ଓ ବିଭିନ୍ନ ବିକାଶମୂଳକ ଲକ୍ଷ୍ୟ ସ୍ଥିର କରାଯାଇଥିଲା। ୨୦୨୬ରେ ପହଞ୍ଚିଥିବା ପରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି— ଏହି ଲକ୍ଷ୍ୟଗୁଡ଼ିକ ମଧ୍ୟରୁ କେତୋଟି ପୂରଣ ହୋଇଛି? ଏହାର କୌଣସି ସାର୍ବଜନୀନ ଅଗ୍ରଗତି ରିପୋର୍ଟ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ।

ଓଡ଼ିଶା ପ୍ରୋ ଟି–୨୦ ଲିଗ୍ (ଓପିଟିଏଲ୍)କୁ ରାଜ୍ୟ କ୍ରିକେଟ୍‌ର ଏକ ନୂଆ ଅଧ୍ୟାୟ ବୋଲି କୁହାଯାଇଥିଲା। କିନ୍ତୁ ଓଡ଼ିଶାରେ ଫ୍ରାଞ୍ଚାଇଜ୍ ଭିତ୍ତିକ କ୍ରିକେଟ୍‌ର ଇତିହାସ ୨୦୧୨ରୁ ରହିଛି। ତେଣୁ ଏହାକୁ ପ୍ରଥମ ଫ୍ରାଞ୍ଚାଇଜ୍ ଲିଗ୍ ବୋଲି ଦର୍ଶାଇବା ଐତିହାସିକ ଭାବେ ସଠିକ୍ ନୁହେଁ।

୨୦୨୫ରେ ଓପିଟିଏଲ୍ ପରିଚାଳନା ପାଇଁ ଏକ ବେସରକାରି ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ପରବର୍ତ୍ତୀ ସଂସ୍କରଣ ପାଇଁ ପୁଣି ନୂତନ ପରିଚାଳନା ସଂସ୍ଥା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ପୂର୍ବ ଚୁକ୍ତିର ପ୍ରକୃତ ଅବଧି, ତାହାର ସର୍ତ୍ତ ଓ ପରିବର୍ତ୍ତନର କାରଣ ସମ୍ପର୍କରେ ସ୍ୱଚ୍ଛତାର ଆବଶ୍ୟକତା ଅନୁଭୂତ ହେଉଛି। ଏହି ସମସ୍ତ ପ୍ରସଙ୍ଗ ମଧ୍ୟରେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଭୂମିକାକୁ ନେଇ ମଧ୍ୟ ଆଲୋଚନା ହେଉଛି। ବାରବାଟୀ ଷ୍ଟାଡିୟମ୍‌ରେ ଭାରତ–ଦକ୍ଷିଣ ଆଫ୍ରିକା ଦିନକିଆ ମ୍ୟାଚ୍ ପାଇଁ ପ୍ରସ୍ତୁତି ବୈଠକରେ ସେ ଉପସ୍ଥିତ ରହି ସମୀକ୍ଷା କରିଥିଲେ। ସେ ଓସିଏର ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ଏକ ନୈତିକ ପ୍ରଶ୍ନ ଉଠୁଛି। ବାରବାଟୀରେ ଆନ୍ତର୍ଜାତିକ ମ୍ୟାଚ୍ ଆୟୋଜନର ପ୍ରସ୍ତୁତି ଯଦି ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷାରେ ରହୁଛି, ତେବେ ଓଡ଼ିଶା କ୍ରିକେଟ୍‌ର ଦୀର୍ଘମିଆଦୀ ବିକାଶ, ପ୍ରଶାସନିକ ସ୍ୱଚ୍ଛତା, ନିୟମିତ ନିର୍ବାଚନ ଏବଂ 'ଭିଜନ–୨୦୨୪'ର ଅଗ୍ରଗତି ନେଇ ମଧ୍ୟ ସମାନ ଗୁରୁତ୍ୱ ସହ ସମୀକ୍ଷା ହେବା ଉଚିତ ନୁହେଁ କି?

ଏହା ସରକାରୀ ହସ୍ତକ୍ଷେପର ପ୍ରଶ୍ନ ନୁହେଁ; ବରଂ ଉତ୍ତମ ଶାସନ ଓ ନୈତିକ ଦାୟିତ୍ୱର ପ୍ରସଙ୍ଗ। ବାରବାଟୀ ଷ୍ଟାଡିୟମ୍‌ରେ ଆଲୋକ ଜଳିବା ଏବଂ ଆନ୍ତର୍ଜାତିକ ମ୍ୟାଚ୍ ସଫଳତାର ସହ ଆୟୋଜିତ ହେବା ନିଶ୍ଚିତ ଭାବେ ଗୌରବର ବିଷୟ। କିନ୍ତୁ ଓଡ଼ିଶା କ୍ରିକେଟ୍‌ର ପ୍ରକୃତ ସଫଳତାର ମାପଦଣ୍ଡ କେବଳ ଆନ୍ତର୍ଜାତିକ ମ୍ୟାଚ୍‌ର ସଂଖ୍ୟା ନୁହେଁ; ବରଂ ଜିଲ୍ଲାସ୍ତରରେ କ୍ରିକେଟ୍‌ର ବିକାଶ, ରାଜ୍ୟର ବିଭିନ୍ନ ଜିଲ୍ଲାରେ ପେଶାଦାର ଟୁର୍ନାମେଣ୍ଟ, ଯୁବ ପ୍ରତିଭାଙ୍କୁ ସୁଯୋଗ, ବିଭିନ୍ନ ଜିଲ୍ଲାରେ ଖେଳପଯୋଗୀ ପଡିଆ, କେବଳ ରାଜଧାନୀ ବା ସଂଲଗ୍ନ ଅଞ୍ଚଳ ନୁହେଁ ରାଜ୍ୟର ବିଭିନ୍ନ ସ୍ଥାନରେ କ୍ରିକେଟର ସୁପ୍ରସ୍ତୁତ ପଡିଆ, ନିୟମିତ ନିର୍ବାଚନ, ସୁଶାସନ ଓ ସଂସ୍ଥାଗତ ସ୍ୱଚ୍ଛତା ହିଁ ଏହାର ପ୍ରକୃତ ପରିଚୟ।

ବାରବାଟୀର ଫ୍ଲଡ୍‌ଲାଇଟ୍ କେବଳ ଷ୍ଟାଡିୟମ୍‌କୁ ଆଲୋକିତ କରିବା ପାଇଁ ନୁହେଁ; ସେହି ଆଲୋକ ଓଡ଼ିଶାର ପରବର୍ତ୍ତୀ ପିଢ଼ିର କ୍ରିକେଟର୍‌ମାନଙ୍କ ସ୍ୱପ୍ନ, ସମ୍ଭାବନା ଓ ଭବିଷ୍ୟତକୁ ମଧ୍ୟ ଆଲୋକିତ କରୁଛି କି ନାହିଁ—ଏହି ପ୍ରଶ୍ନର ଉତ୍ତର ହିଁ ଶେଷ ପର୍ଯ୍ୟନ୍ତ ଓଡ଼ିଶା କ୍ରିକେଟ୍‌ର ପ୍ରକୃତ ସଫଳତାକୁ ନିର୍ଦ୍ଧାରଣ କରିବ।

# ସ୍କୁଲରେ ଗୁଳିକାଣ୍ଡ : ୮ ମୃତ, ୧୯ ଆହତ



ନୂଆଦିଲ୍ଲୀ, ୦୮/୦୮: ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକର ଏକ ସ୍କୁଲରେ ଗୁଳିକାଣ୍ଡ ଘଟିବା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଜଣେ ଛାତ୍ର ଗୁଳି ଚଳାଇ ପ୍ରାୟ ୧୯ ଜଣ ଛାତ୍ରଙ୍କୁ ଆହତ କରିଥିବା ଏବଂ ଜଣେ ଶିକ୍ଷକଙ୍କ ସମେତ ଅନ୍ୟ ୮ ଜଣଙ୍କୁ ହତ୍ୟା କରିଥିବା ଜଣାପଡ଼ିଛି। ପ୍ଲାଇ ବାଙ୍ଗ ପୁଲିସ ମୁଖ୍ୟ ଲେଫ୍ଟନାଣ୍ଟ କର୍ଣ୍ଣେଲ ପାସାକୋର୍ଣ୍ଣ ଚୈତାଭିଭୋଙ୍ଗ ଗୁଳିକାଣ୍ଡକୁ ନିଶ୍ଚିତ କରି କହିଛନ୍ତି ଯେ ନନ୍ଥାବରି ପ୍ରଦେଶର ବାଙ୍ଗ କ୍ରୁଆଇ ଜିଲ୍ଲାର ସ୍କୁଲରେ ଗୁଳିକାଣ୍ଡ ଘଟିଛି। ଏହି ଗୁଳିକାଣ୍ଡ ପରେ ଛାତ୍ର ଭାବରେ ଚିହ୍ନଟ ହୋଇଥିବା ଉକ୍ତ ସନ୍ଦିଗ୍ଧ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛି।

ରିପୋର୍ଟ ଅନୁଯାୟୀ, ବ୍ୟାଙ୍କକର ଉତ୍ତର-ପଶ୍ଚିମ ଉପକଣ୍ଠରେ ଅବସ୍ଥିତ ଦେବସିରିନ୍ ନନ୍ଥାବରି ସ୍କୁଲରେ ଆଜି ଛାତ୍ର ଜଣକ ଗୁଳି ଚଳାଇଥିଲେ। ସୋସିଆଲ ମିଡିଆରେ ପ୍ରସାରିତ ଫଟୋଗୁଡ଼ିକ ଉଦ୍ଧାରକାରୀ ଦଳ ଆହତମାନଙ୍କୁ ଆମ୍ବୁଲାନ୍ସରେ ନେଉଥିବା ଦେଖାଯାଉଛି। ଗୋଟିଏ ଫଟୋରେ ଉଦ୍ଧାରକାରୀମାନେ ଜଣେ ବ୍ୟକ୍ତିଙ୍କୁ ଷ୍ଟ୍ରେଚରରେ ବୋହି ନେଉଥିବା ଦେଖାଯାଉଛି। ଛାତ୍ର ଏବଂ କର୍ମଚାରୀଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି, ଥାଇଲ୍ୟାଣ୍ଡର ଶିକ୍ଷା ମନ୍ତ୍ରୀ, ପ୍ରାସେର୍ଟ ଜାନ୍ତାରାରୁଆଙ୍ଗଟୋଙ୍ଗ ଗଣମାଧ୍ୟମରେ କହିଛନ୍ତି ଯେ ଗୁଳିକାଣ୍ଡରେ ପ୍ରାୟ ୧୯ ଜଣ ଛାତ୍ର ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବାକି ଛାତ୍ର ଏବଂ କର୍ମଚାରୀଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି। ଦେବସିରିନ୍ ନନ୍ଥାବୁରି ସ୍କୁଲ୍ ହେଉଛି ଏହି ଅଞ୍ଚଳର ଏକ ଜଣାଶୁଣା ଘରୋଇ ଉଚ୍ଚ ମାଧ୍ୟମିକ ସ୍କୁଲ୍, ଯେଉଁଠାରେ ୩,୦୦୦ ଛାତ୍ରଛାତ୍ରୀ ପଢ଼ନ୍ତି। ଆକ୍ରମଣକାରୀ ସେହି ସ୍କୁଲର ଜଣେ ଛାତ୍ର ଥିଲେ, ଯିଏ ପୁଲିସ ଉପସ୍ଥିତିରେ ନିଜକୁ ଗୁଳି କରି ହତ୍ୟା କରିଥିଲେ।

# ରାଶିଫଳ

**ମେଷ :** କର୍ମକ୍ଷେତ୍ରରେ ପରିଶ୍ରମ ଅନୁଯାୟୀ ସଫଳତା ଓ ନୂଆ ସୁଯୋଗ ମିଳିବ। ଧୈର୍ଯ୍ୟ ରଖନ୍ତୁ ଏବଂ ସ୍ୱାସ୍ଥ୍ୟ ପ୍ରତି ସାମାନ୍ୟ ସଚେତନ ରୁହନ୍ତୁ।

**ବୃଷ :** ଶୁକ୍ରଙ୍କ ପ୍ରଭାବରୁ ସୁଖ-ସମୃଦ୍ଧି ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆର୍ଥିକ ସ୍ଥିତି ମଜବୁତ ହେବ ଓ ଜୀବନସାଥୀଙ୍କ ସହଯୋଗ ମିଳିବ।

**ମିଥୁନ :** ଏହି ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଭାଗ୍ୟଶାଳୀ ଓ ଲାଭପ୍ରଦ ରହିବ। ଚାକିରିରେ ପଦୋନ୍ନତି ଏବଂ ବାହନ ସୁଖ ମିଳିବାର ଯୋଗ ଅଛି।

**କର୍କଟ :** ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବ ଏବଂ ଅଟକି ରହିଥିବା ଧନ ଫେରିପାଇବେ। ମାତାଙ୍କ ସ୍ୱାସ୍ଥ୍ୟର ଧ୍ୟାନ ନିଅନ୍ତୁ ଓ ଅଯଥା ଖର୍ଚ୍ଚରୁ ବଞ୍ଚନ୍ତୁ।

**ସିଂହ :** ସମାଜରେ ପ୍ରତିଷ୍ଠା ବଢ଼ିବ ଓ ସନ୍ତାନମାନଙ୍କ ତରଫରୁ ଖୁସି ଖବର ମିଳିବ। କଥାବାର୍ତ୍ତା ଉପରେ ନିୟନ୍ତ୍ରଣ ରଖନ୍ତୁ ଓ ସତର୍କତାର ସହ ଆର୍ଥିକ କାରବାର କରନ୍ତୁ।

**କନ୍ୟା :** ବ୍ୟକ୍ତିତ୍ୱରେ ଚମକ ଆସିବ ଏବଂ ସୃଜନଶୀଳ କାର୍ଯ୍ୟରେ ବଡ଼ ସଫଳତା ମିଳିବ। ଆୟର ନୂଆ ଉତ୍ସ ପ୍ରାପ୍ତ ହେବ ଓ ପରିବାର ସହ ଭ୍ରମଣ ଯୋଗ ରହିଛି।

**ତୁଳା :** ପୁରୁଣା ସମସ୍ୟାର ସମାଧାନ ହେବ ଏବଂ ଅଫିସରେ ଆପଣଙ୍କ କାମକୁ ପ୍ରଶଂସା ମିଳିବ। ଘରକୁ ଅତିଥି ଆସିପାରନ୍ତି, ଆଖି ଜନିତ ସମସ୍ୟା ପ୍ରତି ସତର୍କ ରୁହନ୍ତୁ।

**ବିଛା :** ପ୍ରତିଯୋଗିତାମୂଳକ କ୍ଷେତ୍ରରେ ସଫଳତା ମିଳିବ ଓ ଭାଇ-ଭଉଣୀଙ୍କ ସହ ସମ୍ପର୍କ ସୁଦୃଢ଼ ହେବ। ପରିଶ୍ରମ ଅଧିକ କରିବାକୁ ପଡ଼ିପାରେ, ପେଟ ଜନିତ ସମସ୍ୟାରୁ ସାବଧାନ ରୁହନ୍ତୁ।

**ଧନୁ :** ଆଇନଗତ ସମସ୍ୟାରୁ ମୁକ୍ତି ମିଳିବ ଏବଂ ଭାଗ୍ୟର ପୂର୍ଣ୍ଣ ସହଯୋଗ ପାଇବେ। ଚାକିରି ବଦଳାଇବା ପାଇଁ ଭଲ ସୁଯୋଗ ମିଳିବ ଓ ଆର୍ଥିକ ସ୍ଥିତି ସନ୍ତୋଷଜନକ ରହିବ।

**ମକର :** କଠିନ ପରିଶ୍ରମ ଦ୍ୱାରା ନିଜର ଲକ୍ଷ୍ୟ ହାସଲ କରିବେ, ମାତ୍ର କାର୍ଯ୍ୟରେ ସାମାନ୍ୟ ବିଳମ୍ବ ହୋଇପାରେ। ବାପା-ମାଆଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ଓ ମାନସିକ ଚାପରୁ ଦୂରେଇ ରୁହନ୍ତୁ।

**କୁମ୍ଭ :** ସମାଜରେ ସମ୍ମାନ ବୃଦ୍ଧି ପାଇବ ଓ ଅଂଶୀଦାରୀ ବ୍ୟବସାୟରେ ବଡ଼ ଲାଭ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ ଏବଂ କାର୍ଯ୍ୟକ୍ଷେତ୍ରରେ ନୂଆ ଦାୟିତ୍ୱ ମିଳିବ।

**ମୀନ :** ମନ ସନ୍ତୋଷ ରହିବ ଏବଂ ଅଟକି ରହିଥିବା ସରକାରୀ କାମ ସୁରୁଖୁରୁରେ ସମ୍ପୂର୍ଣ୍ଣ ହେବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ, ନିଜର ଖାଦ୍ୟପେୟ ପ୍ରତି ସଚେତନ ରୁହନ୍ତୁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ସ୍ୱାବଲମ୍ବୀ ଓ ନୂଆ ଓଡ଼ିଶା...

ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ। ସେହିପରି ଯୁବ ଶକ୍ତି ଓ ଅଣୁ କ୍ଷୁଦ୍ର ଶିଳ୍ପ ଉପରେ ଗୁରୁତ୍ୱ ଦେବା ଏହି ବ୍ୟବସ୍ଥାର ବଦଳ ପାଇଁ ଛାତ୍ର ଓ ଯୁବସମାଜକୁ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଛି। ବାହାର ରାଜ୍ୟର ଶିଳ୍ପପତିଙ୍କ ପଛରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ବଦଳରେ ରାଜ୍ୟର ଶିକ୍ଷିତ ଯୁବକ-ଯୁବତୀମାନଙ୍କୁ ଉଦ୍ୟୋଗୀ ଭାବେ ଗଢ଼ିତୋଳି ଅଣୁ ଓ କ୍ଷୁଦ୍ର ଶିଳ୍ପ ମାଧ୍ୟମରେ ହଜାର ହଜାର ନିଯୁକ୍ତି ସୃଷ୍ଟି କରାଯିବ। ସେମିକଣ୍ଡକ୍ଟରଠାରୁ ଆରମ୍ଭ କରି କଳ-କବ୍‌ଜା ପର୍ଯ୍ୟନ୍ତ ସବୁ ସାମଗ୍ରୀ ଓଡ଼ିଶାରେ ହିଁ ତିଆରି ହୋଇ ପ୍ରକୃତ "ମେକ୍ ଇନ୍ ଓଡ଼ିଶା" ସଫଳ ହେବ।

ଜନ ଜାଗରଣର ଅଭିଯାନର ସମ୍ପାଦକ ତଥା ଜନବାର୍ତ୍ତାର ପ୍ରକାଶକ ସାରଦା ପ୍ରସନ୍ନ ସ୍ୱାଇଁ କହିଥିଲେ ଯେ, ଆତ୍ମ ନିର୍ଭରଶିଳ ଓଡ଼ିଶା ଗଢ଼ିବା ପାଇଁ ପ୍ରତି ଓଡ଼ିଆ ଭିତରେ ଆତ୍ମବିଶ୍ୱାସ ରହିବା ଦରକାର। ନିଜ ସ୍ୱାର୍ଥ ଅପେକ୍ଷା ସାମଗ୍ରିକ ସ୍ୱାର୍ଥ ପ୍ରତି ଧ୍ୟାନ ଦେଇ କାମ କଲେ ୨୦୩୬ ଓଡ଼ିଶା ଗଠନର ଶତବାର୍ଷିକୀ ଆମ ପାଇଁ ସ୍ୱାଭିମାନର ବାର୍ତ୍ତା ଦେବ ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବେଙ୍ଗାଲୁରୁରେ ଅବସ୍ଥାନ କରୁଥିବା ଶ୍ରଦ୍ଧା ସୁମନ କହିଛନ୍ତି ଯେ,ନୂଆ ପୀଢ଼ିର ମୁଁ ହୋଇଥିଲେ ହେଁ ନୂଆ ଓଡ଼ିଶା ପାଇଁ ନୂଆ ସ୍ୱପ୍ନ ଦେଖୁଛି ଓ ମିଳିତ ହୋଇ ଆମେ ଏହି ଜଣଜାଗରଣ ଅଭିଯାନ କାର୍ଯ୍ୟକ୍ରମକୁ ଆଗେଇ ନେଲେ ସବୁ ସମ୍ଭବ ହେବ ବୋଲି ସେ କହିଥିଲେ। ସେହିପରି ୱାଟ୍‌କୋର ପୂର୍ବତନ ମୁଖ୍ୟ ପରିଚାଳକ ପ୍ରଦିପ୍ତ କୁମାର ସ୍ୱାଇଁ, ବିଶିଷ୍ଟ ଉଦ୍ୟୋଗୀ ଶାକ୍ୟ ସିଂହ ମହାପାତ୍ର, ଶିକ୍ଷକ ସୁଶାନ୍ତ ଦାସ, ସମାଜସେବୀ ଗିରିଧର ପାଢ଼ୀଙ୍କ ସହ ଜନ ଜାଗରଣର ସମ୍ପାଦକ ସାରଦା ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଗାଁ, ପଞ୍ଚାୟତ, ଜିଲ୍ଲାରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ଶିକ୍ଷକ, କୃଷକ, ବୁଦ୍ଧିଜୀବୀ ଓ ସ୍ୱାଭିମାନୀ ଓଡ଼ିଆମାନଙ୍କୁ ଏହି ଜନ ଆନ୍ଦୋଳନରେ ସାମିଲ ହେବାକୁ ଅନୁରୋଧ କରିଛନ୍ତି। "ସବୁ ଭଲ ବ୍ୟକ୍ତିମାନେ ବାହାରି ଆସନ୍ତୁ, ମିଳିମିଶି ନୂଆ ଓଡ଼ିଶା ଗଢ଼ନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ପ୍ରମୋଦ ସାମନ୍ତରାୟ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ୨୦ ହଜାର ଫୁଟ ଉଚ୍ଚ...

ସବୁଠାରୁ କମ୍ ବୟସର ସଦସ୍ୟା ହେଉଛନ୍ତି ଆରାଧ୍ୟା ଜେନା, ଯିଏ ଜଣେ ସାହସିକ କ୍ରୀଡ଼ା ପ୍ରେମୀ। ଏହି ସମ୍ପୂର୍ଣ୍ଣ ଅଭିଯାନକୁ ଏସୋସିଏସନ ଫର ଆଡଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ ଏବଂ ସଙ୍କେତ କମ୍ୟୁନିକେସନ୍ସ ମିଳିତ ଭାବେ ଆୟୋଜନ କରିଛନ୍ତି। ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ବିଜେତା ଗଣେଶ ଚନ୍ଦ୍ର ଜେନା ଏହି ଦଳର ମ୍ୟାନେଜର ଓ ଗାଇଡ୍ ଭାବେ କାର୍ଯ୍ୟ କରୁଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମର ଟେନିସ ଅଡିଟୋରିୟମରେ ଆୟୋଜିତ ଏକ ସ୍ୱେଚ୍ଛାଚାରୀ ଉତ୍ସବରେ କ୍ରୀଡ଼ା ବିଭାଗର ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଦଳକୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରାଯାଇଛି। ଏହି ୧୧ ଜଣିଆ ଦଳ ଭୁବନେଶ୍ୱରରୁ ଅଗଷ୍ଟ ୭ ତାରିଖରେ ବାହାରିଛନ୍ତି। ହିମାଚଳ ପ୍ରଦେଶରେ ପହଞ୍ଚିବା ପରେ ସେମାନେ ସୋଲାଙ୍ଗ ଭ୍ୟାଲି, ଜିସ୍ପ, ଭରତପୁର ଓ କ୍ୟାମ୍ପ-୧ ଆଦି ସ୍ଥାନ ଦେଇ ଗତି କରିବେ। ଓଡ଼ିଶାର ଏହି ଝିଅମାନେ ହିମାଳୟର ପ୍ରତିକୂଳ ପାଣିପାଗ ଓ କଠିନ ପରିସ୍ଥିତିର ସାମ୍ନା କରି ରାଜ୍ୟ ପାଇଁ ଗୌରବ ଆଣିବାକୁ ପ୍ରଶିକ୍ଷଣ ନେଇ ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ୁଛନ୍ତି। ଓଡ଼ିଶାର ମାନ୍ୟବର ବାଚସ୍ପତି ସୁରମା ପାଢ଼ୀ ମଧ୍ୟ ଏହି ଦଳକୁ ସମ୍ମାନିତ କରି ଶୁଭେଚ୍ଛା ଜଣାଇଛନ୍ତି।

## ମୋହନ ସରକାରଙ୍କୁ ଘେରିବାକୁ...

ରୂପାୟନ। କଂଗ୍ରେସର ଏହି ଦାବି ଉପରେ ବାଚସ୍ପତି ସୁରମା ପାଢ଼ୀ ପ୍ରତିକ୍ରିୟା ରଖିଛନ୍ତି. ସେ ସ୍ପଷ୍ଟ କରିଛନ୍ତି ଯେ ବିଧାନସଭାର ଅଧିବେଶନ ନିଜର ନିର୍ଦ୍ଧାରିତ ସଂସଦୀୟ ନିୟମ ଓ ନିୟମିତ କାର୍ଯ୍ୟସୂଚୀ ଅନୁଯାୟୀ ହିଁ ଆହୁତ ହେବ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଏବଂ ବିଜେପି ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ବିଜନେସ୍ ଆଡଭାଇଜରୀ କମିଟି ବୈଠକରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଲ୍ ଏବଂ ଜନସମସ୍ୟା ଉପରେ ଆଲୋଚନା ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯିବ। କଂଗ୍ରେସ ସହିତ ମୁଖ୍ୟ ବିରୋଧୀ ଦଳ ବିଜେଡି ମଧ୍ୟ ମୋହନ ମାଝୀ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବା ପାଇଁ ପ୍ରସ୍ତୁତି ଚଳାଇଛି। ରାଜ୍ୟରେ ବିଜେପି ସରକାର ଆସିବା ପରେ ଏହା ପ୍ରଥମ ପୂର୍ଣ୍ଣାଙ୍ଗ ମୌସୁମୀ ଅଧିବେଶନ ହେବାକୁ ଥିବାରୁ, ବିରୋଧୀ ଦଳଗୁଡ଼ିକ ଗୃହ ଭିତରେ ସରକାରଙ୍କ "ସଫଳତା ଓ ବିଫଳତା" କୁ ନେଇ ହଙ୍ଗାମା କରିବା ସହ ଅଧିବେଶନ ବେଶ୍ ସରଗରମ ହେବାର ସମ୍ଭାବନା ରହିଛି।

## ଯୁଦ୍ଧକାଳୀନ ଭିତ୍ତିରେ...

ଓ ସୋର ପରି ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି. ବନ୍ୟା ସହାୟତା ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ସିଧାସଳଖ ପଠାଯିବ। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଓଡ଼ିଶାରେ ମୌସୁମୀ ସକ୍ରିୟ ରହିଛି. ଆଗାମୀ ଦିନରେ ଉତ୍ତର ଓ ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ ପରି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ପ୍ରଶାସନକୁ ସତର୍କ ରହିବାକୁ କୁହାଯାଇଛି।

# ଓଡ଼ିଶାରେ ଜିଲ୍ଲା ପୁନର୍ଗଠନ ଲାଗି ସରକାରୀ ତତ୍ପରତା

- ନୂଆ ଜିଲ୍ଲା ଗଠନ ପାଇଁ ଆସିଲାଣି ୩୧ଟି ପ୍ରସ୍ତାବ
- ଗଞ୍ଜାମରୁ ସର୍ବାଧିକ ୫ ଏବଂ ମୟୂରଭଞ୍ଜରୁ ୪ଟି ନୂଆ ଜିଲ୍ଲା ପାଇଁ ଦାବି
- ୨୦୨୬-୨୭ ଆର୍ଥିକ ବର୍ଷ ମଧ୍ୟରେ ନିଷ୍ପତ୍ତି ନେଇପାରନ୍ତି ମୋହନ ସରକାର

ଭୁବନେଶ୍ୱର,୮/୮ (ଜେଏନ୍‌ଏସ୍): ଓଡ଼ିଶାରେ ପ୍ରଶାସନିକ ବିକେନ୍ଦ୍ରୀକରଣ ଏବଂ ସରକାରୀ ସେବାକୁ ଲୋକଙ୍କ ନିକଟତର କରିବା ପାଇଁ ରାଜ୍ୟ ସରକାର ନୂଆ ଜିଲ୍ଲା ଗଠନ ପ୍ରକ୍ରିୟା ଉପରେ ତତ୍ପରତା ପ୍ରକାଶ କରିଛନ୍ତି। ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୂଚନା ଅନୁଯାୟୀ, ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବର୍ତ୍ତମାନ ସୁଦ୍ଧା ୩୧ଟି ନୂଆ ଜିଲ୍ଲା ଗଠନ ପାଇଁ ଆନୁଷ୍ଠାନିକ ଦାବି ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇଛି, ଯାହା ପ୍ରଶାସନିକ ଯାଞ୍ଚ ସ୍ତରରେ ରହିଛି। ଶେଷ ଥର ପାଇଁ ୧୯୯୩ ମସିହାରେ ଓଡ଼ିଶାରେ ଜିଲ୍ଲା ପୁନର୍ଗଠନ କରାଯାଇ ଜିଲ୍ଲା ସଂଖ୍ୟାକୁ ୩୦ କରାଯାଇଥିଲା। ୩ ଦଶନ୍ଧି ପରେ ଜନସଂଖ୍ୟା ବୃଦ୍ଧି ଓ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପ୍ରକ୍ରିୟା ପୁଣି ଆରମ୍ଭ ହୋଇଛି। ସରକାର ୨୦୨୬-୨୭ ଆର୍ଥିକ ବର୍ଷ ମଧ୍ୟରେ ଉପଯୁକ୍ତ ସମୟରେ ମାନଦଣ୍ଡ ଆଧାରରେ ନୂତନ ଜିଲ୍ଲା ଘୋଷଣା ଉପରେ ବିଚାର କରୁଛନ୍ତି। ଛୋଟ ଜିଲ୍ଲା ଗଠନ ହେବା ଦ୍ୱାରା ଆଇନ ଶୃଙ୍ଖଳା ରକ୍ଷା, ତୁରନ୍ତ ସରକାରୀ ସେବା ଯୋଗାଣ ଏବଂ ଜିଲ୍ଲାସ୍ତରୀୟ ଯୋଜନାର ସଠିକ୍ ରୂପାୟନ ସହଜ ହେବ। ରାଜ୍ୟର ୧୬ଟି ବଡ଼ ଜିଲ୍ଲାରୁ ନୂଆ ୩୧ଟି ଜିଲ୍ଲା ଗଠନ ପାଇଁ ଦାବି ହୋଇଛି। ସେଥିମଧ୍ୟରୁ ଗଞ୍ଜାମ (୫ଟି ନୂଆ ଜିଲ୍ଲା ଦାବି): ଘୁମୁସର, ବ୍ରହ୍ମପୁର, ଋଷିକୁଲ୍ୟା (ଆସିକା), ଭଞ୍ଜନଗର ଏବଂ କବିସୂର୍ଯ୍ୟନଗର,ମୟୂରଭଞ୍ଜ (୪ଟି ନୂଆ ଜିଲ୍ଲା- ରାଇରଙ୍ଗପୁର, ପଶ୍ଚିମ ମୟୂରଭଞ୍ଜ, ଖିଚିଂ ଏବଂ କରଞ୍ଜିଆ),ସୁନ୍ଦରଗଡ଼ ପାଇଁ ରାଉରକେଲା, ବୋନାଇ ଏବଂ ବେଦବ୍ୟାସ,ବାଲାଙ୍ଗିର ପାଇଁ ଟିଟିଲାଗଡ଼, କାନ୍ତବାଞ୍ଜି ଏବଂ ପାଟଣାଗଡ଼। ଅନ୍ୟାନ୍ୟ ପ୍ରମୁଖ ସହର ଭୁବନେଶ୍ୱର (ଖୋର୍ଦ୍ଧାରୁ), ପଦ୍ମପୁର (ବରଗଡ଼ରୁ), ତାଳଚେର (ଅନୁଗୁଳରୁ) ଏବଂ ନୀଳଗିରି (ବାଲେଶ୍ୱରରୁ) ଜିଲ୍ଲା ମାନ୍ୟତା ପାଇଁ ଦାବିପତ୍ର ଦେଇଛନ୍ତି। ସରକାର ସମସ୍ତ ପ୍ରସ୍ତାବକୁ ସିଧାସଳଖ ଗ୍ରହଣ ନକରି ସେଗୁଡ଼ିକୁ ନିର୍ଦ୍ଦିଷ୍ଟ ସଂସଦୀୟ ନିୟମ, ଭୌଗୋଳିକ ସୀମା, ଜନସଂଖ୍ୟାର ଘନତ୍ୱ ଏବଂ ଆର୍ଥିକ ବ୍ୟବସ୍ଥା ଆଧାରରେ ଯାଞ୍ଚ କରୁଛନ୍ତି। ରାଜ୍ୟ ରାଜସ୍ୱ ବିଭାଗ ଏବଂ ସ୍ଥାନୀୟ ଜିଲ୍ଲାପାଳମାନଙ୍କ ଠାରୁ ଏଥିପାଇଁ କ୍ଷେତ୍ରସ୍ତରୀୟ ଆକଳନ ରିପୋର୍ଟ ମଗାଯାଇଛି। ନୂଆ ଜିଲ୍ଲା ଗଠନ ହେଲେ ରାଜ୍ୟ ବଜେଟ୍ ଉପରେ ଏକ ବଡ଼ ପ୍ରଭାବ ପଡ଼ିବ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ ପ୍ରତି ନୂଆ ଜିଲ୍ଲାର ଭିତ୍ତିଭୂମି (କଲେକ୍ଟରେଟ୍, ଏସପି ଅଫିସ ଇତ୍ୟାଦି) ପାଇଁ ପ୍ରାୟ ୨୦୦ ରୁ ୩୫୦ କୋଟି ଟଙ୍କା ଆବଶ୍ୟକ ହେବ। କର୍ମଚାରୀଙ୍କ ଦରମା ଓ ପରିଚାଳନା ପାଇଁ ବାର୍ଷିକ ୮୦ ରୁ ୧୨୦ କୋଟି ଟଙ୍କା ଖର୍ଚ୍ଚ ହେବ। ଯଦି ସରକାର ଏଥିମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ୧୦-୧୫ଟି ଜିଲ୍ଲାକୁ ମଧ୍ୟ ଅନୁମୋଦନ କରନ୍ତି, ତେବେ ରାଜ୍ୟ କୋଷାଗାର ଉପରେ ୪,୦୦୦ କୋଟିରୁ ଅଧିକ ଟଙ୍କାର ବ୍ୟୟଭାର ପଡ଼ିବ।

# ଅଗଷ୍ଟ ୧୨ ଏବଂ ୨୮ ରେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ

ଭୁବନେଶ୍ୱର, ୦୮/୦୮ (ଜେଏନ୍‌ଏସ୍) : ଅଗଷ୍ଟ ମାସରେ ଦୁଇଟି ଭିନ୍ନ ତାରିଖରେ ସୂର୍ଯ୍ୟପରାଗ ଏବଂ ଚନ୍ଦ୍ରଗ୍ରହଣ ହେବା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବୋଲି କୁହାଯାଉଛି। ଜ୍ୟୋତିଷଙ୍କ ଅନୁସାରେ, ଗୋଟିଏ ମାସରେ ପରାଗ, ଗ୍ରହଣ ଗୁରୁତ୍ୱପୂର୍ଣ୍ଣ ଘଟଣା, ଯାହାର ପ୍ରଭାବ ଦେଶ ଏବଂ ବିଶ୍ୱରେ ଅନୁଭୂତ ହୁଏ। ଗ୍ରହଣ କେବଳ ଜ୍ୟୋତିର୍ବିଜ୍ଞାନ ଘଟଣା ନୁହେଁ ବରଂ ଶକ୍ତି ପରିବର୍ତ୍ତନର ସମୟ ଭାବରେ ବିବେଚନା କରାଯାଏ। ଏହି ଗ୍ରହଣର ପ୍ରଭାବ ଦେଶ ଏବଂ ଅଞ୍ଚଳ ଅନୁଯାୟୀ ଭିନ୍ନ ହୋଇପାରେ। ଅଗଷ୍ଟରେ ହେଉଥିବା ଏହି ପରାଗ, ଗ୍ରହଣ ଭାରତରେ ପ୍ରଭାବଶାଳୀ ହେବ କି? ଏହି ବର୍ଷର ଶେଷ ସୂର୍ଯ୍ୟପରାଗ ଅଗଷ୍ଟ ୧୨, ୨୦୨୬ରେ ହେବ। ଏହି ପରାଗ ଅଗଷ୍ଟ ୧୨ ରାତି ୯:୦୪ରେ ଆରମ୍ଭ ହେବ ଏବଂ ପରଦିନ ଅଗଷ୍ଟ ୧୩ରେ ସକାଳ ୪:୨୫ରେ ଶେଷ ହେବ। ଜ୍ୟୋତିଷମାନଙ୍କ ଅନୁସାରେ, ଏହା ଏକ ପୂର୍ଣ୍ଣ ସୂର୍ଯ୍ୟପରାଗ ହେବ, କିନ୍ତୁ ଭାରତରେ ଦୃଶ୍ୟମାନ ହେବ ନାହିଁ। ଏହି କାରଣରୁ, ସୂତକ ସମୟ ମଧ୍ୟ ପ୍ରଭାବଶାଳୀ ହେବ ନାହିଁ। ଜ୍ୟୋତିଷମାନଙ୍କ ଅନୁସାରେ ଅଗଷ୍ଟ ୧୨ ତାରିଖରେ ପୂର୍ଣ୍ଣ ସୂର୍ଯ୍ୟପରାଗ ପ୍ରଥମେ ଉତ୍ତର ରୁଷରେ ଦୃଶ୍ୟମାନ ହେବ। ଏହା ପରେ ସ୍ପେନ, ଗ୍ରୀନଲ୍ୟାଣ୍ଡ, ଆଇସଲ୍ୟାଣ୍ଡ ଏବଂ ଉତ୍ତର-ପୂର୍ବ ପର୍ତ୍ତୁଗାଲ ଦେଇ ଗତି କରିବ। ଅଧିକାଂଶ ୟୁରୋପୀୟ ଦେଶ, କାନାଡା, ଉତ୍ତର ଆମେରିକା ଏବଂ ଉତ୍ତର-ପଶ୍ଚିମ ଆଫ୍ରିକାରେ ଏକ ଆଂଶିକ ସୂର୍ଯ୍ୟପରାଗ ଦୃଶ୍ୟମାନ ହେବ।

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

# ‘ଜନ ଜାଗରଣ ଅଭିଯାନ’ ସମାବେଶ

































# ‘ବିଜୟ ହିଁ ବିକଳ୍ପ’

## ‘କଥା ସ୍ୱାଭିମାନର ବିଚାର ଆପଣଙ୍କର’





**ସାରଦା ପ୍ରସନ୍ନ ସ୍ୱାଇଁ**
ସାଧାରଣ ସମ୍ପାଦକ
ଜନ ଜାଗରଣ

ପ୍ରଣାମ ମୋର ପ୍ରିୟ ବନ୍ଧୁଗଣ,

ସମସ୍ତଙ୍କ ମନରେ ଏକ ବଡ ପ୍ରଶ୍ନ ଉଙ୍କି ମାରୁଛି କି ଏଇ ଜନ ଜାଗରଣ ଅଭିଯାନର ଶୁଭାରମ୍ଭ କଣ ପାଇଁ ହେଉଛି କାହା ପାଇଁ ହେଉଛି ?

ମୁଁ ଆପଣ ମାନଙ୍କୁ କହୁଛି ଯେ ଏଇ ଜନ ଜାଗରଣ ଅଭିଯାନ ପ୍ରତିଟି ଓଡ଼ିଆ ଓ ଓଡିଶାର ଭବିଷ୍ୟତ ପୀଢ଼ି ମାନଙ୍କ ମୌଳିକ ଅଧିକାର ପାଇଁ ହେଉଛି । ଆଉ ଏହାର ନେତୃତ୍ୱ ନେଉଛନ୍ତି ଏକ ସଚ୍ଚୋଟ ନିଷ୍କଳଙ୍କ ବ୍ୟକ୍ତିତ୍ୱ, ଓଡ଼ିଶା ମାଟିର ଗର୍ବ ଓ ସୁଯୋଗ୍ୟ ସନ୍ତାନ ଶ୍ରୀଯୁକ୍ତ ବିଜୟ କୁମାର ପଟ୍ଟନାୟକ, ପୂର୍ବତନ ମୁଖ୍ୟ ଶାସନ ସଚିବ ଓଡ଼ିଶା ସରକାର । ଦୀର୍ଘ ୨୬ ବର୍ଷ ହେଲା ମୁଁ ଓଡ଼ିଶା ରାଜନୀତି ଓ ସରକାରକୁ ଅତି ନିକଟରୁ ଦେଖୁଛି । ଅନେକ ଆଇଏସ୍ ଅଧିକାରୀଙ୍କ ସହିତ ସମ୍ପର୍କରେ ଆସିଛି, କିନ୍ତୁ ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କ ପରେ ଯଦି ଆଉ କେଉଁ ଆଇଏସ୍ ଅଧିକାରୀ ଓଡ଼ିଶା ମାଟିରେ ଜନ୍ମ ହୋଇ ଜଣେ ଓଡ଼ିଆ ବୋଲି ଗର୍ବ କରନ୍ତି, ଓ ଓଡ଼ିଆଙ୍କ କଥା ଚିନ୍ତା କରନ୍ତି ସେ ଆଉ କେହି ନୁହନ୍ତି ଆମ ସମସ୍ତଙ୍କ ପ୍ରିୟ “ବିଜୟ ବାବୁ” । ତାଙ୍କ ସହିତ ପରିଚୟ ହେଲାପରେ ସେ ସବୁବେଳେ ମୋତେ କୁହନ୍ତି ଯେ ଓଡ଼ିଆ ପିଲା ମାନେ ଦାଦାନ ଖଟିବାକୁ କାହିଁକି ଯିବେ, ଚାକିରିର ସୁଯୋଗ ଏଇଠି ମିଳିପାରିବ । କୃଷକ ମାନଙ୍କ ପାଇଁ ଶୀତଳ ଭଣ୍ଡାର ଓ ଅନ୍ୟାନ୍ୟ ସମସ୍ତ ପ୍ରକାରର ସୁବିଧା ସରକାଙ୍କ ଦ୍ୱାରା ଉପଲବ୍ଧ କରିହେବ । ପ୍ରତି ବ୍ଲକରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ସୁଧାର ଆଣିବା ଦରକାର ଯେମିତିକି ଯେକୌଣସି ବ୍ୟକ୍ତି ନିଜର ସ୍ୱାସ୍ଥ୍ୟ ଜନିତ ସମସ୍ୟା ନିଜ ବ୍ଲକରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଇ ପାରିବ । ଶିକ୍ଷା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନର ଆବଶ୍ୟକତା ରହିଛି ଏବଂ ତାହା ମଧ୍ୟ ଅତି ସହଜରେ ହେଇ ପାରିବ । ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ସୁଧାର ଆଣିବା ଦରକାର ଯେମିତିକି ବାହାର ପର୍ଯ୍ୟଟକ ମାନେ ଆମ ରାଜ୍ୟକୁ ଆସିଲେ ସେମାନଙ୍କୁ ମୁଖ୍ୟତଃ ଭଲ ଖାଇବା, ଗମନାଗମନ ଓ ସୁରକ୍ଷା ବ୍ୟବସ୍ଥା ସରକାର କରିବା ଦରକାର । ବେଆଇନ ଖଣି ଖନନ ବନ୍ଦ କରିବା ଦରକାର । ବିଜୁଳି ଦରରେ ଏକ ବଡ଼ ଧରଣର ସୁଧାର ଆଣିବା ଦରକାର ଆଉ ଏହା ସମ୍ଭବ ମଧ୍ୟ କାରଣ ଆମ ରାଜ୍ୟରେ ଆବଶ୍ୟକତା ଠାରୁ ଅଧିକ ବିଦ୍ୟୁତ ଉତ୍ପାଦନ ହେଉଛି । କେବଳ ସଚ୍ଚୋଟ ମଣିଷଟି ଯଦି କ୍ଷମତାକୁ ଆସିବ ତାହାଲେ ଏଇ ସବୁ ସମ୍ଭବ ହେଇ ପାରିବ । ଆମର ଯେଉଁ ମୌଳିକ ଅଧିକାର ଅଛି ଯଥା ଆମ ପିଲା ଭଲ ପଢ଼ିବା ପାଇଁ ବ୍ୟବସ୍ଥା, ରହିବା ପାଇଁ ବ୍ୟବସ୍ଥା, ନିଯୁକ୍ତିର ବ୍ୟବସ୍ଥା, ଓ ସାମାଜିକ ସୁରକ୍ଷାର ବ୍ୟବସ୍ଥା ଏଇ ସରକାର କରିବା ଦରକାର । କିନ୍ତୁ ବିଡ଼ମ୍ବନା ଯେ ଅନେକ ଅବ୍ୟବସ୍ଥା ଭିତରେ ସରକାର ଆମର ଚାଲିଛି । ଏଠି ନୈତିକତା ଦୃଷ୍ଟିରୁ ବିଜେପି, ବିଜେଡ଼ି ଓ କଂଗ୍ରେସ ସମସ୍ତେ ସମାନ । ବର୍ଷ ବର୍ଷ ଧରି କେବଳ କିଛିଟା ମୁଷ୍ଟିମେୟ ବ୍ୟକ୍ତି ଲଙ୍କ ପରିବାର କିମ୍ବା ସେଇ ସମାନ ବ୍ୟକ୍ତି ବିଭିନ୍ନ ଦଳ ପରିବର୍ତ୍ତନ କରି ରାଜ୍ୟ ରାଜନୀତିକୁ ହାତ ମୁଠାରେ ରଖି ଦୁର୍ନୀତି କରୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଠି ନେତା ଚରିତ୍ର ଯେମିତି ଭୋଟର ଚରିତ୍ର ମଧ୍ୟ ସେମିତି, କେହି କାହାକୁ କମ ନୁହଁନ୍ତି ।

ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ଏମିତି ଅନେକ ଗୁଡ଼ିଏ ସ୍ୱପ୍ନ ନେଇ ବିଜୟ ବାବୁ ଏଇ ଜନ ଜାଗରଣ ଅଭିଯାନ ଆରମ୍ଭ କରୁଛନ୍ତି । ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ଭଲ ମଣିଷ ଖୋଜିବା ଏବଂ ଏକ ଭିନ୍ନ ପରିଚୟ ସୃଷ୍ଟି କରିବା । କେବଳ ଯଦି ନେତାଟି ଠିକ୍ ବାଛିବା ତାହେଲେ ନୁଆ ଓଡ଼ିଶା ଗଢିବା ପାଇଁ କେହି ଅଟକାଇ ପାରିବେ ନାହିଁ । ଭଲ ମଣିଷ ରାଜନୀତିକୁ ନଆସିବା ଏକ ବିରାଟ ଭୁଲ । କେବଳ ଏହି ଭୁଲ ପାଇଁ ଖରାପ ମଣିଷ ରାଜନୀତିକୁ ନିଜର ବାପ ସମ୍ପତି ଭାବି ମାଡି ବସିଛନ୍ତି ଦୀର୍ଘ ଦିନରୁ, ତେଣୁ ଦୁର୍ନୀତି ପଞ୍ଚାୟତ ଅଫିସ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଦପ୍ତର ପର୍ଯ୍ୟନ୍ତ ବ୍ୟାପିଛି ଓ କ୍ୟାନସର ଭଳି ସବୁ ଅଫିସରଙ୍କ ଶରୀର ଭିତରେ ପଶିକି ରହିଛି । ଏହି ଦୁର୍ନୀତିରୁ ଆମ ରାଜ୍ୟକୁ ବଞ୍ଚେଇବାକୁ ହେଲେ ଭଲ ବ୍ୟକ୍ତି ବିଶେଷଙ୍କୁ ଆଗକୁ ଆସିବାକୁ ପଡିବ ଓ ଆମର କର୍ତ୍ତବ୍ୟ ହେଲା ସେମାନଙ୍କ ହାତରେ ଶାସନ ଭାର ଦେବାକୁ ହେବ ତାହେଲେ ସେମାନେ ଦୁର୍ନୀତି ଠାରୁ ଦୂରେଇ ରହିବେ ଓ କେମୋ ଦେଇ କ୍ୟାନ୍ସର ରୂପୀ ଅଫିସର ମାନଙ୍କୁ ଦୁର୍ନୀତି ମୁକ୍ତ ମଧ୍ୟ କରିବେ । ଆପଣ ମାନେ ଚିନ୍ତା କରନ୍ତୁ ଯଦି ସରପଞ୍ଚଟି ଲାଞ୍ଚ ନେବନି ବା ଦୁର୍ନୀତି କରିବନି ତାହେଲେ ପୁରା ପଞ୍ଚାୟତଟା ଦୁର୍ନୀତିମୁକ୍ତ ହୋଇଯିବ, ଯଦି ବ୍ଲକ ଅଧ୍ୟକ୍ଷଟା ଦୁର୍ନୀତି କରିବନି ତାହେଲେ ପୁରା ବ୍ଲକଟା ଦୁର୍ନୀତି ମୁକ୍ତ ହୋଇଯିବ, ଯଦି ଜିଲ୍ଲା ପରିଷଦ ଅଧ୍ୟକ୍ଷଟା ଦୁର୍ନୀତି କରିବନି ତାହେଲେ ପୁରା ଜିଲ୍ଲାଟା ଦୁର୍ନୀତି ମୁକ୍ତ ହୋଇଯିବ, ଯଦି ବିଧାୟକଟା ଦୁର୍ନୀତି କରିବନି ତାହେଲେ ପୁରା ନିର୍ବାଚନ ମଣ୍ଡଳୀଟା ଦୁର୍ନୀତି ମୁକ୍ତ ହୋଇଯିବ, ଯଦି ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଦୁର୍ନୀତି କରିବେନି ତାହେଲେ କୌଣସି ଅଫିସରବି ସାହାସ କରିବେନି ଦୁର୍ନୀତି କରିବାକୁ । ଦେଖିବେ ନିଶ୍ଚିତ ଭାବେ ପୁରା ରାଜ୍ୟଟା ଦୁର୍ନୀତି ମୁକ୍ତ ହୋଇଯିବ ।

ଶାସନ ମାନେ ସେବା ଓ କ୍ଷମତା ମାନେ ଦାୟିତ୍ୱ ହେବା ଦରକାର ।

“ଆସନ୍ତୁ ଏକାଠି ହେବା ନୁଆ ଓଡ଼ିଶା ଗଢିବା” ।
ତେଣୁ ବିଜୟଙ୍କ ସଂକଳ୍ପ
ଭଲ ଲୋକ ହିଁ ବିକଳ୍ପ ।

ଯୁବ ସମାଜର ଆଶାର କିରଣ.... ବିଜୟ ବାବୁଙ୍କ ନେତୃତ୍ୱରେ ଏକ ନୂତନ ଯୁଗର ଅପେକ୍ଷାରେ.. ମିଶନ ଓ ଭିଜନ ସହିତ ଜଣେ ଜନନେତା ଓ ସମସ୍ତ ସମସ୍ୟାର ସମାଧାନ ପାଇଁ ସର୍ବଦା ପ୍ରସ୍ତୁତ । ତେଣୁ ଯେଉଁମାନେ ଭଲ ମଣିଷ ସେମାନେ ଆସନ୍ତୁ ବିଜୟ ପଟ୍ଟନାୟକଙ୍କ ସହ ହାତ ମିଳାନ୍ତୁ, ଆମ ଓଡ଼ିଆଙ୍କ ଭବିଷ୍ୟତ ଗଢନ୍ତୁ ।

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj , Mayur Printers, Plot No-D1/1, Section-A, Zone-D, Mancheswar Industrial Estate, Khordha, Odhisha-752102,
Ph- 0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra